


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-354 •BHUBANESWAR •SUNDAY •22 JUNE 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୫୪ •ଭୁବନେଶ୍ୱର •ରବିବାର •୨୨ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)



# PRAYASH CLASSES

## NEET RESULT 2025

| 600+ MARKS | 550+ MARKS | 515+ MARKS | TOTAL NO. OF GOVT. MBBS | GOVT MBBS FROM INTEGRATED BATCH | TOTAL NO. OF AIIMS / SCB |
|---|---|---|---|---|---|
| 09 STUDENTS | 95 STUDENTS | 200 STUDENTS | 228 EXPECTED | 39 EXPECTED | 82 EXPECTED |

IN AIR 1000 — 06 STUDENTS

IN AIR 10000 — 80 STUDENTS

| MARKS | AIR | NAME |
|---|---|---|
| 634 | 180 | PABITRA |
| 631 | 219 | ABHISHEK |
| 620 | 456 | ABHAYA |
| 611 | 762 | RITISHA |
| 609 | 845 | JAYJEET |
| 607 | 967 | ALYSSA |
| 606 | 1007 | BISHAL |
| 605 | 1035 | SANDIP |
| 602 | 1250 | OMKAR |
| 599 | 1439 | DEEPAK |
| 595 | 1700 | SWETALINA |
| 594 | 1785 | AYUSHMAN |
| 592 | 2002 | PREETAM |
| 591 | 2070 | SAISUDHA |
| 591 | 2151 | SWAYAMBHU |
| 590 | 2276 | SWAYAMSU |
| 589 | 2295 | VANEESHA |
| 589 | 2339 | ARYAN |
| 588 | 2501 | BARSHARANI |
| 585 | 2769 | SAI SARANYA |
| 585 | 2800 | MANOJ |
| 584 | 2972 | UTTAM |
| 583 | 3018 | SWAYAM |
| 583 | 3076 | SWAYANSHREE |
| 583 | 3088 | SHIBSAGAR |
| 582 | 3177 | ABHIJIT |
| 581 | 3397 | BHRUTI |
| 580 | 3531 | SAAHIL |
| 580 | 3526 | SWAGATIKA |
| 579 | 3606 | ANNAPURNA |
| 578 | 3771 | RAJESH |
| 577 | 4055 | PRIYANSHU |
| 577 | 4064 | DIPTIREKHA |
| 575 | 4384 | MIHIR |
| 575 | 4468 | ASHISH |
| 574 | 4611 | IPSITA NAYAK |
| 572 | 4989 | ALIVA |
| 571 | 5158 | IPSITA KAR |
| 571 | 5158 | ANSUMAN |
| 570 | 5367 | KANHEI |
| 569 | 5596 | SUMIT ROUT |
| 568 | 5862 | TANMAY |
| 568 | 5898 | A.S ANSHUMAN |
| 568 | 5942 | P.J.SONALI |
| 568 | 6010 | KUMAR PRINCE |
| 567 | 6018 | RUDRA |
| 567 | 6078 | R.S. AMRUTA |
| 567 | 6129 | SONALI |
| 567 | 6291 | SIBASISH |
| 566 | 6487 | SUNAYANA |
| 565 | 6577 | JASHOBANT |
| 565 | 6734 | PANKAJ |
| 565 | 6831 | SMRUTI |
| 564 | 7032 | ANWESHA |
| 564 | 7135 | SUBHRANSU |
| 563 | 7245 | SUCHI |
| 563 | 7305 | SOUMYASMITA |
| 563 | 7335 | SRIKRISHNA |
| 562 | 7526 | MONALISA |
| 562 | 7568 | ANSUMAN |
| 562 | 7627 | SWABHIMAN |
| 562 | 7647 | AYUSHMAN |
| 562 | 7736 | SUMIT |
| 562 | 7747 | SWARAJ |
| 561 | 7959 | OM MEHER |
| 561 | 8007 | SWASTIK |
| 561 | 8138 | DEEPAK |
| 560 | 8386 | ARPITA |
| 560 | 8430 | ASUTOSH |
| 559 | 8574 | ROJALIN |
| 559 | 8579 | SUSHREE |
| 559 | 8725 | ABHISHEK |
| 557 | 9448 | PRIYANKA |
| 557 | 9457 | ROHIT |
| 557 | 9563 | PRATIK |
| 556 | 9569 | ANANTA |
| 556 | 9618 | SAI SUBHRA |
| 556 | 9821 | ANINDITA |
| 556 | 9835 | KISHAN |
| 556 | 9868 | SMRUTI |
| 554 | 10506 | SIMRAN |
| 554 | 10576 | HARSHIT |
| 554 | 10693 | RUDRA |
| 553 | 10804 | PRAGYAN |
| 552 | 11316 | NIHARIKA |
| 552 | 11343 | PRIYANSHU |
| 552 | 11409 | SHIBASHISH |
| 552 | 11570 | MRUTUNJAY |
| 551 | 11721 | MOTILIPSHA |
| 551 | 11868 | SOUBHAGYA |
| 551 | 11948 | SUNIL |
| 550 | 12000 | HEMANTA |
| 550 | 12067 | GOURAB |
| 550 | 12229 | NIHARIKA |
| 550 | 12295 | NATASHA |
| 549 | 12463 | SAIKISHAN |
| 549 | 12465 | SUBHASISH |
| 549 | 12627 | ABHISHEK |
| 549 | 12713 | SIDHARTHA |
| 549 | 12720 | SWOSTIK |
| 549 | 12772 | MRITYONJAY |
| 548 | 12935 | AYUSH |
| 548 | 13046 | KRISHNA |
| 548 | 13103 | UMASHANKAR |
| 548 | 13147 | ANWESHA |
| 548 | 13282 | PRIYANSHU |
| 548 | 13361 | PRIMESH |
| 547 | 13496 | PRAJAKTA |
| 547 | 13669 | SUBHASMITA |
| 547 | 13718 | OMM JYOTI |
| 546 | 14008 | SNEHASIS |
| 546 | 14083 | AJITESH |
| 546 | 14145 | ANIL |
| 546 | 14296 | BISWESWAR |
| 546 | 14301 | ULLASH |
| 545 | 14562 | ROHIT |
| 545 | 14563 | SANGRAM |
| 545 | 14661 | ARPITA |
| 545 | 14750 | SOUMIK |
| 544 | 14931 | ANKITA |
| 544 | 15061 | SWEET |
| 543 | 15778 | SWATI |
| 542 | 15930 | JYOTIRANJAN |
| 542 | 16027 | SATYASWARUP |
| 542 | 16057 | MANDEEP |
| 542 | 16142 | SUBHAM |
| 542 | 16754 | AAYUSH |
| 541 | 16626 | SUNITA |
| 541 | 16694 | PRIYANSHU |
| 540 | 17340 | MANJULATA |
| 540 | 17371 | YAGNYASENI |
| 540 | 17440 | HIMANSHU |
| 539 | 17787 | ASHUTOSH |
| 538 | 18239 | SWAYAM |
| 538 | 18649 | SUBHAJIT |
| 537 | 19169 | ARMAN |
| 536 | 19782 | ABHINAB |
| 535 | 20330 | PAYAL |
| 535 | 20528 | OM TIWARI |
| 534 | 20866 | NITISH |
| 533 | 21842 | SANJEEV |
| 533 | 22030 | SASWAT |
| 532 | 22305 | PRIYANKA |
| 532 | 22372 | ANSUMAN |
| 532 | 22434 | SHREYASEE |
| 531 | 23225 | ANUSKA |
| 531 | 23395 | BISWAJIT |
| 531 | 23437 | ADYASHA |
| 530 | 23731 | OMM PRATIK |
| 530 | 23942 | SOUBHAGYA |
| 529 | 24586 | JAGRUTI |
| 528 | 25583 | SUBHASMITA |
| 527 | 26034 | BARSHA |
| 527 | 26145 | HARMONY |
| 527 | 26309 | ASIM |
| 527 | 26463 | DIBYAJYOTI |
| 526 | 26487 | AYUSHMAN |
| 526 | 26657 | SUBHAM |
| 526 | 26821 | BISHNU |
| 526 | 27085 | SOBHALIN |
| 525 | 27601 | AADITYA |
| 525 | 27640 | SASMITA |
| 525 | 27702 | SPANDITA |
| 524 | 28179 | ANSHUMAN |
| 524 | 28186 | ANANYA |
| 524 | 28428 | RUPASHREE |
| 524 | 28476 | NIHARIKA |
| 524 | 28507 | RATNABALI |
| 524 | 28543 | SWAGAT |
| 523 | 29176 | SATWIK |
| 523 | 29466 | SUBHAM |
| 523 | 29533 | ANEESH |
| 523 | 29750 | DEBAJYOTI |
| 522 | 29933 | ABHILIPSA |
| 522 | 30004 | RAJNANDINI |
| 521 | 30737 | ANWESHA |
| 521 | 30887 | MONALISHA |
| 521 | 31269 | SOMYA |
| 520 | 31642 | REONA |
| 520 | 31854 | SOURAV |
| 520 | 31930 | DEBASMIT |
| 519 | 32449 | ARPITA |
| 519 | 32958 | SURYA |
| 519 | 32781 | SOUMYA |
| 518 | 33495 | MOUSUMI |
| 518 | 33832 | SWATI |
| 518 | 33990 | OMM |
| 517 | 34119 | SWAHA |
| 517 | 34135 | SWAYAM |
| 517 | 34273 | SWAPNAMOY |
| 517 | 34604 | RITESH |
| 516 | 35284 | BARSHA |
| 516 | 35290 | SUDEEP |
| 516 | 35340 | RUDRANARAYAN |
| 516 | 35448 | DIBYAJYOTI |
| 516 | 35475 | SAGARIKA |
| 516 | 35674 | ARPITA |
| 516 | 35890 | SUMAN |
| 515 | 36000 | SAMIKSHYA |
| 515 | 36539 | SAYAM |

JAJPUR : TANDARA, SANKHACHILA, JAJPUR, 755015, CONTACT US : +91 78538 48170 | BALASORE : GANESWARPUR, JANUGANJ, INFRONT OF TENTULIA THAKURANI, BALASORE , 756019, CONTACT +91 91247 95476

## ଆଜି ନବୀନଙ୍କ ଅସ୍ତ୍ରୋପଚାର

# ଶୁଭ ମନାସି ରାଜ୍ୟବାସୀ ଜାଳିଲେ ଅଖଣ୍ଡ ଦୀପ

■ ଉପବାସ ସହ ମନ୍ଦିରରେ ମା'ମାନଙ୍କ ପୂଜାର୍ଚ୍ଚନା ■ ବିଭିନ୍ନ ମନ୍ଦିର ନିକଟରେ ଗଣ ଦୀପଦାନ


ଚାନ୍ଦବାଲି, ଭଦ୍ରକ


ଯାଜପୁର


ଢେଙ୍କାନାଳ


ରାମମନ୍ଦିର, ଭୁବନେଶ୍ୱର


ସିମୁଳିଆ


ବାଲେଶ୍ୱର

ଭୁବନେଶ୍ୱର,୨୧।୬(ସମିସ): ସାଢ଼େ ୪ କୋଟି ଓଡ଼ିଶାବାସୀ ମୋର୍ ପରିବାର। ଏ କଥା ଥରେ ନୁହେଁ, ବାରମ୍ବାର କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ୨୪ ବର୍ଷ ଧରି ନିଜ ପରିବାରର ଲୋକମାନଙ୍କ ପାଇଁ ବିନା ବାକ୍ୟବ୍ୟୟରେ ସମର୍ପିତ ଭାବରେକାମ କରି ଆସିଛନ୍ତି । ପ୍ରତିଦାନରେ ଓଡ଼ିଶାବାସୀ ମଧ ତାଙ୍କ ଉପରେ ଅଜାଡ଼ି ଦେଇଛନ୍ତି ଆଶୀର୍ବାଦ । କ୍ଷମତାରେ ନ ଥିଲେ ମଧ ରାଜ୍ୟର କୋଟିକୋଟି ପରିବାର ତାଙ୍କୁ ନିଜର ମୁଖିଆ ମଣୁଛନ୍ତି । ଆଉ ଏବେ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିବା ନବୀନଙ୍କ ପାଇଁ ସାରା ରାଜ୍ୟବାସୀ ଅଜାଡ଼ି ଦେଇଛନ୍ତି ଅସୁମାରୀ ଶ୍ରଦ୍ଧା, ଅୟୁତ ଅୟୁତ ଆଶିଷ । ସାରା ରାଜ୍ୟରେ ଜନସାଧାରଣ ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରି ଦୀପ ଜାଳିଛନ୍ତି । ଉପବାସ ରହି ମା' ମାନେ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି । ଆଜି ସଂଧାରେ ବିଭିନ୍ନ ମନ୍ଦିର ନିକଟରେ ସାଧାରଣ ଲୋକଙ୍କ ସହ ଦଳୀୟ କର୍ମୀ ଓ ନେତାମାନେ ମଧ ଗଣ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି।

ସୂଚନା ଅନୁସାରେ ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ନବୀନ ଆଜି ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇସାରିଛନ୍ତି। ତାଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ପ୍ରଖ୍ୟାତ ଚିକିତ୍ସକ ଡ଼ାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ଡ଼ାକ୍ତର ଦଳ ତାଙ୍କର ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ କରୁଛନ୍ତି । ରବିବାର ସକାଳ ୬ଟାରେ ତାଙ୍କର ଅସ୍ତ୍ରୋପଚାର ହେବ। ନିଜ ଅସୁସ୍ଥତା ଓ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବା ସୂଚନା ନବୀନ 'ଏକ୍ସ'ରେ ଦେବା ପରେ ତାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ଓଡ଼ିଆ ଏବେ ବିବ୍ରତ। ଗତକାଲି ଚିକିତ୍ସା ପାଇଁ ନବୀନ ମୁମ୍ବାଇ ଯିବାବେଳେ ତାଙ୍କ ବାସଭବନଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଯେପରି ଲୋକାରଣ୍ୟ ହୋଇଥିଲା ଓ ମହିଳାମାନେ ଲୁହଗଡ଼ାଇ ନବୀନଙ୍କ ଆରୋଗ୍ୟ କାମନା କରୁଥିଲେ ତାହା ଅନେକଙ୍କୁ ଭାବପ୍ରବଣ କରି ଦେଇଥିଲା। ଆଉ ଆଜି ରାଜ୍ୟର କୋଣ ଅନୁକୋଣରେ ପୂଜାର୍ଚ୍ଚନା ଓ ଦୀପଦାନ କରି ତାଙ୍କର ମଙ୍ଗଳ ମନାସୀଛନ୍ତି ରାଜ୍ୟବାସୀ । ଦିଲ୍ଲୀସ୍ଥିତ ଜଗନ୍ନାଥମନ୍ଦିରରେ ଓଡ଼ିଆ ସମାଜର ବହୁ ବ୍ୟକ୍ତିବିଶେଷ ଏକାଠି ହୋଇ ନବୀନଙ୍କ ଉତ୍ତମ ଚିକିତ୍ସା ପାଇଁ ଅଖଣ୍ଡ ଦୀପ ଜଳାଇଛନ୍ତି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ମଧ ଏହି ଅବସରରେ ଉପସ୍ଥିତ ଥଲେ।

ବିଜେଡି ବିଧାୟକ କଳିକେଶ ସିଂହଦେଓଙ୍କ ସହ ଶତାଧିକ ଲୋକ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ମନ୍ଦିରରେ ନବୀନଙ୍କ ପାଇଁ ଅଖଣ୍ଡଦୀପ ଜଳାଇଛନ୍ତି। ବାଲେଶ୍ୱର ଜିଲ୍ଲା ବାବା ବକ୍ରେଶ୍ୱର ଶୈବ ପୀଠରେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ଶହଶହ ଲୋକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ଦାନ କରିଛନ୍ତି। ମହିଳାମାନେ ଉପବାସ ରହି ନବୀନଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। ସେ ଶୀଘ୍ର ସୁସ୍ଥ ହୋଇ ପୁଣି ଓଡ଼ିଶାକୁ ଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଉଦଳାରେ ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ଉପଖଣ୍ଡର ବହୁ ଲୋକ ଉଦଳା ହନୁମାନ ମନ୍ଦିରରେ ପହଞ୍ଚି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ୧୦୮ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଛନ୍ତି। ସେହିପରି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନୀଳଗିରିରେ ମଧ ମା' ଭୂଧାରଚଣ୍ଡୀଙ୍କ ନିକଟରେ ଦୀପଦାନ କରାଯାଇଛି। ଯାଜପୁରରେ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବିରଜା ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ନବୀନଙ୍କ ସୁସ୍ୱାସ୍ଥ୍ୟ ଓ ସଫଳ ଅସ୍ତ୍ରୋପଚାର କାମନା କରି ବହୁ ଲୋକ ପୂଜାର୍ଚ୍ଚନା କରିଛନ୍ତି । ପୁରୀରେ ମଧ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଦାନ କରି ଲୋକମାନେ ନବୀନଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି । ସେହିପରି ଦେବଗଡ଼, ଢେଙ୍କାନାଳ, କଳାହାଣ୍ଡି, ବଲାଙ୍ଗିର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଞ୍ଜାମ, କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକମାନେ ଦୀପଦାନ ସହ ପୂଜାର୍ଚ୍ଚନା କରିଛନ୍ତି ।

ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ଶହ ଶହ ଲୋକ ରାମନ୍ଦିର ନିକଟରେ ଏକତ୍ର ହୋଇ ସନ୍ଧ୍ୟା ଆଳତୀ ସମୟରେ ନବୀନ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ଏଥିରେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ବ୍ୟୋମକେଶ ରାୟଙ୍କ ସହିତ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସମେତ ବହୁ ନେତା ଓ ନେତ୍ରୀ ସାମିଲ ହୋଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ବିଜେପିକୁ ଘେରିଲା ବିଜେଡି

# ଡବଲ ଇଞ୍ଜିନ, ଡବଲ ଧୋକା

ଭୁବନେଶ୍ୱର,୨୧।୬(ସମିସ): ଶୁକ୍ରବାର ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ଅନ୍ୟ ରାଜ୍ୟଗୁଡ଼ିକର ବିକାଶ ଲକ୍ଷ୍ୟ ୧୫% ରଖାଯାଇଥିବାବେଳେ ଭିଜନ ଡ଼କୁମେଣ୍ଟରେ ଓଡ଼ିଶାର ବିକାଶ ହାର ୯ ପ୍ରତିଶତ ରଖାଯିବାକୁ ନେଇ ବିଜେଡ଼ି କଟାକ୍ଷ କରିଛି । ନବୀନ ସରକାରଙ୍କ ସମୟରେ ଓଡ଼ିଶା ୧୬ ପ୍ରତିଶତ ବିକାଶ ହାର ହାସଲ କରିଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ସରକାରଙ୍କ ଦୂରଦୃଷ୍ଟି ବା ଭିଜନ ଏତେ ସଂକୁଚିତ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି । ଡ଼ବଲ ଇଞ୍ଜିନ୍ ସରକାରରେ ବିକାଶ ନୁହେଁ, ଧୋକ୍କା ଡ଼ବଲ ମିଳିଛି ବୋଲି ବିଜେଡି କଟାକ୍ଷ କରିଛି ।

ଶନିବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଏବେ ପ୍ରତାରଣା ପାଲଟିଛି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଥିଲେ ଯେ ଶ୍ରୀମନ୍ଦିର ତଥା ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଗତ ଏକ ବର୍ଷରେ ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଥିବା ଉଲ୍ଲେଖ କରି ପାତାଳରେ ବି ରହିଥିଲେ ମଧ ଆମେ ତାକୁ ଖୋଜି ଆଣିବୁ ବୋଲି ଦମ୍ଭୋକ୍ତି କରିଥିଲେ; କିନ୍ତୁ ସରକାରକୁ ଆସିବା ପରେ ସେମାନେ ସ୍ୱର ବଦଳାଇ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟରେ ସରକାର ଚାବି କଥା



■ ଏକ ବର୍ଷ ଶାସନରେ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଲା
■ ଶ୍ରୀମନ୍ଦିର ପ୍ରସଙ୍ଗରେ ବିଜେପିର ସମସ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ

ସାର୍ବଜନୀନ କଥା ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସେହିପରି ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ପ୍ରତିଶ୍ରୁତି ମିଛ ପ୍ରମାଣିତ ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ଅବଧି ଶେଷ ହେବାର ୯ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ ହୋଇପାରି ନାହିଁ। ଏପରିକି ଦର୍ଶନ ବ୍ୟବସ୍ଥା ମଧ ଅବ୍ୟବସ୍ଥିତ ହୋଇପଡ଼ିଥିବା ଖୋଦ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ ୧୮.୧୯ ପ୍ରତିଶତ ଅନୁଦାନ କମିବା ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ମହାମିଛ ବୋଲି ପ୍ରମାଣିତ ହୋଇଛି । ଗତ ବଜେଟରେ ଦେଶର ୧୨ଟି ସହରକୁ ଶିଳ୍ପ ସହର ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ ହେଁ ଏଥିରେ ଓଡ଼ିଶାରୁ କୌଣସି ସହର ସ୍ଥାନ ପାଇନାହିଁ।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ଗତ ଏକ ବର୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି। ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ମହିଳାମାନଙ୍କ ଉପରେ ନିର୍ଯାତନା ଘଟଣାରେ ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦୁଷ୍କର୍ମ ପ୍ରାୟ ୮ ପ୍ରତିଶତ ବୃଦ୍ଧି ପାଇଥିବା ସରକାର ସ୍ୱୀକାର କରିଛନ୍ତି। ଦେଶର ଅପରାଧ ପ୍ରବଣ ରାଜ୍ୟର ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନ ହାସଲ କରିଛି । ସୁଭଦ୍ରା ଯୋଜନାରେ ବିଜେପି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି କୁହା ଯାଇଥିଲା। ମାତ୍ର ଏବେ ବର୍ଷକୁ ପାଞ୍ଚ ପାଞ୍ଚ ହଜାର ଦୁଇ କିସ୍ତିରେ ଦେଇ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିଥିବା ମିଛ ପ୍ରଚାର କରାଯାଉଛି। ନବୀନ ସରକାରଙ୍କ ସମୟରେ, ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଏହାକୁ ବର୍ତ୍ତମାନର ସରକାର ବନ୍ଦ କରି ଦେଇଛନ୍ତି।

ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କୁ ଗତକାଲି ରାଜ୍ୟ ସରକାର ବିଭ୍ରାନ୍ତ କରିଛନ୍ତି। ଓଡ଼ିଶାର ବାସ୍ତବ ଚିତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଯେଉଁ ଓଡ଼ିଶା ବିକାଶର ମୁଖଶାଳା ହେବ ବୋଲି କହୁଛନ୍ତି, ସେହି ରାଜ୍ୟ ଚାଳିଶ ବର୍ଷର ବ୍ୟବଧାନ ପରେ ଆଜି ମହାମାରୀ କଲେରାରେ ଆକ୍ରାନ୍ତ। ଅଧା ଓଡ଼ିଶାବାସୀ ଆଜି କଲେରା ଓ ଡ଼ାଇରିଆ ରୋଗରେ କଲବଲ ହେଉଛନ୍ତି। ଏପଟେ ରାଜ୍ୟ ସରକାର ଉତ୍ସବରେ ମାତିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାଇରିଆ ଡ୍ୟାନ୍ସ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯାହା କଲେରା ଓ ଡ଼ାଇରିଆ ରୋଗରେ ପୀଡିତ ରୋଗୀ ମାନଙ୍କ ପାଇଁ କଟା ଘାଆରେ ଚୂନ ସଦୃଶ୍ୟ ହୋଇଛି ବୋଲି ସେ ମତବ୍ୟକ୍ତ କହିଛନ୍ତି ।

## ଗୋପାଳପୁର ଗଣବଳାତ୍କାର

# ଓଡ଼ିଶାରେ ଏଆଇସିସିର ଚାରିଜଣିଆ ତଥ୍ୟ ଅନୁସନ୍ଧାନ କମିଟି

ଭୁବନେଶ୍ୱର,୨୧।୬(ସମିସ): ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବା ଏକବର୍ଷ ପୂର୍ଣ୍ଣ ହୋଇଛି। ଏହି ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା, ବାଳିକା ଅପହରଣ ଓ ଗଣଧର୍ଷଣ ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଇଛି। ଏହି ସବୁ ଘଟଣାକୁ ଅନୁଧ୍ୟାନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଦୀପା ଦାସମୁନସୀଙ୍କ ଆବାହକତ୍ୱରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣତି ସିନ୍ଧେ, ସାଂସଦ ଏସ ଯଥୀମଣି ଓ ଶୋଭା ଓଜାଙ୍କୁ ନେଇ ଗଠିତ ଏକ ତଥ୍ୟ ଅନୁସନ୍ଧାନ କମିଟି ଓଡ଼ିଶା ଆସିଛନ୍ତି। କମିଟି ରାଜ୍ୟ ବିଭିନ୍ନ ସ୍ଥାନକୁ ଗସ୍ତ କରିଥିବା ବେଳେ ୨୪ ତାରିଖ ସକାଳ ୧୦ ଟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ସମୟ ମାଗିଛନ୍ତି। ଏଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତଥ୍ୟ ଅନୁଧ୍ୟାନ କମିଟି ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବାପାଇଁ ଚାହୁଛନ୍ତି ବୋଲି ଦର୍ଶାଇଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ସମୟ ମାଗିଲେ ପିସିସି ସଭାପତି**

■ ବଢିଲା ଓମ୍‌ଫେଡ୍ କ୍ଷୀର ଦର

# ଲିଟର ପିଛା ୨ରୁ୪ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୨୧।୬(ସମିସ): ଓମ୍‌ଫେଡ୍‌ର କ୍ଷୀର ଦର ବଢିବ କି ନାହିଁ ତାହାକୁ ନେଇ ଯେଉଁ ଆଲୋଚନା ଲାଗି ରହିଥିଲା, ତାହାର ଅନ୍ତ ଘଟିଛି। ଆଜି ଓମ୍‌ଫେଡ୍ କ୍ଷୀର ଦରୁ ବୃଦ୍ଧି ଘୋଷଣା କରାଯାଇଛି। ଖାଉଟିମାନେ ଲିଟର ପିଛା ୫୨ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଶନିବାରଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମ୍‌ଫେଡ୍‌ର ନୂଆ ଦର। ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ଟଙ୍କା ବୃଦ୍ଧି ପାଇଛି।

ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ ଓମ୍‌ଫେଡ୍ ଏହାର କ୍ଷୀର ଦର ବଢାଇବ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖାଉଟିମାନଙ୍କୁ ଝଟକା ଦେଇଥିଲେ। ଦୁଃଗ୍ଧ ଦର ବୃଦ୍ଧିକୁ ନେଇ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ନାଳରୁ ଗଳିତ ମୃତଦେହ ଉଦ୍ଧାର

କପ୍ତିପଦା, ୨୧।୬(ସମିସ): ଠାକୁରମୁଣ୍ଡା-ଶରତ ରାସ୍ତା ନୋଟ ଛକ ନିକଟରେ ଥିବା ଏକ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ଶରତ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୌଣସି ବ୍ୟକ୍ତି ନିଖୋଜ ଥିଲେ ସେମାନଙ୍କ ପରିବାର ଶରତ ଥାନା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଅପରାଧ ଦୁନିଆରେ ବଢୁଛି ନାବାଳକଙ୍କ ଉତ୍ପାତ

■ ସାଢେ ୫ ମାସରେ ୩୦୦ ଦୁଷ୍କର୍ମ ମାମଲାରେ ନାବାଳକ ସଂପୃକ୍ତ
■ ହତ୍ୟା ଓ ନିଶା କାରବାରରେ ମଧ ଧରାପଡୁଛନ୍ତି
■ ନାବାଳକଙ୍କୁ ଢାଲ କରୁଛନ୍ତି ପେଶାଦାର ଅପରାଧୀ

ଭୁବନେଶ୍ୱର,୨୧।୬(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ନେଇ ସାରାଦେଶରେ ଓଡ଼ିଶା ଲଜ୍ଜିତ ହୋଇଥିବା ବେଳେ ଏହି ଘଟଣାରେ ନାବାଳକଙ୍କ ସଂପୃକ୍ତି ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ଏହି ଗଣଦୁଷ୍କର୍ମ ଘଟଣାରେ ୧୦ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି ନାବାଳକ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହାପୂର୍ବରୁ ମଧ ଅନେକ ଦୁଷ୍କର୍ମ ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଗିରଫ କରି ସୁଧାରଗୃହକୁ ପଠାଯାଉଥିଲେ ମଧ ଅପରାଧ ଦୁନିଆରେ ସେମାନଙ୍କର ସଂପୃକ୍ତି ଦିନକୁ ଦିନ ବଢ଼ି ଚାଲିଛି। ଖାଲି ଦୁଷ୍କର୍ମ ନୁହେଁ, ହତ୍ୟା ଓ ନିଶା କାରବାରରେ ମଧ ସେମାନେ ସକ୍ରିୟ ହେଉଛନ୍ତି। ତେବେ ଅଧିକାଂଶ ମାମଲାରେ ପେଶାଦାର ଅପରାଧୀ ସେମାନଙ୍କୁ ବ୍ୟବହାର କରୁଥିବାର ମଧ ଦେଖାଯାଉଛି।

ପୁଲିସ ଠାରୁ ମିଳିଥିବା ତଥ୍ୟ ଅନୁସାରେ ଗତ ଜାନଆରୀ ମାସରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୦୦ ପାର୍ କରିଛି ଦୁଷ୍କର୍ମ ମାମଲା। ବିଶେଷ କରି ଗଞ୍ଜାମ,ଖୋର୍ଦ୍ଧା,କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝି ୨୦୨୪ ଡିସେମ୍ବର ମାସରେ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୫ ମାସରେ ୭୬୯ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୫୦୯ ମହିଳା ଦୁଷ୍କର୍ମ ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧ଜଣ ମହିଳା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ବର୍ତ୍ତମାନ ଏହି ସାଢେ ୫ମାସରେ ଦୁଷ୍କର୍ମ ମାମଲା ୯ଶହ ପାର କଲାଣି। ଯାହାକି ପୁଲିସ ପାଇଁ ଚିନ୍ତାର କାରଣ। ତେବେ ଉଦବେଗର ବିଷୟ ହେଲା ଯେ ଏହି ୯୦୦ ଦୁଷ୍କର୍ମ ମାମଲା ମଧ୍ୟରୁର ୩୦୦ ମାମଲାରେ ନାବାଳକଙ୍କ ସଂପୃକ୍ତି ରହିଛି।

ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ନାବାଳକ ଅପରାଧରେ ସାମିଲ ହେବା ସଂଖ୍ୟା ବଢିବଢି ଚାଲିଛି। ଗତ ୨୨ ବର୍ଷ ମଧ୍ୟରେ ୨୦ ହଜାର ନାବାଳକଙ୍କୁ ବିଭିନ୍ନ ଅପରାଧ ଘଟଣାରେ ଗିରଫ କରି ସୁଧାରଗୃହକୁ ପଠାଯାଇଛି। ଛୋଟ ଅବସ୍ଥାରୁ ନାବାଳକମାନେ ଅପରାଧରେ ପାଦ ଦେବା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ନାବାଳକମାନେ ଅପରାଧୀମାନଙ୍କ ସହ ମିଶିବା ଦ୍ୱାରା ଅପରାଧ ଘଟାଇବା ମନବୃତ୍ତି ଆସୁଛି। ଅନେକ ପେଶାଦାର ଅପରାଧୀମାନେ ନିଜ ସ୍ୱାର୍ଥ ପାଇଁ ନାବାଳକଙ୍କୁ ବ୍ୟବହାର କରୁଛନ୍ତି। ନାବାଳକଙ୍କ ପାଇଁ ଆଇନ୍ କୋହଳ ଥିବାରୁ ସେମାନଙ୍କୁ ଅପରାଧୀମାନେ ବ୍ୟବହାର କରୁଛନ୍ତି। ଅନେକ ଗରିବ ଏବଂ ଅପାଠୁଆ ପିଲା ଏଭଳି ଅପରାଧରେ ସାମିଲ ହେଉଛନ୍ତି। ସେମାନେ ଗିରଫ ହୋଇ ସୁଧାରଗୃହ ଗଲେ ମଧ ସେଠାରେ ସେମାନଙ୍କୁ ବଦଳିବା ପାଇଁ ଉଚିତ ଶିକ୍ଷା ଦିଆଯାଉନଥିବା ଅଭିଯୋଗ ହେଉଛି। ସେଠାରେ ଏକାଧିକ ଅପରାଧିକ ମନବୃତ୍ତି ଥିବା ପିଲାଙ୍କ ସହ ମିଶିବା ଯୋଗୁଁ ସେମାନେ ଆହୁରି ବିଗିଡ଼ି ଯାଉଛନ୍ତି। ସୁଧାରଗୃହରୁ ବାହାରିବା ପରେ ପୁଣି ଅପରାଧରେ ସାମିଲ ହେଉଛନ୍ତି। ଗତ ଏପ୍ରିଲ ୨୨ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଜଣେ ଶିଶୁକୁ ଅପହରଣ କରାଯାଇ ମୁଣ୍ଡ ଜାମିନ୍ ମଗା ଯାଇଥିଲା। ଏହି ଅପରାଧରେ ଜଣେ ନାବାଳକ ମଧ ସାମିଲଥିଲା। ସେହିପରି ପଟିଆ ଅଞ୍ଚଳରେ ଥିବା ଏକ ବାରରେ ଗଣ୍ଡଗୋଳରେ ମଧ ନାବାଳଙ୍କ ସଂପୃକ୍ତି ଥିଲା।

ପିଲାମାନଙ୍କ ମଧ୍ୟରେ ଏଭଳି ମନୋବୃତ୍ତିକୁ ନେଇ ଅନେକ ପୁଲିସ ଅଧିକାରୀ ଏବଂ ସାମାଜିକ କର୍ମୀ ଚିନ୍ତା ପ୍ରକଟ କରିଛନ୍ତି। ସୁଧାରଗୃହରେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବା ସହିତ ଯେଉଁ ଅପରାଧୀ ଏହି ପିଲାମାନଙ୍କୁ ବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିବାକୁ ସେମାନେ ଦାବି କରିଛନ୍ତି। ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ସେମାନେ ସତର୍କ କରାଇଛନ୍ତି।




ପନ୍ତଙ୍କ ରେକର୍ଡ ଶତକ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ◆ISSUE-354 ◆BHUBANESWAR ◆SUNDAY ◆22 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୫୪ ◆ଭୁବନେଶ୍ୱର ◆ରବିବାର ◆୨୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଅନ୍ତର୍ଜାତୀୟ ଲଜ୍ଜା

## ଓଡ଼ିଶା ଅସୁରକ୍ଷିତ

### ନିଜ ଦେଶର ନାଗରିକଙ୍କ ପାଇଁ ଆମେରିକାର ମାର୍ଗଦର୍ଶିକା

### ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ, ମେଘାଳୟ ନ ଯିବାକୁ ପରାମର୍ଶ

### ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରେ ବଳାତ୍କାର ସଂଖ୍ୟା ସର୍ବାଧିକ

**ଭୁବନେଶ୍ୱର, ୨୧।୬ (ସମିସ):** ଭାରତରେ ବର୍ଦ୍ଧିତ ଦୁଷ୍କର୍ମ, ଅପରାଧ ଓ ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ଚିନ୍ତା ପ୍ରକଟ କରିଛି ଯୁକ୍ତରାଷ୍ଟ୍ର ଆମେରିକା। ଭାରତ ଗସ୍ତରେ ଆସୁଥିବା ନିଜ ଦେଶର ପର୍ଯ୍ୟଟକ ଓ ଭାରତରେ ରହୁଥିବା ଆମେରିକୀୟଙ୍କ ସୁରକ୍ଷା ନିମନ୍ତେ ମାର୍କିନ ପ୍ରଶାସନ ଚିନ୍ତାପ୍ରକଟ କରିବା ସହ ମାର୍ଗଦର୍ଶିକା ଜାରି କରିଛି। ବିଡ଼ମ୍ବନା ହେଉଛି ଭାରତର ଯେଉଁ ୬ ରାଜ୍ୟକୁ ଆମେରିକା ଅସୁରକ୍ଷିତ ମନେ କରୁଛି, ସେହି ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା। ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା, ବିହାର, ଛତିଶଗଡ଼, ମେଘାଳୟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଗସ୍ତ ନିମନ୍ତେ ନିଜ ନାଗରିକଙ୍କ ପାଇଁ ଦ୍ୱିତୀୟ ବର୍ଗ (ଲେଭଲ-୨) ସତର୍କସୂଚନା ଜାରି କରିଛି। ଓଡ଼ିଶାରେ ଆଇନଶୃଙ୍ଖଳା ଅବସ୍ଥାର ସାଂଘାତିକ ଅବନତିକୁ ଏହା ସୂଚାଉଛି ଓ ରାଜ୍ୟ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। ସମ୍ଭବତଃ ପ୍ରଥମଥର ପାଇଁ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ବିଶ୍ୱସ୍ତରରେ ଅଶାନ୍ତ ଓ ଅସୁରକ୍ଷିତ ରାଜ୍ୟ ରୂପେ କୁଖ୍ୟାତି ଅର୍ଜନ କରିଛି। ଆମେରିକା ବୈଦେଶିକ ମନ୍ତ୍ରଣାଳୟର ଏପରି ସତର୍କ ସୂଚନା ପରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି କ'ଣ ତାହା ସ୍ୱତଃ ପ୍ରମାଣିତ ହୋଇଛି।

ଭାରତରେ ବଢୁଥିବା ଅପରାଧ, ଦୁଷ୍କର୍ମ ଓ ଆତଙ୍କବାଦକୁ ଦୃଷ୍ଟିରେ ରଖି ଆମେରିକା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏଥିରେ ଭାରତର ପର୍ଯ୍ୟଟନସ୍ଥଳଗୁଡ଼ିକରେ ପର୍ଯ୍ୟଟକଙ୍କ ପ୍ରତି ବଢୁଥିବା ଅସଦାଚରଣ ଏବଂ ▶ପୃଷ୍ଠା-୭

# ୨୪ରୁ ପୁଣି ବଢ଼ିବ ବର୍ଷା

**ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇଛି।ମାତ୍ର ରବିବାରଠାରୁ ମୌସୁମୀ ନିମ୍ନ ଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ସାମାନ୍ୟ ବୃଦ୍ଧି ପାଇବ। ତେବେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ଥିବାରୁ ୨୪ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ଘୂର୍ଣ୍ଣିବଳୟ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2025

Empowering students for a brighter future

MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


### ଓଡ଼ିଶାରେ ନିବେଶ ନିମନ୍ତେ କମ୍ପାନୀଙ୍କୁ ମିଳୁନାହାନ୍ତି ପ୍ରମୋଟର

# ରାଜ୍ୟ ହରାଉଛି ନିବେଶକଙ୍କ ବିଶ୍ୱାସ

### ଆର୍ସେଲର ମିତ୍ତଲ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ରାସ୍ତାରେ ୱାରୀ

### ନିଷ୍ପତ୍ତିର ଦିନକ ପରେ କମ୍ପାନୀର ସ୍ପଷ୍ଟୀକରଣ ବଢ଼ାଇଲା ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୨୧।୬ (ସମିସ):** ସରକାର ଓଡ଼ିଶାରେ ବିପୁଳ ନିବେଶର ସ୍ୱପ୍ନ ଦେଖାଉଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟ ଶିଳ୍ପ ସମୃଦ୍ଧ ହେବ ବୋଲି କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ଶିଳ୍ପ ସ୍ଥାପନ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଅନେକ କମ୍ପାନୀ ଓ ନିବେଶକଙ୍କୁ ପ୍ରମୋଟର ମିଳୁନାହାନ୍ତି। ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜନୈତିକ ଅସ୍ଥିରତା, ଆଇନଶୃଙ୍ଖଳା ପରିସ୍ଥିତି ଓଡ଼ିଶାରେ ନିବେଶ ନିମନ୍ତେ ନିବେଶକଙ୍କୁ ଅନାଗ୍ରହୀ କରିଛି। ନିବେଶକମାନେ ଓଡ଼ିଶା ଉପରୁ ଆସ୍ଥା ହରାଇବାରେ ଲାଗିଛନ୍ତି। ଗତ ସରକାର ସମୟରେ ଶିଳ୍ପ ସ୍ଥାପନ ନିମନ୍ତେ ବୁଝାମଣା କରିଥିବା ଅନେକ ସଂସ୍ଥା ଏଯାଏ ଜମି ଅଧିଗ୍ରହଣ କ୍ଷେତ୍ରରେ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶାସକ ଦଳର ନେତାମାନଙ୍କ ରାଜନୈତିକ ହସ୍ତକ୍ଷେପ ଓ ଆଇନଶୃଙ୍ଖଳା ସ୍ଥିତି ସେମାନଙ୍କୁ ଓଡ଼ିଶାରେ ଶିଳ୍ପ ସ୍ଥାପନ ନିମନ୍ତେ ବୀତସ୍ପୃହ କରିଛି। ପରିଣାମ ସ୍ୱରୂପ କଟକ ଜିଲ୍ଲାର ନରାଜରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଇଭି କାରଖାନା, କେନ୍ଦ୍ରାପଡ଼ାରେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ କାରଖାନା ବିଳମ୍ବିତ ହୋଇ ଚାଲିଛି। ଏହି ଦୁଇ ପ୍ରକଳ୍ପର ଭବିଷ୍ୟତ ଏବେ ବି ଅନିଶ୍ଚିତ। ▶ପୃଷ୍ଠା-୭


Join EXCELSIOR to RISE HIGHER

TOP 20-A1 Rankers 2025



AHSE -2025 College Topper



AHSE -2022 State Topper











































Result Analysis AHSE-2025

| PERCENTAGE | MARKS | STRENGTH |
|---|---|---|
| 90% & ABOVE | 540 & ABOVE | 73 |
| 85% & ABOVE | 510 & ABOVE | 133 |
| 500 & ABOVE | | 148 |
| 80% & ABOVE | 480 & ABOVE | 199 |
| 75% & ABOVE | 450 & ABOVE | 239 |
| 70% & ABOVE | 420 & ABOVE | 273 |
| 60% & ABOVE | 360 & ABOVE | 314 |
| TOTAL STUDENTS APPEARED | 314 | % |
| TOTAL STUDENTS PASSED | 314 | 100% |
| TOTAL 1st DIVISION | 314 | 100% |
| HIGHEST INDIVIDUAL SCORE IN AHSE 2025 | | 570 |
| NO. OF STUDENTS WHO EXCEEDED THEIR 10th% | | 221 |
| NO. OF STUDENTS WHO MAINTAINED THEIR 10th% | | 76 |

26 STUDENTS WITH 90% IN 10TH HAD JOINED WITH US.
73 STUDENTS HAVE SECURED 90% IN A.H.S.E. EXAM.

IMPROVEMENT ANALYSIS

| 10TH DATA | PERCENTAGE | 12TH RESULT DATA |
|---|---|---|
| 26 STUDENTS | ABOVE 90% | 73 STUDENTS |
| 53 STUDENTS | ABOVE 85% | 60 STUDENTS |
| 84 STUDENTS | ABOVE 80% | 66 STUDENTS |
| 103 STUDENTS | ABOVE 75% | 40 STUDENTS |
| 33 STUDENTS | ABOVE 70% | 34 STUDENTS |
| 15 STUDENTS | ABOVE 60% | 41 STUDENTS |

OUR BEST ACADEMIC ACHIEVEMENT IN A.H.S.E. 2025 - PRANAKRUSHNA MAHANTA, WHO HAD SECURED 72% IN MATRIC SECURED 92% IN A.H.S.E. EXAM.

ଉତିଷ୍ଠତ ଜାଗ୍ରତ

Excelsior Science Residential Higher Secondary School (CHSE)
Permanently Recognized by Govt. of Odisha
Chhotraypur, Jajpur Road, Jajpur

For Admission please Contact:
CHSE - 9437189122, 9437064112, 8457022795, 9437071103, 7978075324, 8328948954.
CBSE - 7008136699, 8249205993, 8596846553.

# କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବିପତ୍ର



ଖଜୁରିଆକଟା,୨୧।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ସଦର ମହକୁମାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବିଜେପି ଦେଇଥିଲା ନିର୍ବାଚନ ପ୍ରତିଶ୍ରୁତି । ହିନ୍ଦୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିବା ପରେ ଲୋକେ ଅତ୍ୟନ୍ତ ଉତ୍ସାହିତ ଥିଲେ । ହିନ୍ଦୋଳ ସହରାଞ୍ଚଳରେ ସମସ୍ତ ସରକାରୀ ଅଫିସ ଥିବା ସହ ଗମନାଗମନ ଭିତ୍ତିଭୂମି ଓ ସୁରକ୍ଷା ଦୃଷ୍ଟିରୁ ହିନ୍ଦୋଳ ଉପଖଣ୍ଡ ମୁଖ୍ୟାଳୟ ହିଁ ବିଦ୍ୟାଳୟ ପାଇଁ ଉପଯୁକ୍ତ ସ୍ଥାନ ଏବଂ ଏଥିପାଇଁ ସବୁଜ ସଙ୍କେତ ମିଳିସାରିଥିଲା । ତେବେ ଗତ ୧୬ ତାରିଖ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିନିଧି ଦଳ ପରିଦର୍ଶନ ପାଇଁ ଆସୁଥିବା ଖବର ପାଇ କିଛି କୁଚକ୍ରୀ ଉକ୍ତ ପ୍ରତିନିଧି ଦଳକୁ ତରବରିଆ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଦେଖାଇବା ସହ ନିକଟସ୍ଥ ଏକ ହାଇସ୍କୁଲକୁ ଭିତ୍ତିଭୂମି ପାଇଁ ରାତାରାତି ୧୫ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମଞ୍ଜୁର କରାଇଦେଲେ । ଏହାକୁ ନେଇ ହିନ୍ଦୋଳ ବିଜେପିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣ ବିକ୍ଷୋଭ ଓ ବିରୋଧ କରି ଉପଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ରମନ୍ତ୍ରୀ, ସାଂସଦ, ବିଧାୟିକା ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ହିନ୍ଦୋଳ ସଦର ମହକୁମାରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ପତ୍ର ଅନୁଯାୟୀ ନିର୍ଦ୍ଦେଶ ଅଛି ଏବଂ ଏଥିପାଇଁ ୫ ଏକର ଉପଯୁକ୍ତ ଜାଗା ମଧ୍ୟ ବହୁ ପୂର୍ବରୁ ରଖାଯାଇଛି । ହିନ୍ଦୋଳ ଉପଖଣ୍ଡ ମୁଖ୍ୟାଳୟଠାରେ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ ପରିଷଦ ସଭ୍ୟ ଅଜୟ ଦାସ, ନଗର ସଭାପତି କୁବେର ବେହେରା, ଆଇନଜୀବୀ ଅରୁଣ ଦାସ, ତରୁଣ ସାମଲ ପ୍ରମୁଖ ଅନେକ କର୍ମୀ, ନେତା ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।

ନିୟମାନୁଯାୟୀ ଉପଯୁକ୍ତ ସ୍ଥାନରେ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ସରକାରୀ ଚିଠି ଅନୁଯାୟୀ ସଦର ମହକୁମାରେ ବିଦ୍ୟାଳୟ ନ ହେଲେ ଆଗାମୀ ଦିନରେ ସମସ୍ତ ରାଜନୈତିକ ଦଳ, ହିନ୍ଦୋଳ ଏନଏସି ଅଧ୍ୟକ୍ଷ, ଉପାଧ୍ୟକ୍ଷା, ସମସ୍ତ ୧୬ କାଉନସିଲର, ସ୍ୱେଚ୍ଛାସେବୀ, ସାମାଜିକ ଅନୁଷ୍ଠାନ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ, ରାଜନେତା, କୃଷକ, ଶ୍ରମିକ, ବ୍ୟବସାୟୀ ଏହାକୁ ତୀବ୍ର ବିରୋଧ କରିବା ସହ ହିନ୍ଦୋଳ ବନ୍ଦ କରାଯିବା ଓ କୁଚକ୍ରୀ ଗୋଷ୍ଠୀଙ୍କୁ ଦୃଢ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

## ରୁଙ୍ଗଟା ମାଇନ୍ସର ମନମୁଖି କାର୍ଯ୍ୟକୁ ବିରୋଧ

# ଟ୍ରକ୍ ମାଲିକ ସଂଘ ନେତୃତ୍ୱରେ ଆନ୍ଦୋଳନ



ଢେଙ୍କାନାଳ,୨୧।୬(ସମିସ): ଢେଙ୍କାନାଳ ଜିଲ୍ଲା ବାଲିମୀ ଥାନା ଝାଡ଼ବନ୍ଧ ଗ୍ରାମ ନିକଟରେ ଗଢ଼ି ଉଠିଥିବା ରୁଙ୍ଗଟା ମାଇନ୍ସ କାରଖାନା ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଉ ନ ଥିବାରୁ ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରୁଙ୍ଗଟା କମ୍ପାନୀ କର୍ତ୍ତୃପକ୍ଷ ଏବଂ ବିସ୍ଥାପିତଙ୍କ ମଧ୍ୟରେ ତିକ୍ତତା ଲାଗିରହିଛି । କାରଖାନାରେ ଜମି ହରାଇଥିବା ୫୪ ବିସ୍ଥାପିତ ପରିବାରକୁ ସ୍ଥାୟୀ ନିଯୁକ୍ତି ସହ କ୍ଷତିପୂରଣ ଦେବାକୁ ଦାବି କରାଯାଇଥିଲା । କାରଖାନା କର୍ତ୍ତୃପକ୍ଷ ବାରମ୍ବାର ପ୍ରତିଶ୍ରୁତି ଦେଇ ପରେ ତାହାକୁ ପାଳନ କରୁ ନ ଥିଲେ । କାରଖାନାରେ ଯେଉଁମାନଙ୍କ ୪ ଏକର ଜମି ଘର ଯାଇଛି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କିମ୍ବା ଏକକାଳୀନ କ୍ଷତିପୂରଣ ଦେବାକୁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଠକିବା ପରେ ଦୀର୍ଘ ୧୮ ବର୍ଷ ଧରି ବିସ୍ଥାପିତ ପ୍ରଜାମାନେ ଅପେକ୍ଷା କରି ରହିଥିଲେ । ଏହାସହ କମ୍ପାନୀ କାର୍ଯ୍ୟକ୍ଷମ ହେଲେ ପ୍ରତ୍ୟେକ ପରିବାରରୁ ଜଣକୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ସରକାରଙ୍କ ଥଇଥାନ ଏବଂ ପୁର୍ନବାସ ନିୟମ ଅନୁସାରେ ବିସ୍ଥାପିତମାନଙ୍କୁ କମ୍ପାନୀ ନିଯୁକ୍ତି ପ୍ରଦାନ କରି ନ ପାରିଲେ ଏକକାଳନୀ ସମସ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କଥା । କିନ୍ତୁ କମ୍ପାନୀ ଆରମ୍ଭ ହେବା ପରେ ଏକକାଳୀନ ସହାୟତା ରାଶିପାଇଁ ପ୍ରଶାସନ ବିସ୍ଥାପିତ ପରିବାର ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ସମୟରେ ବୈଠକ ହୋଇଥିଲା । ବୈଠକରେ ବିସ୍ଥାପିତଙ୍କୁ କ୍ଷତିପୂରଣ ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ସହମତି ପ୍ରକାଶ କରିଥିଲେ । କିନ୍ତୁ ତାହା କାର୍ଯ୍ୟକାରୀ କରିଲେ ନାହିଁ । ବାରମ୍ବାର ପ୍ରତିଶ୍ରୁତି ଦେଇ ଠକିବା ପରେ ଶନିବାର କ୍ଷତିଗ୍ରସ୍ତ ପ୍ରଜାସଙ୍ଘ, ବ୍ରାହ୍ମଣୀ ଟ୍ରକ ୱେଲଫେୟାର ଆସୋସିଏସନ ତରଫରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯାଇଛି । ଆନ୍ଦୋଳନରେ ପୂର୍ବତନ ବିଧାୟକ ସୁଧୀର ସାମଲ ସାମିଲ ହୋଇ କହିଥିଲେ ଯେ ସ୍ଥାନୀୟ ଅଞ୍ଚଳର ଜମି ଅଧିଗ୍ରହଣ କରି କାରଖାନା ଚାଲିଥିବାବେଳେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଉନାହିଁ । ସେହିପରି ଜମିହରା ପ୍ରଜାମାନଙ୍କ ଦାବି ପୂରଣ କରୁନାହିଁ । ଲୋକେ ଜମିବାଡ଼ି ବିକ୍ରି କରି ଟ୍ରକ କରି କାରଖାନାରେ ଲଗାଇଥିବା ବେଳେ ଟ୍ରକକୁ କାରଖାନାରେ ନିୟୋଜିତ କରାଯାଉନାହିଁ । ଲୋକମାନେ ଗାଡ଼ି ବିକ୍ରି କରିସାରିଲେଣି । ଏଭଳି ସ୍ଥିତିରେ ଲୋକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ସେ କହିଛନ୍ତି । ଶହ ଶହ ପ୍ରଜା କାରଖାନା ସମ୍ମୁଖରେ ଆନ୍ଦୋଳନ ଚଳାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଛି ।

# ଭାଗୀରଥି ସାଗର କାମ ନିମ୍ନମାନର ଅଭିଯୋଗ

● ଶୌଚ ତୁଠ ଓ ୭ଟି ପାହାଚ କାର୍ଯ୍ୟ ଉଚ୍ଚମାନର କରିବାକୁ ଦାବି



ଢେଙ୍କାନାଳ,୨୧।୬(ସମିସ): ସ୍ଥାନୀୟ ଭାଗୀରଥୀ ସାଗର ପୁନରୁଦ୍ଧାର କାର୍ଯ୍ୟ ଗତ ୨ବର୍ଷ ହେଲା ଜାରି ରହିଛି । ଏହି ପୋଖରୀ ମଧ୍ୟରେ ପଙ୍କ ମାଟି ରଖାଯାଇ ଦ୍ୱିତୀୟ ହୁଡ଼ା ନ କରିବା ପାଇଁ ପୋଖରୀ ସୁରକ୍ଷା ସମିତି ଓ ସହରର ବିଭିନ୍ନ ମହଲରୁ ଦାବି କରାଯାଇଛି ।

ଏପରିକି ପୌରାଧ୍ୟକ୍ଷ, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ବହୁବାର ଲିଖିତ ଅଭିଯୋଗ କରାଯାଇଛି । ଏହି ଘଟଣାକୁ ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅଭିଯୋଗ କରିବାରୁ ସେ ହସ୍ତକ୍ଷେପ କରି ପୋଖରୀ ଭିତରେ କୌଣସି ପଙ୍କ ମାଟି ରହିବ ନାହିଁ, ୨ୟ ହୁଡ଼ା କରାଯିବ ନାହିଁ ବୋଲି ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ପ୍ରଥମ ବର୍ଷାରେ ଅନେକ ପଙ୍କ ମାଟି ପୋଖରୀ ଭିତରକୁ ଧସେଇ ବୋହିବା ସହ ଅନେକ ଅନାବନା ଗଛ ଉଠିବା ଆରମ୍ଭ ହୋଇଯାଇଛି । ପୋଖରୀର ଦକ୍ଷିଣ ପାର୍ଶ୍ୱ ପଥର କାନ୍ଥ ଭିତରୁ ସ୍ୱତଃ ଉଠିଥିବା ଡିମିରି, କଦମ୍ବ ଗଛ କାନ୍ଥ ଫଟାଇ ରହିଥିଲା । ସେ ସବୁକୁ କେବଳ ଉପରୁ ସଫା କରାଯାଇଥିଲା । ଏବେ ପୁଣି ସେହି ଗଛଗୁଡ଼ିକ ମୁଣ୍ଡ ଟେକିଲାଣି । ସେହି ଦୁର୍ବଳ କାନ୍ଥକୁ ଅଟକାଇବା ପାଇଁ ପଙ୍କ ମାଟି ଗଦା କରାଯାଇଛି । ଭାଗୀରଥି ସାଗର ସୁରକ୍ଷା ସମିତି ଏବଂ ପୋଖରୀ ସୁରକ୍ଷା ସମିତି ପକ୍ଷରୁ ଏହି ନିମ୍ନମାନର କାର୍ଯ୍ୟକୁ ବାରମ୍ବାର ବିରୋଧ କରାଯାଇ ପୋଖରୀ ସୁରକ୍ଷା ସମିତି ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ର ଓ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ଲୋକଙ୍କ ଟିକସକୁ ଅପଚୟ କରି ଗୋଟିଏ କାମକୁ ବାରମ୍ବାର କରାଯାଉଛି । ଏ ସବୁକୁ ଖାତିର ନ କରି ପୌର ପ୍ରଶାସନ ମନମୁଖି କାର୍ଯ୍ୟ କରିଚାଲିଛି । ଭାଗୀରଥି ସାଗରର ଶୌଚ ତୁଠ ଓ ୭ଟି ପାହାଚ କାର୍ଯ୍ୟ ଉଚ୍ଚମାନର କରାଯାଇ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଭାଗୀରଥି ସାଗର ସୁରକ୍ଷା ସମିତି ସଭାପତି ପଙ୍କଜ ନାୟକ ଦାବି କରିଛନ୍ତି ।

# ୱରୀ ସୋଲାରକୁ ଭିତ୍ତିଭୂମି ଯୋଗାଇବାରେ ସରକାରଙ୍କ ଟାଳଟୁଳ ନୀତି

ଢେଙ୍କାନାଳ,୨୧।୬(ସମିସ): ଢେଙ୍କାନାଳ ଜିଲ୍ଲା ଶିଳ୍ପ ବିକାଶର କେନ୍ଦ୍ର ପାଲଟିବା ସହ ଜିଲ୍ଲାରେ ନିଯୁକ୍ତି ସୃଷ୍ଟି ହେବ । ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ହଜାର ହଜାର ଯୁବକ ଯୁବତୀ ନିଯକ୍ତି ପାଇବେ ବୋଲି ସରକାର ସୋଲାର ୱରୀ କାରଖାନାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ଭତିଭୂମି ଯୋଗାଇବାରେ ବିଫଳ ହୋଇଛନ୍ତି । ଫଳରେ ୱରୀ ଢେଙ୍କାନାଳରୁ ଓହରିଯିବା ନେଇ ଚର୍ଚ୍ଚା ଚାଲିଛି ।

ଢେଙ୍କାନାଳ ଜିଲ୍ଲାରେ ୱରୀ ଏନର୍ଜି ଲିମିଟେଡ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ନିମନ୍ତେ ୨୫ ହଜାର କୋଟି ଟଙ୍କା ବିନିଯୋଗ କରି ୧୪ହଜାର ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ଗଁଦିଆ ବ୍ଲକ ନେଉଳପୋଇ ଗ୍ରାମ ନିକଟ ୩ ଗ୍ରାମ ଆମ୍ବଖାଲ, ଛାଟିଆ ଏବଂ ବନ୍ଧନୂଆଗାଁରେ ୱରୀ ଏବଂ ଗଜମରାଠାରେ ଟିଟାନିୟମ ଧାତୁ ଏବଂ ମହାକାଶ ଯାନ ଯନ୍ତ୍ରାଂଶ କାରଖାନା ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି । ୨୦୧୩ରେ ଗଁଦିଆ ବ୍ଲକ ନେଉଳପୋଇ ଗ୍ରାମଠାରେ ସେସକ୍ ନାମକ ଏକ କୋଲକୋଟା ବେସ୍‌ଡ୍ ସିଏସସି କମ୍ପାନୀ ପାୱାର ପ୍ଲାଣ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଥିଲା । ପ୍ରାୟ ୪ ହଜାର ୪୨ କୋଟି ଟଙ୍କା ବିନିଯୋଗରେ ୧୦୯୪ ଏକର ଜମିରେ ସ୍ଥାପିତ ହେବାକୁ ଥିବା ଏହି

## ଢେଙ୍କାନାଳରୁ ଓହରିଯିବା ନେଇ ଚର୍ଚ୍ଚା

କୋଇଲା ଭିତ୍ତିକ ପାୱାର ପ୍ଲାଣ୍ଟ ୧୩୨୦ ମେଗାୱାଟ ବିଜୁଳି ଉତ୍ପାଦନ ଲକ୍ଷ୍ୟ ରଖିଥିଲା । ୨୦୧୫ରେ ପରିବେଶ ମଞ୍ଜୁରୀ ସହିତ କୋଇଲା ଭିତ୍ତିକ ପ୍ଲାଣ୍ଟକୁ ନେଇ ସିଏସସି କମ୍ପାନୀ କାର୍ଯ୍ୟ ସ୍ଥଗିତ ରହିବା ଫଳରେ ହଜାର ହଜାର ଯୁବକ ଯୁବତୀଙ୍କ ସ୍ୱପ୍ନ ଅଧାରେ ରହିଗଲା । ସେହି ସ୍ଥାନରେ ପୁଣି ଥରେ ଏକ ସୋଲାର ମଡୁଲ ପ୍ରୋଜେକ୍ଟ କରିବା ପାଇଁ ସରକାରଙ୍କ ତରଫରୁ ଅନୁମୋଦନ କରାଯାଇଛି । ଫଳରେ ନେଉଳପୋଇ ଅଞ୍ଚଳରେ ଜମି ଦେଇ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ପାଇଁ ଆଶା ରଖିଥିବା ଜମିହରା ପ୍ରଜାମାନେ ପୁଣି ଆଶା ବାନ୍ଧି ବସିଛନ୍ତି । କାରଖାନା ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୂମିପୂଜନ କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଆସନ୍ତା ୯ ମାସରେ କାମ ଶେଷ ହେବ ବୋଲି ଘୋଷଣା କରିଥିଲେ । କିନ୍ତୁ କାରଖାନା ସ୍ଥାପନ ପାଇଁ ୱରୀ ଯେଉଁ ସର୍ତ୍ତ ରଖିଥିଲା ତାହା ସରକାର ପୂରଣ କରୁ ନ ଥିବା ଜଣାପଡ଼ିଛି । ଫଳରେ ୱରୀ ଢେଙ୍କାନାଳରୁ ହଟିଯିବା ନେଇ ଆଲୋଚନା ହେଉଛି । ୱାରୀ କାରଖାନା ପାଇଁ ୨୦୨୩ ମସିହା ଏପ୍ରିଲ ୩ରେ ଘୋଷଣା କରିଥିବା ବେଳେ ସେହି କାରଖାନାକୁ ନୂଆରୂପ ଦେଇ ଡବଲ ଇଞ୍ଜିନ ସରକାର ଡିଣ୍ଡିମ ପିଟୁଛନ୍ତି । ୱରୀ କାରଖାନା ହଟିଯିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ନିଯୁକ୍ତି ଆଶାୟୀ ଜମିହରାଙ୍କ ମଧ୍ୟରେ ପୁଣି ନୈରାଶ୍ୟ ପ୍ରକାଶ ପାଇଛି ।

# ବିଲକୁ ଯାଇ ଯୁବକ ନିଖୋଜ

କାମାକ୍ଷାନଗର,୨୧।୬(ସମିସ): କାମାକ୍ଷାନଗର ଥାନା ବାଇସିଙ୍ଗା ପଞ୍ଚାୟତ ରାଜକୁଳାକାଟେଣି ଗ୍ରାମର



ପ୍ରଶାନ୍ତ କୁମାର ସାହୁ (୪୯) ବିଲକୁ କାମ କରିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି । ପରିବାର ଲୋକଙ୍କ କହିବା ମୁତାବକ ଶୁକ୍ରବାର ଅପରାହ୍ନ ୩ଟାରେ ପ୍ରଶାନ୍ତ ନିଜ ବିଲକୁ ଯାଇ ଆଉ ଫେରିନାହାନ୍ତି । ଯିବାବେଳେ ସେ ଏକ କଳା ରଙ୍ଗର ହାପ ପ୍ୟାଣ୍ଟ ପିନ୍ଧିଥିବା ବେଳେ ନାଲି ରଙ୍ଗର ଗାମୁଛା ଓ ଚାଷ ପାଇଁ ଉଦ୍ଦିଷ୍ଟ ଏକ ଲୁହା ସାମଗ୍ରୀ ନେଇଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନାହାନ୍ତି । ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଯଦି କୌଣସି ବ୍ୟକ୍ତି ପ୍ରଶାନ୍ତଙ୍କ ସନ୍ଧାନ ପାଆନ୍ତି ତେବେ ନିକଟସ୍ଥ ଥାନାକୁ ସୂଚନା ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି ।

# ଚୋରା ମୋରମ ବୋଝେଇ ଟ୍ରାକ୍ଟର ଜବତ

ଗଁଦିଆ,୨୧।୬(ସମିସ): ଗଁଦିଆ ଥାନା ଛାଟିଆ ଅଞ୍ଚଳରେ ଚୋରା ମୋରମ ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା । ସେଠାରୁ ଏକ ମୋରମ ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭର ମହୁଲଖୋଳି ଗ୍ରାମର ସଞ୍ଜୟ ଦେହୁରୀଙ୍କୁ ଗିରଫ କରାଯାଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ଡ୍ରାଇଭରଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ଡାଇରିଆ ରୋଗୀଙ୍କୁ ଭେଟିଲେ କଂଗ୍ରେସ ନେତା



ଭୁବନ,୨୧।୬(ସମିସ): ଭୁବନରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ୧୦୦ ପାର ହୋଇଥିବା ବେଳେ କମିବାର ନାଁ ଧରୁନି । ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ କିଶାନ କଲ୍ୟାଣ ସଂଘର ରାଜ୍ୟ ଯୁବ ସଭାପତି ତଥା କଂଗ୍ରେସ ନେତା ଶ୍ରୀଧର ରାଉତ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତରଙ୍କ ସହ ଆଲୋଚନା କରି ସ୍ଥିତି ପରଖିଛନ୍ତି । ରୋଗୀମାନଙ୍କୁ ଭେଟିବା ସହ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ଡାକ୍ତର ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

# ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା



ଢେଙ୍କାନାଳ,୨୧।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ନିମନ୍ତେ ମୁମ୍ବଇ ଯାଇଛନ୍ତି । ସେଠାରେ ସେ ବିଶିଷ୍ଟ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ନିକଟରେ ଚିକିତ୍ସା ହେବେ । ରାଜ୍ୟ ବିଜେଡି ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ତାଙ୍କୁ ବିଦାୟ ଜଣାଇବା ସହ ଆଶୁ ଆରୋଗ୍ୟ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଢେଙ୍କାନାଳ ଜନସାଧାରଣ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀ ବଳରାମଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ସମୂହ ଦୀପଦାନ କରିଛନ୍ତି । ଜୟ ପ୍ରଭୁ ଶ୍ରୀ ବଳରାମ, ଲଙ୍ଗ ଲିଭ୍ ନବୀନ ନାରାରେ ସହର ପ୍ରକମ୍ପିତ ହୋଇଥିଲା । ଉପସ୍ଥିତ ଜନସାଧାରଣ ନବୀନଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିବା ସହ ନବୀନ ବାବୁ ଶୀଘ୍ର ଆରୋଗ୍ୟ ହୋଇ ଓଡ଼ିଶା ଫେରିଆସି ଲୋକଙ୍କ ସେବା ଜାରି ରଖନ୍ତୁ ବୋଲି କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରୋଟରିୟାନ୍ ସାଗରିକ ମିଶ୍ର, ଆଇନଜୀବୀ ଦେବାଶିଷ ମିଶ୍ର, ସମାଜସେବୀ ଅଜୟ ଭଞ୍ଜ, ସାମ୍ବାଦିକ ଗଙ୍ଗାଧର ରାଉତ, ବିନୋଦ ମହାନ୍ତି, ଯୁବନେତା ବ୍ରହ୍ମାନନ୍ଦ ସାହୁ, ରଞ୍ଜନ ନାୟକ, କାଉନସିଲର ଶୁଭଲକ୍ଷ୍ମୀ ସାହୁ, ପଣ୍ଡିତ ଜ୍ଞାନ ମିଶ୍ର, ଛାତ୍ରନେତା ଆର୍ଯ୍ୟନ୍ ଦାସ, ପ୍ରଦୀପ କୁମାର ସାହୁ, ସମାଜସେବୀ ଜୋତ୍ସ୍ନାରାଣୀ ଦାସ, ଆଇନଜୀବୀ ସିଲୁ ସାହୁ, ରମେଶ ମହାନ୍ତିଙ୍କ ସମେତ ବହୁ ଜନସାଧାରଣ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଆରମ୍ଭ ହେଲା ଶିକ୍ଷାବର୍ଷ, ବନ୍ଦ ସ୍କୁଲ ଖୋଲିବ କେବେ



● ୭୦ ବର୍ଷର ଗୋବର୍ଦ୍ଧନପୁର ବିଦ୍ୟାଳୟ ବନ୍ଦ କରିଛି ଶିକ୍ଷା ବିଭାଗ

● ବନ୍ୟଜନ୍ତୁ ଭୟ ସତ୍ତ୍ୱେ ୩ କିମି ଦୂର ସ୍କୁଲକୁ ଯାଉଛନ୍ତି କୋମଳମତି ପିଲା

ହିନ୍ଦୋଳ,୨୧।୬(ସମିସ): ସମସ୍ତେ ପଢ଼ିବା ସମସ୍ତେ ବଢ଼ିବା । ରାଜ୍ୟରେ କେହି ଅଶିକ୍ଷିତ ରହିବେ ନାହିଁ । ଏହି ନାରା ଦେଇ ଆରମ୍ଭ ହୋଇଥିବା ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ଶିକ୍ଷାର ବିକାଶ ପାଇଁ ସରକାର ରାଜକୋଷରୁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ସର୍ବଶିକ୍ଷା ଅଭିଯାନ ବାଟ ହୁଡୁଥିବା ଦେଖାଯାଉଛି । ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସର୍ବଶିକ୍ଷା ଅଭିଯାନର ବିକଳ ଚିତ୍ର ଦେଖିବାକୁ ମିଳିଛି । କେଉଁଠି ଶିକ୍ଷକ ନାହାନ୍ତି ତ କେଉଁଠି ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ବିଦ୍ୟାଳୟରେ ଶ୍ରେଣୀ କୋଠରିଟିଏ ନାହିଁ । ଆଉ କେଉଁଠି ବର୍ଷାହେଲେ ଛାତରୁ ଗଳୁଛି ପାଣି । ହିନ୍ଦୋଳ ଉପଖଣ୍ଡ କଂସରା ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ୬୦୦ରୁ ଅଧିକ ଲୋକ ବାସ କରୁଥିବା ବେଳେ ସେଥିମଧ୍ୟରୁ ୯୦ ପ୍ରତିଶତ ଆଦିବାସୀ । ଆଦିବାସୀ ବହୁଳ ଏହି ଗ୍ରାମରେ ପ୍ରାଥମିକ ଶିକ୍ଷା ପାଇଁ ସରକାରଙ୍କ ଦ୍ୱାରା ୧୯୫୫ରେ ଏକ ବିଦ୍ୟାଳୟ ସ୍ଥାପନ ହୋଇଥିଲା । ଏଥିସହ ନିକଟସ୍ଥ ବେଲଗୁଣ୍ଡା ଗ୍ରାମରେ ମଧ୍ୟ ଆଉ ଏକ ବିଦ୍ୟାଳୟ ରହିଥିଲା । ସରକାରଙ୍କ ନିୟମ ଅନୁଯାୟୀ କୌଣସି ବିଦ୍ୟାଳୟରେ ୨୫ରୁ କମ୍ ଛାତ୍ରଛାତ୍ରୀ ଥିଲେ ତାହାକୁ ବନ୍ଦ କରିଦିଆଯିବ । ଏହି ନିୟମର ଦ୍ୱାହି ଦେଇ ଶିକ୍ଷାବିଭାଗ ଦୁଇଟିଯାକ ବିଦ୍ୟାଳୟକୁ ଆଜକୁ ୪ ବର୍ଷ ହେବ ବନ୍ଦ କରିଦେଇଛି । ସେହିଦିନଠାରୁ ଏହି ଦୁଇ ଗ୍ରାମର ଛାତ୍ରଛାତ୍ରୀ ଗାଁଠାରୁ ୩ କିମି ଦୂର କାନ୍ତମିଲା ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଉଛନ୍ତି । ଏହି ୩ କିଲୋମିଟର ଯିବାବେଳେ ପଡ଼େ ଜଙ୍ଗଲିଆ ରାସ୍ତା । ଫଳରେ ପିଲାମାନଙ୍କ ପାଇଁ ସବୁବେଳେ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଥାଏ । ଉପଖଣ୍ଡରେ ସବୁଦିନ ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ମଧ୍ୟ ଲାଗି ରହିଛି । ତଥାପି କୋମଳମତି ପିଲାମାନେ ନିଜ ଜୀବନକୁ ବାଜି ଲଗାଇ ଏହି ୩ କିଲୋମିଟର ବିପଦପୂର୍ଣ୍ଣ ରାସ୍ତାରେ ପାଠ ପଢ଼ିବାକୁ ଯାଉଛନ୍ତି । ବନ୍ଦ ଥିବା ଏହି ବିଦ୍ୟାଳୟ ଖୋଲିବା ପାଇଁ ଢେଙ୍କାନାଳ ଜିଲ୍ଲାପରିଷଦ ବୈଠକରେ ଜିଲ୍ଲାପରିଷଦ ସଭ୍ୟ ଦୃଢ଼ ଦାବି କରିଥିଲେ । ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି, ଖୁବଶୀଘ୍ର ବିଦ୍ୟାଳୟ ଖୋଲିବ ବୋଲି କହିଥିଲେ ଜିଲ୍ଲା ଶିକ୍ଷାଧିକାରୀ ବିନୀତା ସେନାପତି । ହେଲେ ପ୍ରତିଶ୍ରୁତିକୁ ଗୋଟିଏ ବର୍ଷ ବିତିଗଲାଣି । ରାଜ୍ୟରେ ସରକାର ବି ବଦଳିଗଲାଣି । ନୂଆ ସରକାର ଆସିବା ପରେ ବିଦ୍ୟାଳୟ ଖୋଲିବ ବୋଲି ଗ୍ରାମବାସୀ ଆଶା ରଖିଥିଲେ । ହେଲେ ଆଜିପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଇତିମଧ୍ୟରେ ନୂତନ ଶିକ୍ଷାବର୍ଷ ମଧ୍ୟ ଆରମ୍ଭ ହୋଇଯାଇଛି । ଆଉ କେବେ ବିଦ୍ୟାଳୟ ଖୋଲିବ ବୋଲି ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏବି ଗୋବର୍ଦ୍ଧନପୁର ବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ଗ୍ରାମରେ ୩୦ରୁ ଅଧିକ ଛାତ୍ରଛତ୍ରୀ ଅଛନ୍ତି । ଗ୍ରାମବାସୀ ଏ ସମ୍ପର୍କିତ ସମସ୍ତ ତଥ୍ୟଛ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଦେଇସାରିଥିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ସରକାର ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ବିଚାରକୁ ନେଇ ଆଦିବାସୀ ବହୁଳ ତଥା ବନ୍ୟଜନ୍ତୁ ଉପଦ୍ରୁତ ଗୋବର୍ଦ୍ଧନପୁର ଗ୍ରାମ ବିଦ୍ୟାଳୟକୁ ପୁନର୍ବାର ଖୋଲିବା ଦିଗରେ ସକାରାତ୍ମକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବିଶ୍ୱ ଯୋଗ ଦିବସରେ ବିଶେଷ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୧।୬(ସମିସ): ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି । ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ, ମାନସିକ ଶାନ୍ତି, ଆତ୍ମନିୟନ୍ତ୍ରଣ ଓ ନୈତିକ ମୂଲ୍ୟ ବୃଦ୍ଧି ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ସେମାନେ ବିଭିନ୍ନ ଯୋଗାଭ୍ୟାସ ମଧ୍ୟ କରିଥିଲେ । ପରେ ଅନୁଷ୍ଠାନ ପରିସରରେ ଔଷଧୀୟ ଚାରାରୋପଣ କରାଯାଇଥିଲା । ଏଥିପାଇଁ ଅନୁଷ୍ଠାନ ତରଫରୁ ସଞ୍ଜିତ କୁମାର ମିଶ୍ର ବ୍ରହ୍ମାକୁମାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପରେ ଜିଲ୍ଲା କାରାଗାରକୁ ଯାଇ ଅନ୍ତେବାସୀଙ୍କୁ ଯୋଗ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ ।

କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟ ଢେଙ୍କାନାଳ ଶାଖାର ବିକେ ଲିନା, ବିକେ ଶୋଭା, ବିକେ ସନ୍ତୋଷ, ବିକେ ନୃସିଂହ ଓ ବିକେ ରାଜୀବ ପ୍ରମୁଖ ଯୋଗଦେଇଥିଲେ ।

## ସ୍କୁଲ ସମୟରେ ବିବାହ ଭୋଜିରେ ଯୋଗଦେଲେ ଛାତ୍ରଛାତ୍ରୀ ଓ ଶିକ୍ଷକ




**ଅନୁଗୋଳ,୨୧।୬(ସମିସ):** ରାଜ୍ୟର ଅନେକ ଜିଲ୍ଲାରେ ହଇଜା ରୋଗର ପ୍ରାଦୁର୍ଭାବକୁ ଦେଖି ଅନୁଗୋଳ ଜିଲ୍ଲା ପ୍ରଶାସନ ସତର୍କତା ପୂର୍ବକ ସାମୂହିକ ଭୋଜିଭାତ, ବାସିଖାଦ୍ୟ ନ ଖାଇବାକୁ ଲୋକଙ୍କୁ ସଚେତନ କରୁଛି। ଅନ୍ୟପଟେ ଜଣେ ସରକାରୀ ସ୍କୁଲ ଶିକ୍ଷକ ସରକାରଙ୍କ ଏହି କଟକଣାକୁ ହେୟ ଜ୍ଞାନ କରି ଗାଁ ସ୍କୁଲ ନିକଟ ଏକ ବିବାହ ଭୋଜିରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହେଉଥିଲେ ହେଁ ଜଣେ ଛାତ୍ରଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ଉପସ୍ଥିତ ୨୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷକ ଜଣକ ଭୋଜିରେ ଯୋଗଦେଇଥିଲେ। ଉକ୍ତ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ବଅଁରପାଳ ବ୍ଲକ କୁକୁଡ଼ାଙ୍ଗ କ୍ଲଷ୍ଟର ରଙ୍ଗାସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ପ୍ରାୟ ୩୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଗ୍ରୀଷ୍ମ ଅବକାଶ ପରେ ଶୁକ୍ରବାର ପ୍ରଥମ କରି ପିଲାମାନେ ସ୍କୁଲ ଆସିଥିଲେ। ପିଲାଙ୍କ ପାଇଁ ସ୍କୁଲରେ ମଧ୍ୟାହ୍ନଭୋଜନ ବି ରନ୍ଧାଯାଇଥିଲା। ଅନ୍ୟପଟେ ସ୍କୁଲ ନିକଟ ଗାଁରେ ମଧ୍ୟାହ୍ନରେ ଏକ ବିବାହ ଭୋଜି ଆୟୋଜିତ ହୋଇଥିଲା। ଉକ୍ତ ବିବାହ ଭୋଜିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ସମେତ କେବଳ ଜଣେ ଛାତ୍ରଙ୍କୁ ବାଦ୍ ଦେଇ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏ ନେଇ ଶନିବାର କେତେଜଣ ଗ୍ରାମବାସୀ ପ୍ରଧାନଶିକ୍ଷକ ସାହୁଙ୍କୁ ବିରୋଧ କରିଥିଲେ। ସ୍କୁଲ ସମୟରେ ଛାତ୍ରଛାତ୍ରୀ ଭୋଜି ଖାଇବାକୁ ଯିବା ଘଟଣାକୁ ପ୍ରଧାନଶିକ୍ଷକ ସାହୁ ସ୍ୱୀକାର କରିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସାହୁଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ସହ ବୁଝାମଣାରେ ଏହି ଘଟଣାର ସମାଧାନ ହୋଇଛି ବୋଲି ପ୍ରକାଶ କରିଥିଲେ। ସଆରସସି ଜଗବନ୍ଧୁ ସାହୁ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ଅନ୍ୟପଟେ ବଅଁରପାଳ ବିଇଓ ମାନସ ରଞ୍ଜନ ପୃଷ୍ଟି ଏବଂ ଏବିଇଓ ସୁଶୀଲ କୁମାର ନାୟକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିଲେ।

## ଉରୁକୁଲାରେ ହାତୀ ଉପଦ୍ରବ; ଲୋକେ ଆତଙ୍କିତ



**ବଇଣ୍ଡା,୨୧।୬(ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଲା ଗ୍ରାମରେ ଶନିବାର ଏକ ଦନ୍ତରହାତୀ ଉପଦ୍ରବ କରିଛି। ନିକଟସ୍ଥ ଜଙ୍ଗଲରୁ ହାତୀ ଗାଁ ଭିତରକୁ ଆସି ଗର୍ଜନ କରିବା ସହ ଲୋକଙ୍କ ବାଡ଼ିବଗିଚାରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବ୍ୟାପକ ଆମ୍ବଗଛ, କଦଳୀ ଗଛ ନଷ୍ଟ କରିଛି। ହାତୀ ଉପଦ୍ରବ ଯୋଗୁଁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଘରୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପଟେ ହାତୀକୁ ଘଉଡ଼ାଇବା ପାଇଁ ହଣ୍ଡପା ବନ ବିଭାଗ ପକ୍ଷରୁ ଏକ ଟିମ ନିୟୋଜିତ ହୋଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅନୁଗୋଳ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ



**ଅନୁଗୋଳ,୨୧।୬(ସମିସ):**

ଅନୁଗୋଳ ଜିଲ୍ଲାସ୍ତରୀୟ ଏକାଦଶ ଅନ୍ତଃର୍ଜାତୀୟ ଯୋଗ ଦିବସ ଶନିବାର ପୂର୍ବାହ୍ନରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପାଳିତ ହୋଇଛି। ଏହି ସାମୂହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ଓ ପ୍ରାଣାୟାମ ଶରୀର ଓ ମନକୁ ସୁସ୍ଥ ରଖିବା ସହ ନିରୋଗ ଜୀବନଯାପନରେ ସହାୟକ ହୋଇଥାଏ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ପରେ ପତଞ୍ଜଳି ଯୋଗ ସମିତି ସଭାପତି ଯୋଗଗୁରୁ ଅଭୟ ରାଏଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଅଭ୍ୟାସ କରାଯାଇଥିଲା। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ଯୋଗ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲାଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମିଳିତ ଜାତିସଂଘର ସାଧାରଣ ପରିଷଦ ନିଷ୍ପତ୍ତି କ୍ରମେ ୨୦୧୫ ଜୁନ ୨୧ରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଆସୁଛି। ଏହି ଦିବସ ଜିଲ୍ଲାର ସମସ୍ତ ବ୍ଲକ, ଉପଖଣ୍ଡ ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପାଳିତ ହୋଇଛି।

## ପବିତ୍ର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ୍ ପ୍ରସଙ୍ଗରେ ନୂଆମୋଡ଼

**ଅନୁଗୋଳ,୨୧।୬(ସମିସ):** ଜାତୀୟ ଚିକିତ୍ସା ଆୟୋଗର ନିୟମାବଳୀ ଅନୁଯାୟୀ ଏକ ନୂତନ ଚିକିତ୍ସା ମହାବିଦ୍ୟାଳୟ ସ୍ଥାପନ ପାଇଁ ଅନୁମତି ମିଳିବା ପୂର୍ବରୁ ୩୩୦ ଶଯ୍ୟା ଥିବା ହସ୍ପିଟାଲ୍ ଦୁଇ ବର୍ଷ ଚାଲିଥିବା ଦରକାର। ପ୍ରତିଦିନ ୬୦୦ ଆଉଟଡୋର୍ ରୋଗୀ ଚିକିତ୍ସା ପାଇଁ ଆସିଥିବା ଦରକାର। ଏହାସହ ମହାବିଦ୍ୟାଳୟ ପାଇଁ ୨୦ ଏକର ଜମି ଓ ପ୍ରୟୋଜନୀୟ ଅଞ୍ଚଳରେ ଶିକ୍ଷାଗୃହ, ଲ୍ୟାବରେଟରୀ, ପୁସ୍ତକାଳୟ, ପ୍ରଶାସନିକ ଭବନ ଓ ଆବାସିକ କ୍ୱାର୍ଟର୍ସ ଥିବା ଆବଶ୍ୟକ। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ




ଏହି ଆବଶ୍ୟକ ଭିତ୍ତିଭୂମି ତାଳଚେରରେ ୨୦୧୬ରେ ଆରମ୍ଭ କରି ୨୦୧୮ରେ ସମ୍ପୂର୍ଣ୍ଣ କରିସାରିଛି। ତଥାପି, ଏହି ହସ୍ପିଟାଲ୍ କାର୍ଯ୍ୟକ୍ଷମ କରିବାରେ ରାଜ୍ୟ ସରକାର କିମ୍ବା ଏମ୍ସିଏଲ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜଣେ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଏହି ମାମଲାରେ ରାଜ୍ୟ ସରକାର କୋର୍ଟକୁ ଜଣାଇଥିଲେ ଯେ ଜାତୀୟ ଚିକିତ୍ସା ଆୟୋଗର ଅନୁମତି ପାଇଁ ଏକ ୩୩୦ ଶଯ୍ୟା ଥିବା ଶିକ୍ଷଣ ହସ୍ପିଟାଲ୍ ଦୁଇବର୍ଷ ଚାଲିଥିବା ଦରକାର। ତେଣୁ ଏହି ଅନୁମତି ପାଇଁ ଚେଷ୍ଟା ଚାଲିଛି। ନ୍ୟାୟାଳୟର ନିର୍ଦ୍ଦେଶାନୁସାରେ ୨୦୨୩ ଅକ୍ଟୋବର ୧ରୁ ପବିତ୍ର ମୋହନ ଚିକିତ୍ସା ମହାବିଦ୍ୟାଳୟ ଓ ହସ୍ପିଟାଲ୍ ସରକାରୀ ଭାବେ ଆରମ୍ଭ ହୋଇଛି। ତେବେ, ପ୍ରୟୋଜନୀୟ ଶଯ୍ୟା ଓ ରୋଗୀ ସଂଖ୍ୟା ନ ଥିବାରୁ ଏହି ମହାବିଦ୍ୟାଳୟ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୋସିଏଟ କରାଯାଇଛି। ଏହି ପ୍ରକ୍ରିୟା ପୂର୍ବରୁ ଭୁବନେଶ୍ୱର ଏମ୍ସ ପାଇଁ ମଧ୍ୟ କ୍ୟାପିଟାଲ୍ ହସ୍ପିଟାଲ୍ ଆସୋସିଏଟ ହୋଇଥିଲା। ଏବେ ରାଜ୍ୟ ସରକାର ଜାତୀୟ ଚିକିତ୍ସା ଆୟୋଗର ଅନୁମତି ପାଇଁ ଆବେଦନ କରିଛନ୍ତି ଓ ଖୁବଶୀଘ୍ର ଜାତୀୟ ଚିକିତ୍ସା ଆୟୋଗ ଟିମ୍ ତାଳଚେର ଓ ଅନୁଗୋଳ ହସ୍ପିଟାଲ୍ ଯାଇ ନିରୀକ୍ଷଣ କରିବେ। ରାଜ୍ୟ ଓ କେନ୍ଦ୍ର ସରକାର ମିଶି କାମ କରୁଥିବାରୁ ଏହି ବର୍ଷରୁ ଏମ୍ବିବିଏସ୍ ପାଇଁ ଜାତୀୟ ଚିକିତ୍ସା ଆୟୋଗର "ଲେଟର ଅଫ୍ ପରମିସନ୍' ମିଳିବା ଆଶା ରହିଛି। ଅନୁଗୋଳ ଜିଲ୍ଲା ପ୍ରଶାସନ, ବିଶେଷକରି ଜିଲ୍ଲାପାଳ ଏହି କାର୍ଯ୍ୟକ୍ଷେତ୍ରରେ ବ୍ୟକ୍ତିଗତ ଭାବେ ଦୃଢ଼ ପଦକ୍ଷେପ ନେଉଛନ୍ତି। ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଡା. ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ

**କଣିହାଁ,୨୧।୬(ସମିସ):** କଣିହାଁ ବ୍ଲକ ଦଳକ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଓ ଧାର୍ମିକ ଅନୁଷ୍ଠାନ ପରିସରରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେସନ ତରଫରୁ ମା' ପାଇଁ ଗଛଟିଏ ଅଭିଯାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଡା. ଦେବେନ୍ଦ୍ର ପ୍ରଧାନଙ୍କ ପୈତୃକ ଗ୍ରାମ ନଳାମ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଚାରାରୋପଣର ଶୁଭାରମ୍ଭ କରାଯାଇଛି। ଏଥିରେ ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା' ବସନ୍ତ ମଞ୍ଜରୀ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେସନ ପକ୍ଷରୁ ଶ୍ରୀମତୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




■ ଏମସିଏଲ ପକ୍ଷରୁ ରକ୍ତଦାନ ଶିବିର

## ୫୯ ୟୁନିଟ ରକ୍ତ ସଂଗ୍ରହ

**କଣିହାଁ,୨୧।୬(ସମିସ):** ଏମସିଏଲ କଣିହାଁ କୋଇଲା କ୍ଷେତ୍ର ପକ୍ଷରୁ ସ୍ଥାନୀୟ ଟାଇମିଂ ଅଫିସ ନିକଟ ବିଶ୍ରାମ କକ୍ଷ ପରିସରରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୫୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂହ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ।




ଏମସିଏଲ କଣିହାଁ ମେଡିକାଲର ଡାକ୍ତର ସୁରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଏମ (ଖନନ), ଦୀନେଶ କୁମାର ମାଳି, ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଦାସ, ବରିଷ୍ଠ ଅଧିକାରୀ, ବିଭିନ୍ନ ୟୁନିଅୟନର ପ୍ରତିନିଧି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଏମସିଏଲ ସଞ୍ଜୀବନୀ ମହିଳା ମଣ୍ଡଳର ସଭାନେତ୍ରୀ ଅର୍ଚ୍ଚନା ରଣା, ସମ୍ପାଦିକା ଇପାଲି ଅପରାଜିତା ଦାଶ, ସହ ସମ୍ପାଦକ ନର୍ମଦା ବେହେରା, କୋଷାଧ୍ୟକ୍ଷ ରାଜଲକ୍ଷ୍ମୀ ନିୟୋଗୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ରକ୍ତଦାନ ନିମିତ୍ତ ସଚେତନ କରାଇଥିଲେ। ଅନୁଗୋଳ ରକ୍ତଭଣ୍ଡାରର ଡାକ୍ତର ସତ୍ୟବ୍ରତ ପାଟଯୋଶୀଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

■ ଟ୍ରମା ସେଣ୍ଟର ପରିଦର୍ଶନ



**ଅନୁଗୋଳ,୨୧।୬(ସମିସ):** ଶନିବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଶେଷକରି ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ନେଇ ବିଭିନ୍ନ ଦିଗ ସମ୍ପର୍କରେ ମନ୍ତ୍ରୀ ଆଲୋଚନା କରିଥିଲେ। ଏହା ସହ ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଟ୍ରମା ସେଣ୍ଟର ପରିଦର୍ଶନ କରି ବ୍ୟବସ୍ଥାର ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରୀଶଙ୍କର ବଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ନୁନୁକାପଶିରେ ବିକାଶ ମେଳା

**କିଶୋରନଗର,୨୧।୬(ସମିସ):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତରେ ଶନିବାର ବିକାଶ ମେଳା ଅନୁଷ୍ଠିତ ହୋଇଛି। ପ୍ରଥମେ ସରକାରଙ୍କ ବିକାଶ ରଥକୁ ସ୍ୱାଗତ କରାଯାଇଥିଲା। ପରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଇପ୍ସିତା ସାହୁ, ଏଡିଇଓ ଶିବଶଙ୍କର ସାହୁ, ଯୋଗାଣ ବିଭାଗ କର୍ମଚାରୀ ସରୋଜ କୁମାର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଜବକାର୍ଡ, ରାସନ କାର୍ଡ, ସହ ଅନ୍ୟାନ୍ୟ ସହାୟତା ବଣ୍ଟନ କରାଯାଇଥିଲା।



## ୧୦ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

**କଣିହାଁ,୨୧।୬(ସମିସ):** ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରତ୍ୟେକ ପଞ୍ଚାୟତକୁ ବିକାଶ ବାହାନ ପରିକ୍ରମା କରି ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରୁଛି। ଏହି କ୍ରମରେ ଶୁକ୍ରବାର ବାଲିପଶି ପଞ୍ଚାୟତରେ ବିକାଶ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମର ୪୩ ଜଣ ଆଦିବାସୀଙ୍କୁ ଜଙ୍ଗଲ ଜମି କିସମ ପରିବର୍ତ୍ତନ କରି ଘରବାରି ପାଇଁ କଣିହାଁ ତହସିଲ କାର୍ଯ୍ୟାଳୟ ତରଫରୁ ଚୟନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୪୩ ଜଣ ମଧ୍ୟରୁ ୧୦ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କଣିହାଁ ତହସିଲଦାର ଚିନ୍ମୟୀ ଦାସ, ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ସରପଞ୍ଚ ହାଡ଼ିବନ୍ଧୁ ସେଠୀ, ଅନୁସୂଚିତ ଜନଜାତି ସଂଘ ସଂଯୋଜକ କୁଳମଣି ବେହେରା ପ୍ରମୁଖ ଉପସ୍ଥିତ ରହି ପଟ୍ଟା ପ୍ରଦାନ କରିଥିଲେ। ଅବଶିଷ୍ଟ ଲୋକଙ୍କୁ ରାଜସ୍ୱ ଅଧିକାରୀ ସେମାନଙ୍କ ଘରକୁ ଯାଇ ପଟ୍ଟା ପ୍ରଦାନ କରିବେ ବୋଲି କୁହାଯାଇଛି।








# ଗୋଷ୍ଠୀଗତ ସରକାରୀ ଜମି ଲିଜ୍ ଦେବାକୁ ଦୃଢ଼ ବିରୋଧ

**ଅନୁଗୋଳ,୨୧।୬(ସମିସ):**




■ ଗ୍ରାମର ୬୦ ପ୍ରତିଶତରୁ ଅଧିକ ସରକାରୀ ଜମି ଲିଜ୍ ଦିଆଯାଇଛି

■ ମୂଳ ବାସିନ୍ଦା ଭୂମିହୀନ: ବାହାର ପ୍ରଭାବଶାଳୀଙ୍କୁ ଲିଜ୍ ଦିଆଯାଉଛି

ବଅଁରପାଳ ତହସିଲ ଅନ୍ତର୍ଗତ କୁଇଓ ଜଙ୍ଗଲ ଗ୍ରାମରେ ଦଳିତ ହାଡ଼ି ଜାତିର ୪୫ ପରିବାର ବାସ କରୁଛନ୍ତି। ଏହି ଗ୍ରାମବାସୀଙ୍କ ବ୍ୟକ୍ତିଗତ ଜମିଜମା ସ୍ୱଳ୍ପ ଥିବାବେଳେ କିଛି ପରିବାର ବର୍ତ୍ତମାନ ସୁଦ୍ଧା ଭୂମିହୀନ ଅଛନ୍ତି। ଗାଁର ଅଧିକାଂଶ ଲୋକ ଭାରତୀୟ ସେନାରେ କାର୍ଯ୍ୟ କରୁଛନ୍ତି ଏବଂ ୩୯ ଜଣ ଅବସର ନେଇଛନ୍ତି। କୁଇଓ ଜଙ୍ଗଲ ଗ୍ରାମର ରାଜସ୍ୱ ପରିସୀମା ଅଞ୍ଚଳରୁ କିଛି ଗୋଷ୍ଠୀଗତ ସରକାରୀ ଜମିରେ ଅନନ୍ତବେରେଣୀର ବିସ୍ଥାପିତମାନଙ୍କୁ ପୁନଃବସତି କରାଯାଇଛି। ଏହି ଗ୍ରାମର ଗୋଷ୍ଠୀଗତ ଜମି ଉପରେ ଅଞ୍ଚଳର ଉଚ୍ଚ ବିଦ୍ୟାଳୟ ସ୍ଥାପନ ହୋଇଛି। ଏପରିକି ଗ୍ରାମର ବହୁ ଜମିକୁ ପ୍ରଭାବଶାଳୀ ଲୋକଙ୍କୁ ଲିଜ୍ ଆକାରରେ ଦିଆଯାଇଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଅନୁଗୋଳ ସହର ଠାରୁ ଅଳ୍ପ ଦୂରରେ ଅବସ୍ଥିତ ଏହି ଗାଁର ଗୋଷ୍ଠୀଗତ ଜମିକୁ ଜମି ଦଲାଲମାନେ ହାତେଇବା ପାଇଁ ବିଭିନ୍ନ କୌଶଳ କରୁଛନ୍ତି। ଗ୍ରାମରୁ ୩୯ ଜଣ ସୈନିକ ଅବସର ନେଇଥିଲେ ସୁଦ୍ଧା ସେମାନଙ୍କୁ କୌଣସି ଲିଜ୍ ଜମି ଦିଆଯାଇ ନାହିଁ। ଗ୍ରାମର ଭୂମିହୀନଙ୍କୁ ମଧ୍ୟ ସରକାରୀ ଭାବେ ଲିଜ୍ ଦିଆଯାଇ ନାହିଁ। ଅପରପକ୍ଷରେ ଗାଁର ୬୦ ପ୍ରତିଶତରୁ ଅଧିକ ଗୋଷ୍ଠୀଗତ ଜମିକୁ ଅନ୍ୟ ବ୍ୟକ୍ତି ତଥା ପ୍ରଭାବଶାଳୀଙ୍କୁ ଲିଜ୍ ଦିଆଯାଇଛି। ଗାଁରୁ ଏତେ ପରିମାଣର ସରକାରୀ ଜମି ଲିଜ୍ ଦେବା ଦ୍ୱାରା ରାଜସ୍ୱ ଜମି ହ୍ରାସ ପାଉଛି। ଏପରିକି ଜମି ମାଫିଆ ଓ ଦଲାଲମାନେ ସରକାରୀ ଜମି ଜବରଦଖଲ କରି ରାସ୍ତା କରି ପ୍ଲଟିଂ କରିବାକୁ ମସୁଧା ଚଳାଇଛନ୍ତି। ଏହି ଦଳିତ ଲୋକମାନଙ୍କର ସରଳତାର ସୁଯୋଗ ନେଇ ସରକାରୀ କଳକୁ ହାତ ବାରିଶି କରିଛ ଜମି ଦଲାଲମାନେ ଏହି କାରନାମା ଚଳାଇଛନ୍ତି। ଗ୍ରାମବାସୀ ଦୀର୍ଘ ୨ ବର୍ଷ ହେଲା ଗୋଷ୍ଠୀଗତ ଜଙ୍ଗଲ ଜମିର ସୁରକ୍ଷା ନେଇ ସରକାରୀ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସବୁ ସତ୍ତ୍ୱେ ଗ୍ରାମର ୬୧ ନମ୍ବର ପ୍ଲଟକୁ ଖେଳପଡ଼ିଆ ନାମରେ ଲିଜ ଦେବା ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବାକୁ ଧାର୍ଯ୍ୟ ହୋଇଛି। ଖେଳପଡ଼ିଆ ନାମରେ ଜମି ମାଫିଆମାନେ ରାସ୍ତା କରିବା ପାଇଁ ଯୋଜନାବଦ୍ଧ ଚକ୍ରାନ୍ତ କରିଛନ୍ତି। ଗତ ୧୮ ତାରିଖ ବଅଁରପାଳ ତହସିଲ ଅଫିସରୁ ଚିହ୍ନଟ ପ୍ରକ୍ରିୟା ପାଇଁ ନୋଟିସ ଜାରି ହୋଇଥିଲା। ତହସିଲଦାରଙ୍କ ନୋଟିସ ପାଇବା ପରେ ଗ୍ରାମବାସୀ ଚିହ୍ନଟ ପ୍ରକ୍ରିୟା ବନ୍ଦ ରଖିବା ଓ ଲିଜ୍ ନ ଦେବାକୁ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଚିହ୍ନଟ ପ୍ରକ୍ରିୟା ବନ୍ଦ ରଖିବା ଦାବିରେ ଗ୍ରାମବାସୀ ଶୋଭାଯାତ୍ରା କରି ଚିହ୍ନଟ ଜମି ସ୍ଥାନକୁ ଯାଇଥିଲେ। ଗ୍ରାମବାସୀଙ୍କ ଶୋଭାଯାତ୍ରା ଦେଖିବା ପରେ ସରକାରୀ ଭାବେ କୌଣସି ଚିହ୍ନଟ ହୋଇନାହିଁ। ମିଥୁନ ବେହେରା, ପ୍ରଶାନ୍ତ ବେହେରା, କାହ୍ନୁଚରଣ ବେହେରା, କିଶୋରୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ଗାଁର ଶତାଧିକ ମହିଳା ପୁରୁଷ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସରକାରୀ ଅଧିକାରୀମାନେ ଜମି ମାଫିଆଙ୍କ କବଳରୁ ଗୋଷ୍ଠୀଗତ ଜମିକୁ ସୁରକ୍ଷା ନ ଦେଲେ ଗ୍ରାମବାସୀ ହାଇକୋର୍ଟ ଓ ବିଭିନ୍ନ ଆୟୋଗରେ ମାମଲା କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପୁସ୍ତକ ଓ ପତ୍ରିକା ପରିଚୟ

## ବାପାଙ୍କ ସହ ଶେଷ ଜହ୍ନରାତି

ବିପ୍ଳବ



ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୩୯ ଟଙ୍କା

ପ୍ରତିଟି ସନ୍ତାନଙ୍କ ପାଇଁ ବାପା ଜଣେ ମାର୍ଗଦର୍ଶକ, ଶୁଭଚିନ୍ତକ, ପ୍ରେରଣାଦାତା । ବାପାଙ୍କ ଉପସ୍ଥିତିରେ ଜହ୍ନରାତି ବି ଅଧିକ ଆକର୍ଷଣୀୟ ଲାଗିଥାଏ । ପୁଣି ସେ ନ ଥିଲେ ସବୁଠି ଖେଳି ଯାଏ ନିରବତା, କରୁଣର ସ୍ୱର । ଗାଳ୍ପିକ ବିପ୍ଳବଙ୍କ 'ବାପାଙ୍କ ସହ ଶେଷ ଜହ୍ନରାତି' ପୁସ୍ତକର ଗପଗୁଡ଼ିକ ଏହାର ଏକ ଏକ ଜ୍ୱଳନ୍ତ ଉଦାହରଣ । ଏହି ପୁସ୍ତକର ଅଧିକାଂଶ ଗପରେ ବାପାଙ୍କ ସହିତ ନିବିଡ଼ ସଂପର୍କର ଚିତ୍ର ପ୍ରତିଫଳିତ ହୋଇଛି । ବୁଢ଼ା ବୟସରେ ରୋଗୀଣା ବାପାଙ୍କୁ କୌଣସି ଔଷଧ ସୁସ୍ଥ କରି ପାରେନା, ବରଂ ଟିକିଏ ଭଲ ପାଇବା, ଦି' ପଦ କଥା, ଟିକେ ହସଖୁସି, ଆଉ କିଛି ସମୟର ଆବଶ୍ୟକତା ଥାଏ । ଏହା ପ୍ରମାଣିତ ହୋଇଛି 'ବାପା' ଗପରେ । ପୁଅର ଟିକିଏ ଆତ୍ମୀୟପୂର୍ଣ୍ଣ କଥାବାର୍ତ୍ତା କିଭଳି ଜଣେ ଅସୁସ୍ଥ ବୁଢ଼ା ବାପାଙ୍କୁ ବିଛଣାରୁ ଉଠାଇ ଦେଉଛି, ତାହା ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଏହି ଗପରେ । ଏହି ପୁସ୍ତକରେ ସଂକଳିତ 'ବାପା ନଥିବା ପୃଥିବୀ', 'ଶେଷ ମାଣବସା', 'ବିଜୟ ଉତ୍ସବ', 'ବାପାଙ୍କ ସହ ଶେଷ ଜହ୍ନରାତି', 'ଘାସଫୁଲ', 'ଅମଣିଷ', 'ପିତା ଓ ପୁତ୍ର', 'ବାପା', 'ମୁଖା', 'ଧୋବେଇ କୋରଟିଆ', 'ଭାଇଭାଗ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । କାହାଣୀରେ ନୂତନତ୍ୱ, ସରଳ ଭାଷା, କଥନୀୟ ଶୈଳୀ ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ରେବତୀ

ସଂପାଦିକା : ସୁବାସିନୀ ଜେନା





ଓଟି ରୋଡ୍
ବାଲେଶ୍ୱର - ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ'ର ୨୦୨୫ ଜୁନ୍ ସଂଖ୍ୟାର ସାହିତ୍ୟଠାରୁ ରୋଷେଇଶାଳ ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ଓ ହୃଦୟସ୍ପର୍ଶୀ ହୋଇଛି । ଚଳିତ ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ମୁକ୍ତିକାମୀ ସାହିତ୍ୟର ମୁଖବନ୍ଧ'ରେ ଫକୀରମୋହନଙ୍କ କଥା ସାହିତ୍ୟ ସଂପର୍କରେ ଏକ ତଥ୍ୟଭିତ୍ତିକ ଉଚ୍ଚକୋଟୀର ଆଲୋଚନା ପ୍ରକାଶ ପାଇଛି । ସେହିପରି ସ୍ୱାଗତିକା ସେଠୀଙ୍କ 'ତନ୍ତର ତନୁମନ'ରେ ଓଡ଼ିଶା ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଉପରେ ମାର୍ମିକ ଉପସ୍ଥାପନା କରାଯାଇଛି । ସେଭଳି ସୁରଚିତା ବେହେରାଙ୍କ 'ଚିନାମାଟିର ଚମକ'ରେ ଉତ୍ତର ପ୍ରଦେଶର ଖୁର୍ଜା ସହରରେ ଚିନାମାଟିର ସାମଗ୍ରୀ ପ୍ରସ୍ତୁତି, ବ୍ୟବସାୟ ଆଦି ସଂପର୍କରେ ମନଛୁଆଁ ବର୍ଣ୍ଣନା କରାଯାଇଛି । ସେହିପରି ସବିତା ବାରିକଙ୍କ 'କରୋନା କବିତା କାରୁଣ୍ୟର ଗାଥା', ଐତିହାସିକ ସତ୍ୟବାଦୀ ବଳିଆସିଂହଙ୍କ 'ମଣିନାଗଙ୍କ ମହିମା', ଲଳିତ ମୋହନ ମିଶ୍ରଙ୍କ 'ମହେନ୍ଦ୍ରଗିରିର ମୋହ', ପାରମିତା ଷଡ଼ଙ୍ଗୀଙ୍କ 'ମଥାନର ମାୟା' ଆଦି ପ୍ରବନ୍ଧ ଓ ଫିଚରଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ବାସୁଦେବ ସୁନାନୀ, ରତ୍ନାକର ରାଉତ, ମୋହିତ ଚକ୍ରବର୍ତ୍ତୀ, ପ୍ରଭାତ ନଳିନୀ ମହାପାତ୍ର, ଡକ୍ଟର ସିନ୍ଧୁ ସେନ୍, ଲିପିକା ଦାସ ପ୍ରମୁଖଙ୍କ କବିତାରେ ଜୀବନ, ଦର୍ଶନ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ବିଜୟ ନାୟକ, ବିରଜା ରାଉତରାୟ, ସିଗ୍ମା ନାୟକଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ରେବତୀ'ର ନିୟମିତ ବିଭାଗଗୁଡ଼ିକ ମଧ୍ୟ ଆକର୍ଷଣୀୟ ଓ ସୁଖପାଠ୍ୟ ହୋଇଛି । 'ରେବତୀ'ର ଜୁନ୍ ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

## ପଲ୍ଲୀପୁଷ୍ପ

ସଂପାଦକ : ସତ୍ୟବ୍ରତ ସାହୁ




ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ
ପଲ୍ଲାସାହି, ଯାଜପୁର- ୭୫୫୦୩୬
ମୂଲ୍ୟ: ୧୦୦ ଟଙ୍କା

ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ ତୃତୀୟ ବାର୍ଷିକ ମୁଖପତ୍ର ୨୦୨୫ 'ପଲ୍ଲୀପୁଷ୍ପ' ଆମର ହସ୍ତଗତ ହୋଇଛି । ଓଡ଼ିଶାର ଅନେକ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗପ, ପ୍ରବନ୍ଧ ଆଲୋଚନା, ଅନୁବାଦ, ଏକାଙ୍କିକା ଆଦିରେ ଏହି ପତ୍ରିକାଟି ସମୃଦ୍ଧଶାଳୀ ହୋଇଛି । କବିତା ବିଭାଗରେ ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ଡକ୍ଟର ଶ୍ରୀହରି ଧଳ, ଡକ୍ଟର ସତ୍ୟ ନାୟକ, ଡକ୍ଟର ସୁମନ କଲ୍ୟାଣ ବେହେରା, ଡ. କଳ୍ପନା ମଞ୍ଜରୀ ବେଉରିଆ, ହେମନ୍ତ ନାୟକ, ବନ୍ଦନା ସାହୁ ପ୍ରମୁଖଙ୍କ କବିତାରେ ମାନବୀୟ ଭାବାବେଗ, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ଅଧ୍ୟାପକ ଅଶୋକ କୁମାର ନାୟକଙ୍କ 'ଫକୀରମୋହନ ସାହିତ୍ୟରେ ବ୍ୟଞ୍ଜନା', ଡକ୍ଟର କବିତା ମହାନ୍ତିଙ୍କ 'ଭାରତର ଆଲୋକ ସ୍ୱାମୀ ବିବେକାନନ୍ଦ', ମଧୁସୂଦନ ମହାପାତ୍ରଙ୍କ 'ଯାଜପୁରର ଯୁଗାନ୍ତକାରୀ ନାରୀକବି 'ରେବା ରାଏ', ଡକ୍ଟର ରଶ୍ମିତା ତ୍ରିପାଠୀଙ୍କ 'ଜାତୀୟତାର ବାର୍ତ୍ତାବହ ଗୋପବନ୍ଧୁ ଦାସ' ଆଦି ପ୍ରବନ୍ଧ ଓ ସମାଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଗବେଷଣାଧର୍ମୀ ହୋଇଛି । ସେଭଳି ରାମଚନ୍ଦ୍ର ଦାଶଙ୍କ 'ଭୋକର ପୃଥିବୀ', ସ୍ନେହଲତା ଧୀରଙ୍କ 'ପାହାନ୍ତି ସ୍ୱପ୍ନ', ଭାଗିରଥୀ ପାଣିଗ୍ରାହୀଙ୍କ 'ପୁଅ ପାଇଥିଲି ଦିଅଁକୁ ପୂଜି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ଗୀତି କବିତା, ଶିଶୁ କବିତା, ଏକାଙ୍କିକା, ଅନୁବାଦ ଆଦି ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ପଲ୍ଲୀପୁଷ୍ପ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ପ୍ରାର୍ଥନା



ଛନ୍ଦା ମିଶ୍ର



ନୂଆବର୍ଷର ପ୍ରଥମ ଦିନରେ ଏପରି ଘଟଣାଟିଏ ଦେଖିବ ବୋଲି ବିଲ୍‌କୁଲ ବି ଭାବି ନଥିଲା ଅବନୀ । ସେ ଭାବିଥିଲା, ଆଉ ଯାହା ହେଉ କି ନହେଉ ଏଥର ନୂଆବର୍ଷରୁ ସେ ନିଜ ଶରୀରର ଠିକ୍ ଭାବେ ଯତ୍ନ ନେବ, ନହେଲେ ଯେମିତି ତା'ର ସାଙ୍ଗ ଦୁଇ ଜଣଙ୍କୁ ଡାଇବେଟିସ୍ ହେଲାଣି ନା... । ହେଲେ ଭୋର୍‌ରେ ମର୍ଣ୍ଣିଂ ୱାକ୍ ସମୟରେ ଏ ଅଭାବନୀୟ ଦୃଶ୍ୟଟି, ହୃଦୟକୁ ତା'ର କୋରି ପକାଇଲା । ମନ ତା'ର ବିକଳ ହୋଇ ଉଠିଲା । ଏଡେ ସୁନ୍ଦର କଅଁଳିଆ ଶିଶୁଟିକୁ କିଏ ଏତେ ନିଷ୍ଠୁର ଯେ, ଏମିତି କପଡ଼ା ଗୁଡ଼େଇ ରାସ୍ତା କଡ଼ ଆମ୍ବ ଗଛ ତଳେ ଛାଡ଼ି ଦେଇ ଯାଇଛି !

କଳା ମଚମଚ ଗୋଛାଏ ବାଳ ମୁଣ୍ଡରେ, ଗୋରା ତକତକ ଚେହେରା, ନିଦରେ ଶୋଇ ବି ଶିଶୁଟି ଗୋଲାପି ଓଠରେ ମୁରୁକି ମୁରୁକି ହସି ଦେଉଥିଲା । ଅବନୀ ଦେଖିବା ପୂର୍ବରୁ ଆଉ ଚାରି ପାଞ୍ଚ ଜଣ ସେଠାରେ ପହଞ୍ଚି ଯାଇଥିଲେ । ଗଛ ଉପରେ ଥାଇ ଆଠ ଦଶଟି ମାଙ୍କଡ଼ ବି ଚାହିଁ ରହିଥିଲେ ତଳକୁ । ଭାଗ୍ୟକୁ ବୁଲା କୁକୁରଙ୍କ ଆଖିରେ ପଡ଼ିନି, ନହେଲେ... । ଓଃ ଆଉ ଆଗକୁ ଭାବି ପାରୁନଥିଲା ଅବନୀ । ଲୋକେ ବି ସେଇ କଥା କହୁଥିଲେ, "କୁକୁର ଝୁଣି ଖାଇ ଯାଇଥାନ୍ତେ ଛୁଆଟିକୁ, କେମିତି ହେଇଥିବ ସେ ମାଆଟି କେଜାଣି, ନିଜ ଗର୍ଭରୁ ଜନ୍ମ ଦେଇ କେହି କ'ଣ ଏମିତି ଫୋପାଡ଼ି ଦେଇ ପାରେ !"

ଧୀରେ ଧୀରେ ଭିଡ଼ ବଢୁଥିଲା । କିଏ କହୁଥିଲା, "କାହାର ପାପର ଫଳ ହେଇଥିବ... ଆଉ କିଏ କହୁଥିଲା, ବୋଧେ ପୁଅ ଭାବିଥିଲା, ଝିଅ ଜନ୍ମ ହେଲା, ତେଣୁ... ।" ତେବେ ସମସ୍ତେ କଳିକାଳକୁ ଦୋଷ ଦେଉଥିଲେ, ସତେ ଯେମିତି ଆଗରୁ କେବେ ଏମିତି ହୋଇ ନଥିଲା, ଏଇ ପ୍ରଥମ କରି ଏପରି ଘଟଣା ଘଟିଛି! କେହି କିନ୍ତୁ ଛୁଆଟିକୁ ଛୁଉଁ ନଥିଲେ । କି ଜାତି ନେଇ କି ଜାତି ହେଇଥିବ, କହି । ଅବନୀ ଭାବୁଥିଲା, ଯଦି ସମ୍ଭବ ହେଇଥାନ୍ତା, ତେବେ ସେ ନିଶ୍ଚୟ ଛୁଆଟିକୁ କୋଳେଇ ନେଇଥାନ୍ତା । କିନ୍ତୁ ସେ ତ ନିଜେ ଅବିବାହିତ, ବେକାର...ନିଜ ରକ୍ଷଣ ଯେଉଁଠି ଅସମ୍ଭବ... । ଜଣେ ସ୍ଥାନୀୟ ପୋଲିସ୍‌କୁ ଫୋନ୍ କରିଥିଲେ ।

"ପୋଲିସ୍ ଆସି କ'ଣ କରିବ କରୁ, କାଇଁ କାଦୁଅକୁ ଯିବା ଗୋଡ଼ ଧୋଇବା ।" ମନ୍ତବ୍ୟ ଦେଇଥିଲେ, ସବ୍‌ଜାନତା ପରି ଅଣ୍ଟାରେ ହାତ ଦେଇ ଛିଡ଼ା ହୋଇଥିବା ବୃଦ୍ଧ ଜଣେ ।

ଏଇ ସମୟରେ ଘଟିଗଲା ଆଉ ଗୋଟିଏ ଅଘଟଣ । ମା' ମାଙ୍କଡ଼ଟିଏ ଗଛ ଉପରୁ ନିଜ ଛୁଆ ସହିତ ପାଖ ଗଛକୁ ଡେଇଁଲା ବେଳକୁ ତାକୁ ଜାବୁଡ଼ି ଧରିଥିବା ଛୁଆଟି ଖସି ପଡ଼ିଥିଲା ତଳକୁ । ଆଉ ଠିକ୍ ଏଇ ସମୟରେ ଦ୍ରୁତ ଗତିରେ ଆସୁଥିବା ବାଇକ୍‌ଟିଏ ତାକୁ ଧକ୍କା ଦେଇ ଚାଲିଗଲା । ଛୁଆଟି ସେଇଠି କୁଁ କୁଁ ହୋଇ ପ୍ରାଣ ତ୍ୟାଗୀ ଦେଲା ପରି ମନେ ହେଲା । ଲୋକମାନେ ଆହାଃ ଚୁ ଚୁ କରୁଥିଲେ ବି ମାଙ୍କଡ଼ ପଲ ଗଛ ଉପରେ ଥିବାରୁ ଛୁଆଟି ପାଖକୁ ଆସିବାକୁ କେହି ସାହସ କଲେ ନାହିଁ । କିନ୍ତୁ ଦୁଇଟି ବୁଲା କୁକୁର ନୂଆ ବର୍ଷରେ ଭଲ ଆହାରଟିଏ ମିଳିଲା ଭାବି ତାକୁ ଟାଣି ନେବାକୁ ଧାଇଁ ଆସିଲେ ।

ହେଲେ ମାଆ, ଯେତେ ଯା' ହେଲେ ମାଆ ନା...

ଦୁର୍ବଳିଆ ମାଆ ମାଙ୍କଡ଼ଟି ଖିଁ ଖିଁ କରି ଖିଙ୍କାରି ହୋଇ ଦୌଡ଼ି ଆସିଲା, ଆଉ ବୁଲା କୁକୁରମାନେ ନେବା ପୂର୍ବରୁ ମଲା ଛୁଆଟିକୁ ନିଜ ଛାତିରେ ଜାକି ଚଢ଼ିଗଲା ଗଛ ଉପରକୁ । ଛୁଆଟିର ମୁହଁକୁ ବିକଳ ହୋଇ ଆଉଁସି ପକାଇଲା । ବାରମ୍ବାର ତା' ମୁହଁକୁ ଏପଟ ସେପଟ କରି ଦେଖୁଥିଲା । ସେଠାରୁ ଆଖି ଫେରେଇ ଆଣିଲା ଅବନୀ । ପେଟ ଭିତରଟା ତା'ର ଘାଣ୍ଟି ହେଇଗଲା ।

ଏବେ ସମସ୍ତଙ୍କ ଧ୍ୟାନ ପୁଣି ଫେରି ଆସିଲା ମଣିଷ ଶିଶୁ ନିକଟକୁ । ପୋଲିସ୍ ଆସି ସାରିଥିଲା । କ'ଣ କ'ଣ ଲେଖାପଢ଼ା କରି ଦୁଇ ଚାରି ଜଣଙ୍କ ଦସ୍ତଖତ ନେଇ ଛୁଆଟିକୁ ନେଇ ପୋଲିସ୍ ଗାଡ଼ି ଚାଲିଗଲା । ପୋଲିସ୍ ନେଲା ବେଳେ ଜଣାପଡ଼ିଲା, ଶିଶୁଟି ପୁଅ ବୋଲି । ତାହେଲେ ନିଶ୍ଚେ ଅବୈଧ ହେଇଥିବ ବୋଲି ସବ୍‌ଜାନତା ଜଣକ ନିଜ ମତ ଦେଇ, "ଦେଖୁଛ ମୁଁ କେତେ କଥା ଜାଣିଛି!" ଏଇ ଭଙ୍ଗୀରେ ସମସ୍ତଙ୍କ ଉପରେ ନିଜର ଆଖି ବୁଲେଇ ଆଣିଲେ । ଭିଡ଼ ଭାଙ୍ଗିଲା ।

ଉଦାସ ମନ ନେଇ, ଆଉ ଆଜି ଚାଲିବାକୁ ଯିବନି ଭାବି, ଅବନୀ ଫେରିଲା ତା' ମେସ୍‌କୁ । ନୂଆବର୍ଷରେ ଚାଲିବା ନହେଲା ନାହିଁ, ଆଜି ଟିକେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବ ଭାବି ଗାଧୋଇ ସାରି ମନ୍ଦିରରେ ପହଞ୍ଚିଲା । ଭାବିଥିଲା, ତା'ର ଚାକିରି ଓ ଆର୍ଥିକ ଅନାଟନ ବିଷୟରେ କହି ଠାକୁରଙ୍କୁ କିଛି ମାଗୁଣି କରିବ । ହେଲେ ଠାକୁରଙ୍କ ଆଖିରେ ତା' ଆଖି ମିଶିଗଲା ଯେମିତି, ଆଖିରେ ତା'ର ଲୁହ ଭରି ଗଲା । ଆଖି ଆଗରେ ନାଚି ଉଠିଲା ମଲା ଛୁଆକୁ ଧରି ବିକଳ ହେଉଥିବା ମା' ମାଙ୍କଡ଼ର ମୁହଁଟି, ମନେ ପଡ଼ିଗଲା, କପଡ଼ାରେ ଗୁଡ଼େଇ ହୋଇ ଶୋଇଥିବା ନିଷ୍ପାପ ମଣିଷ ଶିଶୁଟି । ଥାକ ଥାକ କରି ରଖିଥିବା ନିଜର ସବୁ ଅଳି ଅର୍ଦ୍ଦଳିକୁ ପାଶୋରି ଦେଇ ତା' ହୃଦୟ ବ୍ୟାକୁଳ ହୋଇ କହି ଉଠିଲା, ଠାକୁରେ, ପୁନର୍ବାର ଯଦି ଜନ୍ମ ଦେବ, ତେବେ ମତେ ମଣିଷପଣିଆ ଥିବା ମାଙ୍କଡ଼ଟିଏ ପଛେ କରିବ, ହୃଦୟହୀନ ମଣିଷଟିଏ ନୁହେଁ... । ■

ମୋ: ୯୪୩୭୪୫୩୬୧୦

# ପୂର୍ବପୁରୁଷ

ଭଗବାନ ଜୟସିଂହ



ସେମାନେ ଆଉ ନାହାଁନ୍ତି । ଏକ ଏକ
ହୋଇ ଚାଲିଗଲେଣି କେଉଁକାଳୁ ।
ସେମାନଙ୍କ
ଫେରିବା ରାସ୍ତାର ଆଲୁଅ ଲିଭିଗଲାଣି
ଯିବା ପରେ ପରେ ।

ସେମାନଙ୍କୁ ଭୁଲିଯିବାର ମୁରୁଜ
ଲିପି ହେଇଗଲାଣି ଆକାଶ ସାରା
ସେମାନଙ୍କ ପୂରାପୂରି ଶୁଖି ଯାଇଥିବା କ୍ଷତରେ
କ୍ଷୟ ହୋଇଗଲାଣି ରାତି
ଚନ୍ଦ୍ରର ପାଦ ଛନ୍ଦି ହୋଇଗଲାଣି
ଛନ୍ଦହୀନ ପବନ ଫାଶରେ ।

ଯେଉଁମାନେ ଗଲେଣି ମାନେ
ଗଲେଣି, ଭୟରେ ହେଉକି ଭ୍ରାନ୍ତିରେ
ସେମାନଙ୍କର ଆଉ ଫେରିବାର ନାହିଁ
ଆଉ ଲେଉଟିବାର ନାହିଁ ନଦୀଙ୍କର
ସମୁଦ୍ର ଆଁ-ରୁ ।

ସେମାନେ ଏବେ କେଉଁଠି କେଜାଣି
ହସହୀନ ପୃଥିବୀର
ଏପାଖେ ନା ସେପାଖେ
ନା ନୀରବି ଯାଇଥିବା ବୀଭତ୍ସ ଝଡ଼ରେ
ଯଦିଓ ସେମାନଙ୍କ ଚାଲିଯିବାର ଚିତ୍ର
ଲିଭି ଯାଇଛି ଅସ୍ତାଚଳରୁ ।

ଆଜି ସେମାନେ ନାହାନ୍ତି
ତଥାପି ସେମାନଙ୍କୁ ନିଘା କରି ପାଣି
ଫାଟିଗଲାଣି ରକ୍ତ
ରକ୍ତର ପ୍ରତିଟି କୋଷରେ ଜମାଟ
ବାନ୍ଧି ଗଲାଣି ମେଘ
ଏବେ କିନ୍ତୁ ସୂର୍ଯ୍ୟ ଉଇଁବାର ନାହିଁ ।

ଆଜି ଏତେ ବର୍ଷ ପରେ
ଆଉ ଖୋଜନା ସେମାନଙ୍କୁ
ସେମାନେ କେବେଠୁଁ ମିଳେଇ ଗଲେଣି ପବନରେ
ଫିକା ଅନ୍ଦାଜରେ ଫିକା ଦିଶିଲାଣି ଫଟୋଫ୍ରେମ
ଆଜି, ଏତେ ବେଶୀ ଆଲୁଅରେ
ମତେ ଆଉ ଡାକନା ଥରକୁ ଥର

ମୋର ଏବେ ଯିବାର ନାହିଁ । ■

ସେଣ୍ଟ୍ରାଲ ସ୍କୁଲ ରୋଡ୍
ତାଳବଣିଆ
ପୁରୀ, ୭୫୨୦୦୨
ମୋ: ୯୫୫୬୭୨୩୩୦୦

# ଉତ୍ସବ

ଗଜାନନ ମିଶ୍ର



କୋଉଥିପାଇଁ?
କୋଉଥିପାଇଁ ଉତ୍ସବ?

ମାଆଠୁ ଦୂରରେ,
ମାଆଙ୍କ ଭାଷାକୁ ଅନାଦର,
ମାତୃଭୂମି ଖଣ୍ଡିତ, କ୍ଷତାକ୍ତ,
ଲୁଣ୍ଠିତ, ଅବହେଳିତ
ଆଉ ଆମେ ପରଧନରେ
ମନାଉଛେ ଖୁସି ଆଉ
ଆନନ୍ଦ, ମଦନମସ୍ତ!

କିଏ ଏ ରାଜ୍ୟର ମାଲିକ?
କିଆଁ ପାଟି ବନ୍ଦ ଏମାନଙ୍କର?
ଭୃତ୍ୟର ଭୟାନକ ଷଡ଼ଯନ୍ତ୍ର!
ଚାଲିଛି ହରିଲୁଟ ପ୍ରତିମୁହୂର୍ତ୍ତ ।

ମାଟିକୁ ମାଟିରେ ମାପି
ଆକାଶରେ ଖଞ୍ଜିବା
ଆମର ଭାଗ୍ୟ ।
ଆକାଶରେ ଆକାଶରେ
ପବନ ହେବା ଲେଖା ।

ଓଜନିଆ ଆଉ ହାଲୁକା
ପବନ ଆଉ ପାଣି
ବସିଲାବେଳେ ନିଆଁ ସହ
ମିତ୍ର ଦେଖି ପରଖି ସମୟକୁ
ଚିହ୍ନି ହୁଏ କିଏ କାହାର! ■

ତପୋବନ, ଟିଟିଲାଗଡ଼-୭୬୭୦୩୩



# ଓଡ଼ିଶାରେ ନାଥ ସାହିତ୍ୟର ପରମ୍ପରା

ଡକ୍ଟର ସତ୍ୟଜିତ ଦାସ



ଅନେକ ଧର୍ମାବଲମ୍ବୀ ଓଡ଼ିଶାରେ ସୃଷ୍ଟି ହୋଇ ସର୍ବଧର୍ମର ସମନ୍ୱୟର ବାର୍ତ୍ତା ଦେଇଛନ୍ତି । ଓଡ଼ିଶାରେ ନାଥଧର୍ମ ଅତିପ୍ରାଚୀନ । ଅନୁସନ୍ଧାନରୁ ଜଣାଯାଏ, ଦ୍ୱାଦଶ ଶତାବ୍ଦୀରୁ ନାଥଧର୍ମର ବିକାଶ ଘଟିଛି । ୮୪ ସିଦ୍ଧାଚାର୍ଯ୍ୟଙ୍କର ବିବରଣୀ ଅତି ପ୍ରାଚୀନ ଓଡ଼ିଆ ଗ୍ରନ୍ଥଗୁଡ଼ିକରେ ନାଥ ଧର୍ମର ଉଲ୍ଲେଖ ରହିଛି । ନାଥ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ 'ନ'-କାର ଦ୍ୱାରା ପରମ ତତ୍ତ୍ୱଙ୍କର ଅନାଦି ରୂପ ଓ 'ଥ'-କାର ଦ୍ୱାରା ତ୍ରିଭୁବନର ସ୍ଥିତିର ସୂଚନା ଦେଇଥାଏ । ସେହିପରି ଅନ୍ୟ ଏକ ଅର୍ଥ 'ନା' ଅର୍ଥ ନାଥବ୍ରହ୍ମ (ଯିଏ ମୋକ୍ଷଦାୟକ) 'ଥ' ଅର୍ଥ ଯିଏ ଅଜ୍ଞାନକୁ ଦୂର କରେ । ନାଥ ଧର୍ମ ସାଧାରଣତଃ ଏକ ଯୋଗଭିତ୍ତିକ ଧର୍ମ । ଏହାର ପ୍ରବର୍ତ୍ତକ ଓ ମୁଖ୍ୟ ପ୍ରଚାରକଗଣ 'ନାଥ' ଉପାଧି ବା ସଂଜ୍ଞା ଗ୍ରହଣ କରିଥାନ୍ତି । ନାଥ ଶବ୍ଦ ହେଉଛି ଗୋରେଖପନ୍ଥୀ ଯୋଗୀମାନଙ୍କର ଏକ ଉପାଧି ଏବଂ ଓଡ଼ିଶାରେ ନାଥ ଶବ୍ଦଟି ସାଧାରଣତଃ ଯୋଗୀ ବା ଯୋଗୀ ଜାତିକୁ ବୁଝାଇଥାଏ ।

ନାଥ ଧର୍ମର ପ୍ରାଚୀନତା ସମ୍ପର୍କରେ ଅନେକ ମତ ଦେଖିବାକୁ ମିଳିଥାଏ । ବୈଦିକ ସମୟରୁ ଏହି ଧର୍ମ ପ୍ରଚଳିତ ଥିଲା ଏବଂ କାଳକ୍ରମେ ବୌଦ୍ଧ, ଜୈନ ଓ ହିନ୍ଦୁ ଧର୍ମର ସଂସ୍ପର୍ଶରେ ଆସି ଏହାର ନୀତି ନିୟମ ସାଧନ ପ୍ରଣାଳୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି । ମେଘାସ୍ଥିନିସ୍‌ଙ୍କ ଭ୍ରମଣ ବୃତ୍ତାନ୍ତରେ ନାଥ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ ରହିଛି । ବୈଦିକ ଯୁଗରେ ନାଥମାନେ 'ବ୍ରାତ୍ୟ' ନାମରେ ଅଭିହିତ ହେଉଥିଲେ ପରବର୍ତ୍ତୀ ସମୟରେ ନାଥ ଓ ଯୋଗୀ ପ୍ରଭୃତି ନାମରେ ପରିଚିତ ହେଲେ । ଏହି ଧର୍ମ, ବ୍ରାତ୍ୟଭୂମି ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ଆଦି ସ୍ଥାନରେ ଲୋକପ୍ରିୟ ହୋଇଥିଲା । ଅଥର୍ବ ବେଦର ବ୍ରାତ୍ୟ କାଣ୍ଡରେ ନାଥ ଯୋଗୀ ପ୍ରସଙ୍ଗ ବର୍ଣ୍ଣିତ ରହିଛି । 'ମନୁସ୍ମୃତି'ରେ ବ୍ରାହ୍ମଣ ବଟୁର ଷୋଳବର୍ଷ ମଧ୍ୟରେ ଉପନୟନ ସଂସ୍କାର ନ ହେଲେ ବ୍ରାତ୍ୟ ନାମରେ ଅଭିହିତ ହୋଇଥାନ୍ତି । ବୈଦିକ ଯୁଗରେ ଏଇ ବ୍ରାତ୍ୟ ଶୈବମାନେ ପୁରାଣରେ ନାଥ ଓ ଉପନିଷଦରେ ଯୋଗୀ ନାମରେ ପରିଚିତ ହେଲେ । 'ବ୍ରହ୍ମ ବୈବର୍ତ୍ତ ପୁରାଣ'ରେ ମହାଦେବଙ୍କ କ୍ରୋଧାଗ୍ନିରୁ ଏକାଦଶ ରୁଦ୍ର ଓ ତାଙ୍କ ପତ୍ନୀମାନଙ୍କର ଜନ୍ମ ହୋଇଥିଲା । ସେମାନଙ୍କଠାରୁ ଶିବ ପାର୍ଷଦଙ୍କ ଜନ୍ମ । 'ସ୍କନ୍ଦ ପୁରାଣ', 'ବ୍ରହ୍ମାଣ୍ଡ ପୁରାଣ', 'ଶିବ ପୁରାଣ', 'ନାରଦ ପରିବ୍ରାଜକ' ଉପନିଷଦରେ ଗୋରକ୍ଷନାଥ ପ୍ରଭୃତି ନାଥ ଧର୍ମ ଆଚାର୍ଯ୍ୟଙ୍କ ନାମ ଉଲ୍ଲେଖ ରହିଅଛି । ପୁରାଣ ଓ ଉପନିଷଦ ସମୟରୁ ଏମାନେ ଯୋଗୀ ଭାବେ ଖ୍ୟାତ ଥିଲେ । ନାଥପନ୍ଥୀମାନଙ୍କର ଆରାଧ୍ୟ ଦେବ ହେଉଛନ୍ତି ଆଦିନାଥ ଶିବ । ସୁତରାଂ ଶୈବ ଧର୍ମର ଏକ ଶାଖା ରୂପେ ନାଥଧର୍ମକୁ ଗ୍ରହଣ କରାଯାଇଥାଏ । 'ଗୋରେଖ ସଂହିତା' ଅନୁସାରେ ଗୋରେଖନାଥ ହେଉଛନ୍ତି ନାଥଧର୍ମର ପ୍ରବର୍ତ୍ତକ ଏବଂ ଯୋଗୀ ଜାତି ତାଙ୍କଠାରୁ ସୃଷ୍ଟି ହୋଇଛି । ଭଗବାନଙ୍କର ଏକାଦଶ ଅବତାର ମଧ୍ୟରେ ମହାଯୋଗୀ ଅବତାର ପ୍ରଧାନ । ବିନ୍ଦୁନାଥ, ମୀନନାଥ, ଗୋରେଖନାଥ, ଛାୟାନାଥ, ସତ୍ୟନାଥ ପ୍ରଭୃତି ନାଥ ମତବାଦର ବିଶିଷ୍ଟ ମହାତ୍ମାଗଣ ମହାଯୋଗୀଙ୍କଠାରୁ ଜନ୍ମ ଲାଭ କରିଥିଲେ । ସିଦ୍ଧାଚାର୍ଯ୍ୟ ମୀନନାଥ ଓ ଗୋରେଖନାଥଙ୍କ ଦ୍ୱାରା ଖ୍ରୀ ୧୦ମ-୧୧ମ ଶତାବ୍ଦୀରେ ସମଗ୍ର ଭାରତରେ ନାଥ ଧର୍ମକୁ ଲୋକପ୍ରିୟ ଧର୍ମରେ ପରିଣତ କରିଥିଲେ । କେବଳ ଭାରତ ବର୍ଷରେ ନୁହେଁ, ବେଲୁଚିସ୍ତାନ, ନେପାଳ, ତିବ୍ବତ ଆଦି ଦେଶଗୁଡ଼ିକରେ ଏହି ଧର୍ମାବଲମ୍ବୀମାନେ ବସବାସ କରୁଥିଲେ ।

ଓଡ଼ିଶାର ନାଥ ଧର୍ମ ଇତିହାସରୁ ଜଣାଯାଏ ଗଙ୍ଗ ବଂଶ ରାଜା ଗଜପତି ଭାନୁଦେବଙ୍କ ପୁତ୍ର ଶୈଳେନ୍ଦ୍ର ଦେବ ଯୋଗ ସାଧନାରେ ସିଦ୍ଧିପ୍ରାପ୍ତ ହୋଇ ଶୈଳନାଥ ନାମରେ ପରିଚିତ ହେଲେ । ସେ ରାଜନଗରରେ ଏକ ମଠ ସ୍ଥାପନ କରିବା ସହିତ ଉମାକାନ୍ତେଶ୍ୱର ଓ ମତ୍ସ୍ୟେନ୍ଦ୍ରନାଥଙ୍କ ପଦ୍ମପାଣି ମୂର୍ତ୍ତି ସ୍ଥାପନ କରିଥିଲେ । ନାଥଧର୍ମର ବାରଟି ସମ୍ପ୍ରଦାୟ ମଧ୍ୟରୁ ସତ୍ୟନାଥୀ ଶାଖାର ପୀଠ ଭୁବନେଶ୍ୱର ଓ ପୁରୀଠାରେ ରହିଛି । ଓଡ଼ିଶାରେ ଥିବା ନାଥଧର୍ମ ପୀଠଗୁଡ଼ିକ ମଧ୍ୟରେ କପିଳାସ, ଆଳି, ମାଣତିରି, ଶିମୁଳିଆ, ତିର୍ତ୍ତୋଲର ଛପଡ଼ା ଗ୍ରାମର ଗୋରେଖ ଗାଦି, ଜଗତସିଂହପୁରର ହରିନାଥ ଗାଦି, କୁଳଣଗିରି (ରତ୍ନଗିରି ନିକଟରେ), କେୟାରବାଙ୍କ, କେନ୍ଦ୍ରାପଡ଼ାର ବିର୍ସ୍ୱତୀ, ଭୁବନେଶ୍ୱରର କପାଳି ମଠ, ପଦ୍ମପୁରର କାଳ ଭୈରବ ମଠ ଆଦି ଅନ୍ୟତମ । ନାଥପନ୍ଥୀ ଯୋଗୀମାନେ ଭିକ୍ଷାବୃତ୍ତି ସହିତ ବୈଦ୍ୟବୃତ୍ତି ମଧ୍ୟ କରିଥାନ୍ତି । ସବୁ ସମ୍ପ୍ରଦାୟର ନାଥ ଯୋଗୀମାନେ ଦୀକ୍ଷାଗ୍ରହଣ କରିଥାନ୍ତି । ଯେକୌଣସି ଜାତିର ଲୋକ ଦୀକ୍ଷା ଗ୍ରହଣ କରିପାରନ୍ତି । କର୍ଣ୍ଣରେ କୁଣ୍ଡଳ, ଶିଖା ଛେଦନ, ଦେହରେ ପାଉଁଶ ବୋଳି ନାଥ ଧର୍ମ ଗ୍ରହଣ କରିଥାନ୍ତି । ଅନେକ ଯୋଗୀ ଗୃହସ୍ଥାଶ୍ରମରେ ଜୀବନ ଧାରଣ କରିଥାନ୍ତି । ଗୃହସ୍ଥମାନଙ୍କର ଉପନୟନ, ବିବାହ ଓ ଅଶୌଚାଦି କର୍ମ ସାମବେଦ ମତରେ ପାଳିତ ହୋଇଥାଏ । ଏହି ଧର୍ମର ଉପାସ୍ୟ ନାଥ ସ୍ୱରୂପ ସଗୁଣ ଓ ନିର୍ଗୁଣତାର ଉର୍ଦ୍ଧ୍ୱରେ । ଯୋଗମାର୍ଗରେ ହିଁ ନାଥସ୍ୱରୂପଙ୍କର ଉପଲବ୍ଧି କରିହୁଏ । ନାଥପନ୍ଥୀ ଶୂନ୍ୟତତ୍ତ୍ୱ ବା ଶୂନ୍ୟ ସାଧନାକୁ ଗୁରୁତ୍ୱ ଦେବା ଫଳରେ ଯୋଗର ବିଭିନ୍ନ ସ୍ୱରୂପ ମଧ୍ୟରେ ହଠଯୋଗ ସହିତ ସପ୍ତାଙ୍ଗ, ଅଷ୍ଟାଙ୍ଗ ଯୋଗର ଗୁରୁତ୍ୱ ବଢ଼ିଲା । ଫଳରେ ଏହା ନାଥ ସାହିତ୍ୟର ପ୍ରମୁଖ ଅଂଶ ପାଲଟିଗଲା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ଘଟ, ପରଚେ, ନିସ୍ୱତି ଯୋଗର ସାଧନା, କାୟାକଳ୍ପ ପ୍ରଭୃତି ଯୋଗତତ୍ତ୍ୱ ଏହି ଧର୍ମର ଆଧାର ପାଲଟିଗଲା । କବି ସଦାନନ୍ଦ ବ୍ରହ୍ମା 'ଲଳିତ ଲୋଚନା' କାବ୍ୟରେ ନାଥଯୋଗୀଙ୍କର କଠିନ ସାଧନାର ଚିତ୍ର ଦେଖିବାକୁ ମିଳିଥାଏ । ଏହି କଠୋର ସାଧନା ଦ୍ୱାରା ଚିତ୍ତ ସ୍ଥିର ହୁଏ ଓ ବୈରାଗ୍ୟଭାବ ଜାତ ହୋଇ ନାଥ ଯୋଗୀ କେନ୍ଦରାରେ ଝଙ୍କାର ତୋଳି ଗାଇଥାଏ:-

" ଭଜୁ କିନା ରାମ ନାମରେ ରାଜନ ଭଜୁ କିନା ରାମ ନାମ ।
ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳ ଯମ ।।
ସେହି କାଳ ଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ।।"

ନାଥ ଧର୍ମ ସଂପର୍କିତ ଅନେକ ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ରହିଛି । 'ଶିଶୁ ବେଦ', 'ଅମରକୋଷ ଗୀତା', 'ଗୋରେକ୍ଷ ଗୀତା', 'ସପ୍ତାଙ୍ଗ ଯୋଗ', 'ଟୀକା ଗୋବିନ୍ଦ ଚନ୍ଦ୍ର', 'ରୁଦ୍ର ସୁଧାନିଧି' ପ୍ରଭୃତି ଗ୍ରନ୍ଥ ଅନ୍ୟତମ । ସେହିପରି ଅଚ୍ୟୁତାନନ୍ଦଙ୍କ 'ଶୂନ୍ୟ ସଂହିତା', ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଓ ଦ୍ୱାରିକା ଦାସଙ୍କ 'ପରଚେ ଗୀତା' ଗ୍ରନ୍ଥଗୁଡ଼ିକ ନାଥ ଧର୍ମ ଓ ଦର୍ଶନ ସମ୍ବଳିତ ।

ଓଡ଼ିଶାର ଧର୍ମ ଓ ସାହିତ୍ୟରେ ନାଥ ଧର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଅଧ୍ୟାପକ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ ନାଥ ଧର୍ମ ଉପରେ ଗବେଷଣା କରିଛନ୍ତି । ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ, ଡକ୍ଟର ବଂଶୀଧର ମହାନ୍ତି ପ୍ରମୁଖ ନାଥ ଧର୍ମ ବିଷୟରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ସମାଜ ସଂସ୍କାର ଓ ସଦାଚାର ପ୍ରତିଷ୍ଠା ଉଦ୍ଦେଶ୍ୟରେ ନାଥ ଧର୍ମ ସୃଷ୍ଟି ହୋଇଥିଲା । ଆଜି ମଧ୍ୟ ଅଲାବୁ ପାତ୍ର ଓ କେନ୍ଦରାର ସ୍ୱରରେ ଗାଁ ଦାଣ୍ଡରେ ଏହି ଧର୍ମର ଜୟଗାନ ଦେଖିବାକୁ ମିଳେ । ■

ବେଗୁନିଆ ମହାବିଦ୍ୟାଳୟ
ବେଗୁନିଆ, ଖୋର୍ଦ୍ଧା
ମୋ: ୯୪୩୯୦୪୦୯୮୨

## ପରକୀୟା ପ୍ରୀତି ନେଲା ଜୀବନ

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା!

**ଜଳେଶ୍ୱର ବ୍ଲକ୍, ୨୧।୬(ସମିସ):** ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଅପଚେଷ୍ଟା କରିବା ଭଳି ଏକ ଘଟଣା ଜଳେଶ୍ୱର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।





ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଞ୍ଚାୟତର ମାଗୁଣିଆପଡ଼ା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ରମାକାନ୍ତ ଘୋଷ (୩୮)। ପୁଲିସ୍ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକ ଡିପିପୁର ଗ୍ରାମର ମାନସ ଘୋଷଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନାନୁଯାୟୀ, ରମାକାନ୍ତ ୧୦ ବର୍ଷ ତଳେ ଭୋଗରାଇ ବ୍ଲକ୍ ଜୟରାମପୁର ଗ୍ରାମର ଜାହ୍ନବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଅଗ୍ରୱାଲ ଛକ ନିକଟରେ ଏକ ଚା' ଦୋକାନ କରିଥିବା ବେଳେ ରମାକାନ୍ତ ରାଜ୍ୟ ବାହାରେ କାମ କରୁଥିଲେ। କିଛି ଦିନ ତଳେ ରମାକାନ୍ତ ଗାଁକୁ ଆସିଥିଲେ। ଏହି ସମୟରେ ମାନସଙ୍କ ସହ ଜାହ୍ନବୀଙ୍କର ଅତ୍ୟଧିକ ମିଳାମିଶା ଦେଖି ସେ ସନ୍ଦେହ କରିଥିଲେ। ଏ ସଂପର୍କରେ ସେ ଜାହ୍ନବୀଙ୍କୁ ପ୍ରଶ୍ନ କରିବା ସହ ବିରୋଧ ମଧ୍ୟ କରିଥିଲେ। ଏଥିରେ ରାଗିଯାଇ ରମାକାନ୍ତଙ୍କୁ ସବୁଦିନ ପାଇଁ ବାଟରୁ ହଟାଇଦେବାକୁ ଜାହ୍ନବୀ ଯୋଜନା କରିଥିଲେ। ଏଥିରେ ପ୍ରେମିକ ମାନସ ତାଙ୍କୁ ସହାୟତା କରିଥିଲା। ଗତକାଲି ବିଳମ୍ବିତ ରାତିରେ ଉଭୟ ମାନସଙ୍କୁ ହତ୍ୟା କରିବା ପରେ ତାହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରିଥିଲେ। ରମାକାନ୍ତଙ୍କ ବେକରେ ଲୁଗା ଦେଇ ତାଙ୍କୁ ଘର ଭିତରେ ଟାଙ୍ଗି ଦେଇଥିଲେ। ତେବେ କୌଣସି ସୂତ୍ରରୁ ସେମାନଙ୍କର ଏ ଷଡ଼ଯନ୍ତ୍ର ସଂପର୍କରେ ଗ୍ରାମବାସୀମାନେ ଜାଣିବା ପରେ ସକାଳୁ ଆଜି ଦୁହିଁଙ୍କୁ ଅଟକ ରଖିଥିଲେ। ଅଲଗା ଅଲଗା ପଚରାଉଚରା କରିବାରୁ ଦୁହିଁଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ଗ୍ରାମବାସୀଙ୍କ ସନ୍ଦେହ ଘନୀଭୂତ ହୋଇଥିଲା ଏବଂ ଏ ସଂପର୍କରେ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଜଳେଶ୍ୱର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଅଭିଯୁକ୍ତ ମାନସଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାକୁ ନେଇଥିଲା।

# ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀର ପ୍ରେମିକ ମୃତ

**ସେମିଳିଗୁଡ଼ା, ୨୧।୩(ସମିସ):** ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀର ପ୍ରେମିକ ମୃତ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅନ୍ତର୍ଗତ ମାନିଆ ପଞ୍ଚାୟତରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ଯୁବକ ହେଲେ, ଲୁଙ୍ଗୁରୀ ଗ୍ରାମର ଦେବେନ୍ଦ୍ର କୁଦୁରିଆ(୩୫)। ପୁଲିସ୍ ଶବ ବ୍ୟବଚ୍ଛେଦ କରାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଛୁରାମାଡ଼ କରିଥିବା ଅଭିଯୁକ୍ତ କୁନୁ ଗଲୋରୀ ଥାନାରେ ଆତ୍ମସମର୍ପଣ କରିଛି।

ସୂଚନାନୁଯାୟୀ, ପତ୍ନୀ ଗୌରୀ ଗଲୋରୀ ଓ ଦୁଇ ପିଲାଙ୍କୁ ନେଇ କୁନୁଙ୍କୁ ହସଖୁସିର ସଂସାର। କୁନୁଙ୍କ ସହ ବନ୍ଧୁତା ଥିବାରୁ ଦେବେନ୍ଦ୍ର ତାଙ୍କ ଘରକୁ ଯିବା ଆସିବା

### ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ

କରୁଥିଲେ। ଏହା ଭିତରେ ଗୌରୀ ଓ ଦେବେନ୍ଦ୍ରଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି, ଗୌରୀ କୁନୁଙ୍କୁ ଛାଡ଼ି ଦେବେନ୍ଦ୍ରଙ୍କ ନିକଟକୁ ଚାଲି ଆସିଥିଲେ। କିନ୍ତୁ ଆପୋଷ ବୁଝାମଣାରେ କୁନୁ ପତ୍ନୀଙ୍କୁ ନିଜ ପାଖକୁ ଫେରାଇ ଆଣିଥିଲେ। ଏହି କଥାକୁ ନେଇ କୁନୁ ଓ ଦେବେନ୍ଦ୍ରଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। କିଛି ଦିନ ତଳେ ଗୌରୀ ପୁଣିଥରେ ଦେବେନ୍ଦ୍ର ପାଖକୁ ଚାଲି ଆସିବାରୁ କୁନୁ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଥିଲେ। ଗତ ଜୁନ୍ ୧୯ ରାତି ପ୍ରାୟ ୯ଟାରେ ଦେବେନ୍ଦ୍ର ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ ରାସ୍ତାରେ ବସିଥିବା ବେଳେ କୁନୁ ନିଜ ଦୁଇ ବନ୍ଧୁଙ୍କ ସହ ଏକ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ସେଠାରେ ଦେବେନ୍ଦ୍ରଙ୍କ ସାଙ୍ଗରେ ତାଙ୍କର ବଚସା ହୋଇଥିଲା। କିନ୍ତୁ ସେଠାରେ ଉପସ୍ଥିତ ଥିବା ଅନ୍ୟମାନେ ଉଭୟଙ୍କୁ ବୁଝାସୁଝା କରି ସେଠାରୁ ପଠାଇ ଦେଇଥିଲେ। ତେବେ ଦେବେନ୍ଦ୍ର ଅଳ୍ପ ବାଟ ଚାଲିଚାଲି ଆସିବା ପରେ କୁନୁ ହଠାତ୍ ଏକ ଛୁରିରେ ଦେବେନ୍ଦ୍ରଙ୍କୁ



ପଛପଟୁ ଆକ୍ରମଣ କରିଥିଲେ। ଦେବେନ୍ଦ୍ର ପ୍ରାଣ ବିକଳରେ ଦୌଡ଼ିଥିଲେ ମଧ୍ୟ ଉତ୍‌କ୍ଷିପ୍ତ କୁନୁ ତାଙ୍କ ପେଟକୁ ବାରମ୍ବାର ଛୁରି ଭୁସିବାରୁ ସେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେବେନ୍ଦ୍ରଙ୍କୁ ଉଦ୍ଧାର କରି ପ୍ରଥମେ କୋରାପୁଟସ୍ଥିତ ଲକ୍ଷ୍ମଣନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଛୁରାମାଡ଼ ପରେ କୁନୁ ସେମିଳିଗୁଡ଼ା ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ଦେବେନ୍ଦ୍ରଙ୍କ ସମ୍ପର୍କୀୟଙ୍କ ଏତଲା ଆଧାରରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବିଶାଖାପାଟଣାରୁ ମୃତଶରୀର ଶନିବାର ସନ୍ଧ୍ୟାରେ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି।

# ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାରେ ଶିକ୍ଷକ ନିଲମ୍ବିତ

**କପ୍ତିପଦା, ୨୧।୬(ସମିସ):** କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ଶିକ୍ଷକ ଭବାନନ୍ଦ ନାଏକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଭବାନନ୍ଦ କପ୍ତିପଦା ବ୍ଲକ୍ ଅଧୀନ ହାତୀମଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଅତିରିକ୍ତ ତହସିଲଦାର ଶ୍ରୀ ମାଝୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ, ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଖଣ୍ଡ ପୁଲିସ ଅଧିକାରୀ ଚିଠି ଲେଖି କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଫଳସ୍ୱରୂପ ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ ଗତ ୧୯ ତାରିଖରେ ଶିକ୍ଷକ ଶ୍ରୀ ନାଏକଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ କପ୍ତିପଦା ପୁଲିସ୍ ବିଭିନ୍ନ ପର୍ଯ୍ୟାୟରେ ୯ ଜଣଙ୍କୁ ଗିରଫ କରିଛି।

# କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ସହାୟତା

**ଭୁବନେଶ୍ୱର, ୨୧।୬ (ସମିସ):** ରାଜ୍ୟର ଲକ୍ଷଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶନିବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ବିଭିନ୍ନ ଜିଲ୍ଲାରୁ ଶହଶହ ସଂଖ୍ୟାରେ ଆସିଥିବା ଓଡ଼ିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୨୨ଟି ଜିଲ୍ଲାରେ ୧୯ ଟି ଡିଭିଜନ୍ ଅଧୀନରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର। ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ଼ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ ଷ୍ଟାଫଙ୍କ ପାଇଁ ୪୧କୋଟି ୧୭ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡ଼ା, ଟୋପି, ମଶାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି। ରାଜ୍ୟର ୨୨ଟି ଜିଲ୍ଲାରୁ ଆସିଥିବା ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି। ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି। ଏସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ।

# ଚଳନ୍ତା ବାଇକ୍‌ରେ ବ୍ୟବସାୟୀଙ୍କୁ ଗୁଳିମାଡ଼

**ଭଦ୍ରକ,୨୧।୬(ସମିସ):** ଭଦ୍ରକ ସହର ଚରମ୍ପା ଛକ ନିକଟରେ ଜଣେ ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ଗୁଳିମାଡ଼ର ଶିକାର ହୋଇଛନ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଳାମଳା ଗ୍ରାମର ବିଦ୍ୟାଧର ପାତ୍ର। ଚରମ୍ପାସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ୍ତ ଆସି ଗୁଳି ଫୁଟାଇଥିଲେ। ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳିମାଡ଼ କରାଯାଇଥିବା ସନ୍ଦେହ କରାଯାଉଛି। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଦୁଇରାଉଣ୍ଡ ଗୁଳି ଫୁଟାଇଥିଲେ। ଫଳରେ



ବାଇକ୍‌ରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ରେଳଷ୍ଟେସନରେ ଅଟକିଗଲା ଲିଫ୍ଟ

# ଡେଇଁ ପଡିଲେ ଦିବ୍ୟାଙ୍ଗ

**ଭଦ୍ରକ,୨୧।୬ (ସମିସ):** ଅଧାରେ ଅଟକିଯିବାରୁ ଭିତରେ ଫସିଯିବା ଭୟରେ ଜଣେ ଦିବ୍ୟାଙ୍ଗ ଲିଫ୍ଟରୁ ଡେଇଁ ପଡ଼ି ଗୁରୁତର ହୋଇଛନ୍ତି। ଭଦ୍ରକ ରେଳଷ୍ଟେସନ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ସେ ହେଲେ, ଖଡ଼ଗପୁର ଅଞ୍ଚଳର ସୁକୁମାର ସିଂ। ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ସୁକୁମାର ଟ୍ରେନ୍‌ରେ ଭିକ୍ଷାବୃତ୍ତି କରନ୍ତି।



ଆଜି ସେ ଗୋଟିଏ ପ୍ଲାଟ୍‌ଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ଲିଫ୍ଟରେ ଚଢ଼ିଥିଲେ। ମାତ୍ର ଲିଫ୍ଟଟି କିଛି ଉପରକୁ ଉଠିବା ପରେ ଅଟକି ଯାଇଥିଲା। ତେଣୁ ଲିଫ୍ଟରେ ଫସିଯିବା ଭୟରେ ସେ ରିପ୍ୟାରିଂ ଚାମ୍ବର୍ ଖୋଲି ଡେଇଁ ପଡ଼ିଥିଲେ। ରେଳବାଇ ତରଫରୁ ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମା' ଛେଉଣ୍ଡ ଦୁଇ ଶିଶୁଙ୍କୁ ନିର୍ଯାତନା

**ଭୁବନେଶ୍ୱର,୨୧।୬(ସମିସ):** ମା ଛେଉଣ୍ଡ ଦୁଇ ଶିଶୁଙ୍କୁ ଅକଥନୀୟ ନିର୍ଯାତନା ଦେଉଥିଲେ ଜେଜେମା ଏବଂ ବାପା। ଖାଇବାକୁ ନଦେବା ସହ କଥା କଥାରେ ମାଡ଼ ମାରୁଥିଲେ। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ଜିଜିପି କଲୋନୀରେ ଦେଖିବାକୁ ମିଳିଛି। ବୋହୂଙ୍କ ମୃତ୍ୟୁ ପରେ ଦୁଇ କୋମଳମତି ଶିଶୁଙ୍କୁ ଏଭଳି ନିର୍ଯାତନା ଦେଇଛନ୍ତି। ଏପରିକି ଜେଜେମା ଏବଂ ବାପା ମାଡ଼ ମାରି ଦୁଇ ଶିଶୁଙ୍କୁ

- ଉଦ୍ଧାର କଲା ଚାଇଲ୍ଡ ଲାଇନ୍
- ମା'ପୁଅଙ୍କୁ ଗିରଫ କଲା ପୁଲିସ

ଅଚେତ କରି ପକାଇଥିଲେ। ସ୍ଥାନୀୟ ଲୋକ ଏହା ଦେଖି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ପୁଲିସ ଆସି ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଚାଇଲ୍ଡ ଲାଇନ୍ ସଦସ୍ୟମଙ୍କ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ବାପା ଶରତ ପାତ୍ର ଏବଂ ଜୋତ୍ସ୍ନାରାଣୀ ପାତ୍ରଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ସଂଗୀନ ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ, ମାସକ ତଳେ ଦୁଇ ଶିଶୁଙ୍କ ମା'ର ମୃତ୍ୟୁ ପରେ ସବୁ କଥା ବାପା ଏବଂ ଜେଜେମାଆ ବୁଝୁଥିଲେ। ହେଲେ ମା' ମରିବା ପରେ ସେମାନଙ୍କର ଆରମ୍ଭ ହୋଇଥିଲା ନିର୍ଯାତନା। ଖାଇବାକୁ ନଦେଇ କାମ କରିବାକୁ କୁହନ୍ତି। ସେମାନେ ମନା କଲେ ମାଡ଼ ମାରୁଥିଲେ। ପଡ଼ୋଶୀ ଲୋକ ଶିଶୁ କାନ୍ଦିବାର ଶୁଣୁଥିଲେ ମଧ୍ୟ ଆକଟ କରାଯାଉଥିବା ଭାବି କିଛି କୁହନ୍ତି ନାହିଁ। ଆଜି ସେମାନଙ୍କୁ ମାଡ଼ ମରାଯାଉଥିବା ବେଳେ ସ୍ଥାନୀୟ ଲୋକ ଦେଖି ଚାଇଲ୍ଡ ଲାଇନ୍ ଏବଂ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଦୁଇ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଦୁହେଁ ଭାଇ-ଭଉଣୀ ହୋଇଥିବା ବେଳେ ପିଲା ଦୁହିଁଙ୍କ ଦେହସାରା ଦେଖିବାକୁ ମିଳିଛି କ୍ଷତ ଦାଗ। ମାଆ ଚାଲିଗଲା ପରେ ନୃଶଂସ ଜେଜେମାଆ ଦୁହିଁଙ୍କୁ ଅକଥନୀୟ ନିର୍ଯାତନା ଦେଇ ଏଭଳି ଅବସ୍ଥା କରିଛନ୍ତି ବୋଲି ଶିଶୁ କହିଛନ୍ତି। ୫ ଦିନ ହେଲା ଖାଇବାକୁ ନଦେବା ସହ ନିସ୍ଥୁକ ଭାବେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ହସ୍ପିଟାଲରେ ଚିକିତ୍ସା କରାଯାଇ ଚାଇଲ୍ଡ ଲାଇନ୍ ନିଜ ପାଖରେ ରଖିଛି।

ମାସେ ତଳେ ୨ ଶିଶୁଙ୍କ ମାଆଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମାନସିକ ସ୍ଥିତି ହରାଇ ବସିଥିଲେ। ଫଳରେ ଜେଜେମା କୁନି କୁନି ପିଲାଙ୍କୁ ମାଡ଼ ମାରିବା ସହ ଘରେ ବନ୍ଦ କରି ରଖିଥିଲେ। ଏପରିକି ୫ ଦିନରୁ ଅଧିକ ହେବ ଖାଇବାକୁ ଦେଇ ନଥିଲେ । ସ୍ଥାନୀୟ ଲୋକେ କହିଛନ୍ତି ଯେ ଭଉଣୀ ସମ୍ପତ୍ତି ପାଇଁ ଭାଇକୁ ନିଜ ଇଙ୍ଗିତରେ ନଚାଉଥିଲେ।

## ଅବଶିଷ୍ଟାଂଶ...

### ଅନ୍ତର୍ଜାତୀୟ ଲଜ୍ଜା...

ଅପରାଧକୁ ସର୍ବାଧିକ ସ୍ପର୍ଶକାତର ବୋଲି କୁହାଯାଇଛି। ଭାରତରେ ଆତଙ୍କବାଦ ଓ ଦୁଷ୍କର୍ମ ସର୍ବାଧିକ ବୃଦ୍ଧି ପାଇଛି । ତେଣୁ ଓଡ଼ିଶା, ବିହାର, ଝାରଖଣ୍ଡ, ପଶ୍ଚିମବଙ୍ଗ, ମେଘାଳୟ ଓ ଛତିଶଗଡ଼ ଏକାକୀ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି । ଏହା ସହ ପୂର୍ବ ମହାରାଷ୍ଟ୍ର, ଉତ୍ତର ତେଲଙ୍ଗାନା, ମଧ୍ୟପ୍ରଦେଶର ପୂର୍ବାଞ୍ଚଳକୁ ଯାତ୍ରା ପୂର୍ବରୁ ଆମେରିକୀୟ ପ୍ରଶାସନର ଅନୁମତି ନେବାକୁ କୁହାଯାଇଛି । ସେହିପରି ଭାରତରେ କାର୍ଯ୍ୟରତ ଆମେରିକୀୟ ସରକାର ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏହି ମାର୍ଗଦର୍ଶିକା ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ମଣିପୁର ଓ ଅନ୍ୟ ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ ମଧ୍ୟ ଯାତାୟତ ଉପରେ ନିଷେଧାଦେଶ ଜାରି କରାଯାଇଛି ।

ବିଡ଼ମ୍ବନା ହେଉଛି ହିଂସା, ଦୁଷ୍କର୍ମ ଓ ଆତଙ୍କବାଦ କାର୍ଯ୍ୟକଳାପ ବୃଦ୍ଧିରେ ଅନ୍ୟ ରାଜ୍ୟଗୁଡ଼ିକ ସହ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଯାତ୍ରା ଉପରେ ଆମେରିକା ପ୍ରଶାସନର ନିଷେଧାଦେଶ ରାଜ୍ୟକୁ ଆନ୍ତର୍ଜାତୀୟସ୍ତରରେ ଲଜ୍ଜିତ କରିଛି । ଦୀର୍ଘ ବର୍ଷ ହେଲା ସାରା ଦେଶରେ ଓଡ଼ିଶା ସବୁଠାରୁ ସୁରକ୍ଷିତ ଓ ଶାନ୍ତିପ୍ରିୟ ରାଜ୍ୟ ଭାବରେ ପରିଚିତି ପାଇ ଆସିଛି । ଜାତୀୟ ଓ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ଓଡ଼ିଶାକୁ ବୃଦ୍ଧି ପାଇଥିବା ଦୃଷ୍ଟାନ୍ତ ରହିଛି । ମାତ୍ର ଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତି ଓ ଦୁଷ୍କର୍ମ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି । ହାରାହାରି ଦୈନିକ ଓଡ଼ିଶାରେ ୧୫ଟି ଦୁଷ୍କର୍ମ ଘଟଣା ଉଭୟ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବି ମଳିନ କରିଛି। ନିକଟରେ ଗୋପାଳପୁର ଗଣଧର୍ଷଣ ଘଟଣା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି । ଅନୁରୂପ ଭାବରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିର ଅବନତି ଓ ଅପରାଧ ବୃଦ୍ଧି ମଧ୍ୟ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି । ମାତ୍ର ରାଜ୍ୟ ସରକାର ଏହାକୁ ସ୍ୱୀକାର କରୁନାହାନ୍ତି। ଏପରି ସ୍ଥିତିରେ ଆମେରିକୀୟ ପ୍ରଶାସନର ସତର୍କ ସୂଚନା ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ସ୍ପଷ୍ଟ କରି ଦେଇଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ସରକାର ପରିବର୍ତ୍ତନ ପରେ ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ଦୁଷ୍କର୍ମ ବୃଦ୍ଧି ପାଇଥିବା ଏବଂ ଆଇନଶୃଙ୍ଖଳାର ଚରମ ଅଧୋଗତି ଘଟିଥିବା ଏଥିରୁ ସ୍ପଷ୍ଟ ହୋଇ ଯାଇଛି ।

### ରାଜ୍ୟ ହରାଉଛି...

ଏହି ସମୟରେ ସୌର ମଡ୍ୟୁଲ୍ ନିର୍ମାତା ୱାରୀ କମ୍ପାନୀର ଢେଙ୍କାନାଳ ପ୍ରକଳ୍ପ ମଧ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଇଛି। ଦେଶର ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ୱାରୀ ଢେଙ୍କାନାଳ ପ୍ରକଳ୍ପ ଗୁଜରାଟ, ମହାରାଷ୍ଟ୍ରକୁ ସ୍ଥାନାନ୍ତର କରିବା ନିମନ୍ତେ ବିଏସ୍‌ଇ ଓ ଏନ୍‌ଏସ୍‌ଇକୁ ଅବଗତ କରିଛି। ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ଏହି ପ୍ରକଳ୍ପରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ୱାରୀ ପକ୍ଷରୁ ପ୍ରାୟ ୨୫ ହଜାର କୋଟି ଟଙ୍କା ନିବେଶରେ ଢେଙ୍କାନାଳରେ ୬ ଗିଗାୱାଟର ପ୍ରକଳ୍ପ ପ୍ରତିଷ୍ଠା କରାଯିବାକୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ୟୁନିଟରେ କମ୍ପାନୀ ଇନ୍‌ଗଟ, ୱେଫର୍ସ ସେଲ୍ ଏବଂ ସୋଲାର ମଡ୍ୟୁଲ ଉତ୍ପାଦନ କରିଥାନ୍ତା। ଏହି କମ୍ପାନୀ ସ୍ଥାପନ ହୋଇଥିଲେ ପ୍ରାୟ ୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥାନ୍ତା। ଏହି ପ୍ରକଳ୍ପ ପାଇଁ ଥରେ ନୁହେଁ ଦୁଇଥର ଶିଳାନ୍ୟାସ ହୋଇଥିଲା। ଥରେ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିବା ବେଳେ କିଛି ସପ୍ତାହ ତଳେ ଢେଙ୍କାନାଳ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଦୁଇଥର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏହି କମ୍ପାନୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ବିଳମ୍ବ ଯୋଗୁଁ ଅନ୍ୟତ୍ର ଚାଲିଯିବାକୁ ନିଷ୍ପତ୍ତି ନେଇଛି। କାମ ବିଳମ୍ବ ହେଉଥିବାରୁ କମ୍ପାନୀର ଅଡିଟ କମିଟ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲା। ଏହ ପରାମର୍ଶ ଆଧାରରେ ଓଡ଼ିଶା ବଦଳରେ ଏହା ତାମିଲନାଡୁ ଓ ଗୁଜୁରାଟରେ ନିଜ ଶିଳ୍ପ ସ୍ଥାପନ କରିବ ବୋଲି କମ୍ପାନୀ ପକ୍ଷରୁ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ ଓ ଏନ୍‌ଏସ୍‌ଇ) କୁ ଅବଗତ କରାଯାଇଛି ।

ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଅସହଯୋଗ କାରଣରୁ କମ୍ପାନୀ ପ୍ରକଳ୍ପରୁ ଓହରିଯିବାକୁ ଶୁକ୍ରବାର ନିଷ୍ପତ୍ତି ନେଇଥିଲା। ଏହାକୁ ନେଇ ଆଜି ବେଶ୍ ତମ୍ବିତୋଫାନ ହେବା ପରେ କମ୍ପାନୀ ନିଜ ନିଷ୍ପତ୍ତି ପରିବର୍ତ୍ତନ କରିଥିବା କୁହାଯାଇଛି। ଆମେ ଓଡ଼ିଶା ଛାଡ଼ି ଯାଉନାହୁଁ। ଓଡ଼ିଶାରେ ପ୍ରକଳ୍ପ ପ୍ରତିଷ୍ଠା ନେଇ ଆମେ ଆମ ପ୍ରତିଶ୍ରୁତିରେ ଦୃଢ଼ ରହିଛୁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଗୋଟିଏ ଦିନ ବ୍ୟବଧାନରେ କମ୍ପାନୀ ପକ୍ଷରୁ ଦୁଇ ଦୁଇଟି ପରସ୍ପର ବିରୋଧୀ ବିଜ୍ଞପ୍ତି ପ୍ରକାଶକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନେଇ କମ୍ପାନୀର ମତ ପରିବର୍ତ୍ତନ ପଛରେ ଚାପ ପଡ଼ିଥିବା ଶିଳ୍ପ ସମୀକ୍ଷକମାନେ ମତ ଦେଉଛନ୍ତି । ଗତକାଲି କମ୍ପାନୀ ସ୍ଥାନାନ୍ତର ସୂଚନା ଦେଇଥିବାବେଳେ ଗୋଟିଏ ଦିନ ମଧ୍ୟରେ କମ୍ପାନୀ ନିଜ ନିଷ୍ପତ୍ତିରୁ ଓହରିଯିବାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି। ପୂର୍ବରୁ ଆର୍ସେଲର ନିପ୍ପନ- ମିତ୍ତଲ ଓ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ସ୍ୱପ୍ନ ଧିରେ ଧିରେ ଘୁଞ୍ଚି ଘୁଞ୍ଚି ଯାଉଛି। ଏପରିକି ଆର୍ସେଲର-ମିତ୍ତଲ ପ୍ରକଳ୍ପ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ହେବା ଏକପ୍ରକାର ନିଶ୍ଚିତ କୁହାଯାଉଥିବା ବେଳେ ସେଠାରେ ଜମି ଅଧିଗ୍ରହଣ କାମ ଜାରି ରହିଛି। ସେହିପରି ଜେଏସଡବ୍ଲ୍ୟୁର ଇଭି ପ୍ରକଳ୍ପ ମଧ୍ୟ ମହାରାଷ୍ଟ୍ରକୁ ସ୍ଥାନାନ୍ତରଣ ହୋଇଥିବା ନେଇ କୁହାଯାଉଛି। ଏବେ ପୁଣି ଆଉ ଏକ ବଡ଼ ଶିଳ୍ପ ଓଡ଼ିଶାରୁ ଚାଲିଯିବା ନିମନ୍ତେ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ରାଜ୍ୟର ଶିଳ୍ପ ବାତାବରଣକୁ ପ୍ରଶ୍ନଘେରରେ ଠିଆ କରିଛି ।

### ୨୪ରୁ ପୁଣି...

ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଥମେ ଓଡ଼ିଶା ଓ ପରେ ଝାଡ଼ଖଣ୍ଡରେ ଅଧିକ ବର୍ଷା କରାଇବ। ତେଣୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶନିବାର ସୋନପୁରରେ ୨୭, କଟକରେ ୨୧ ଓ ପାରାଦୀପରେ ୧୬ ମିମି ବର୍ଷା ରେକର୍ଡ ହୋଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗିର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

# ଆଜି ରଥଯାତ୍ରର ସ୍ୱତନ୍ତ୍ର ସମୀକ୍ଷା ବୈଠକ

**ପୁରୀ,୨୧।୬(ସମିସ):** ରବିବାର ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ। ଟାଉନ ହଲ୍ ପରିସରରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ବୈଠକରେ ମନ୍ତ୍ରୀ, ଅଧିକାରୀ, ସେବାୟତ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଆସନ୍ତା ୨୭ ତାରିଖ ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଏଥର କିଛି ରାଜ୍ୟର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଏଥର ଅଧିକ ଶ୍ରଦ୍ଧାଳୁ ସମାଗମ ହେବା ସମ୍ଭାବନା ଅଛି। ତେଣୁ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କ'ଣ ସବୁ ପ୍ରସ୍ତୁତି କରାଯାଇଛି ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ପୂର୍ବରୁ ଅନୁଷ୍ଠିତ ଦୁଇଟି ସମନ୍ୱୟ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଠିକଣା ସମୟକୁ ସବୁ ପ୍ରସ୍ତୁତ ହୋଇଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଅଧିକାରୀମାନେ କି ପ୍ରକାର ପ୍ରସ୍ତୁତି କରିଛନ୍ତି ସେ ସମ୍ପର୍କରେ ସବିଶେଷ ସୂଚନା ଦେବେ। କାହାର କ'ଣ କାମ ବାକି ରହିଯାଇଛି ଏବଂ ଅଧିକ କ'ଣ କଲେ ରଥଯାତ୍ରା ଶୃଙ୍ଖଳିତ ହୋଇପାରିବ ଏବଂ ଭକ୍ତମାନେ ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

**OFFICE OF THE PANCHAYAT SAMITI: KOLNARA**
DIST- RAYAGADA, PIN CODE-765017, ODISHA i-170
E-mail ID: ori-kolnara@nic.in

**INVITATION FOR BIDS (I.F.B)**
**e-Procurement Notice**
**IDENTIFICATION No. PS- KOL No. 02 OF 2025-26**

1. The Block Development Officer, Kolnara, Rayagada invites Percentage Rate bid in Single Cover System in ONLINE MODE for the construction of Additional Class Room Building work (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of works: **03 (Three)**
3. Cost of Tender paper: **₹6000/- (Rupees Six Thousand)** only for each work
4. Class of Contractor: **"D & C" Class**
5. Date & Time of availability in website & receipt online: **From 11:00 Hrs of 26.06.2025 to 17:00 Hrs of 08.07.2025**
6. Date of opening of Technical Bid: **11:00 Hrs of 10.07.2025**
7. The Bidders have to participate in ONLINE bidding only. Further details can be seen from the State Govt. Portal website: **https://tendersodisha.gov.in**
8. Any Corrigendum/Addendum will be displayed in the website **https://tendersodisha.gov.in** only

Sd/- Block Development Officer
Kolnara
OIPR-19053/11/0002/2526

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 20/06/2025. I, **Saraswati Sahu,** aged about 40 years, W/o- Subash Sahu, Permanent resident of At- Sukunabhata, P.O. Marlad, P.S. Titilagarh, Dist. Bolangir, (Odisha), Pincode No. 767066 now residing at the same place affirm that I have changed my minor daughter's name from **Babey Sahu** (old name) To **Beby Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Beby Sahu** (new name).
**Saraswati Sahu**

**AFFIDAVIT**
I, Gunanidhi Barik, father of Satyajiti Barik, residing at At: Balarampur Garh, PO: Balarampur Talagada, Sub-District: Dharmasala, District: Jajapur, Odisha – 755023, do hereby declare that I have changed the name of my minor son from Satyajiti Barik to Satyajit Barik. Henceforth, he shall be known as **Satyajit Barik** for all official and future purposes.

**AFFIDAVIT**
I Anju Rani Khatua, W/o- Kartik Khatua, resident of village/po , Gunaibasan Ps-Bhograi, Dist- Balasore, Odisha, declared by affidavit before Executive Magistrate, Bhograi No.2221/ 2025 that My son name as Manoj Khatua in his Birth Certificate, that wrongly mentioned as Monaj Khatua in Adhar. Manoj Khatua and Monaj Khatua is one & same person. Hence my son shall be known as **Manoj Khatua** for all future purpose.

**AFFIDAVIT**
By virtue of an affidavit before Executive Magistarte, Bargarh, I, Rajkishan Kuanr, S/o- Bisi Kuanr, R/o- Village- Debgarhtikra, Khandatha, Po.- Khandatha, Ps.- Sadar, Dist.- Bargarh, Odisha, declare that, my daughter will be known as & her name will be used as **Gunjan Kuanr, D/o- Rajkishan Kuanr (Father) & Rinki Kuanr (Mother)** for all purposes.

**AFFIDAVIT**
By virtue of an affidavit No. 738, dtd. 19.06.2025 before the Notary Public, Malkangiri, I, Debe Kabasi have changed my name and address from Debe Podiami, D/o- Podia Padiami, Vill- Karastaguda, Po- Thumusapalli, Ps/Dist.- Malkangiri to Debe Kabasi, W/o- Ganesh Kabasi, Vill- Nuaguda, Po/Ps.- Korukunda, Dist.- Malkangiri after my marriage. Henceforth I shall be known as Debe Kabasi, W/o- Ganesh Kabasi, resident of Vill- Nuaguda, Po/Ps- Korukunda, Dist.- Malkangiri, Odisha for all purposes.
**Sd/- Debe Kabasi**

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
**Contact**
**GADHWAL GROUP**
**Mob.: 9437015112**

**AFFIDAVIT**
I, Priyanka Mahapatra, aged about 37 years, W/o- Niranjan Acharya, resident of Plot No-491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No- 496, dtd- 12/06/2025 that now onwards I shall be known as **PRIYANKA MOHAPATRA** for all future purposes.

**AFFIDAVIT**
I, Niranjan Nayak, aged about 40 years, H/o- Priyanka Mohapatra, resident of Plot No.491, Saheed Nagar, Back side of Arya Samaj, Bhubaneswar, Dist- Khurda, PIN- 751007, Odisha declared by this Affidavit No-498, dtd- 12/06/2025 that now onwards I shall be known as **NIRANJAN ACHARYA** for all future purposes.

**AFFIDAVIT**
I, Jaspreet Singh Wadhwa, aged about 45 years, S/o- Mahender Singh, resident of At- Plot No. TT-14, Civil Township, Po- Rourkela, Ps- Raghunathpali, Dist- Sundargarh, Odisha, Pin- 769004 declare by this affidavit No. A/19, dtd. 01/05/2025 that now onwards I shall be known as **JASPREET SINGH** for all future purposes.

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

## ହରପାର୍ବତୀ ମନ୍ଦିରରେ ସମୂହ ଦୀପଦାନ



**ପଟ୍ଟାମୁଣ୍ଡାଇ,୨୧।୬(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କାନ୍ଧରେ ଅସ୍ତ୍ରୋପଚାର ପାଇଁ ମୁମ୍ବାଇ ଯାଇଛନ୍ତି । ତାଙ୍କ ଆଶୁ ଆରୋଗ୍ୟ କାମନା କରି ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ସ୍ଥାନୀୟ ହରପାର୍ବତୀ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ୍ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯୁବନେତା ନିରାକାର ସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ, ମୃତ୍ୟୁଞ୍ଜୟ ପାଢ଼ୀ, ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ ଓ ସୁବାସ ମଲିକ, ପୂର୍ବତନ କାଉନସିଲର ମଳୟ ମଲିକ, ଲୋକନାଥ ବେହେରା, ଥାନପତି ରବୀନ୍ଦ୍ର ସାହୁ, ରାମ ସାହୁ, ଅନୀଲ ପଣ୍ଡା, ସଞ୍ଜୟ ଦାସ, ସମରେଶ ମହାନ୍ତି, କଳାକାର ପ୍ରଧାନ, ଟୁଟୁ ମିଶ୍ର, ରୁଦ୍ରନାରାୟଣ ସାମନ୍ତରାୟ, ସ୍ୱରୂପ ସାମଲ, ଅସୀମ ମହାନ୍ତି, ଦିଗାମ୍ବର ମିଶ୍ର, ବାପି ସାମଲ, ପିଣ୍ଟୁ ସେଠୀ, ନରେଶ ଜେନା, ସୌରେନ୍ଦ୍ର ବେହେରା ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରିଥିଲେ ।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ଦୀପଦାନ

**ରାଜନଗର,୨୧।୬(ସମିସ):**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କ ଚିକିତ୍ସା ପାଇଁ ବମ୍ବେ ଯାଇଛନ୍ତି । ଆସନ୍ତାକାଲି ତାଙ୍କର ଚିକିତ୍ସା ଆରମ୍ଭ ହେବ । ଆଜି ରାଜନଗର ବିଜେଡି ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରି ରାଜନଗରସ୍ଥ ଦଧିବାମନଜୀଉ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି । ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ପଞ୍ଚାୟତତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ନେତା ଦେବେନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ କୈଳାସ ପରିଡ଼ା,




ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ସମବାୟବିତ୍ ଦିଲୀପ ପାତ୍ର, ଯୁବ ନେତା ବୈବ୍ରତ ବିଶ୍ୱାଳ, ମନୋଜ ସ୍ୱାଇଁ, ବାଇଧର ସେଠୀ, ବିଚିତ୍ର ମଲ୍ଲିକ, ସମିତିସଭ୍ୟା ସୁମିତ୍ରା ସେଠୀ, ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଦଧିବାମନ ଭୂୟାଁ, ନେତା ସୁରଜ ପୁହାଣ, ରମେଶ ବେହେରା, ଶତ୍ରୁଘନ ପରିଡ଼ା, ଯୁବ ଆଇନଜୀବୀ ଦେବଦତ୍ତ ସେଠୀ, ଦିଲ୍ଲୀପ ବେହୁରା, ପ୍ରଦୀପ ଲେଙ୍କା, ପାରେଶ୍ୱର ନାୟକ, ସମିତି ସଭ୍ୟ ସଞ୍ଜୟ ସ୍ୱାଇଁ, ସୁବେନ୍ଦୁ ସେଠୀ, ଅଶୋକ ପ୍ରଧାନ, ଶଶୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦୀପଦାନ କରିବା ସହ ନବୀନ ବାବୁ ଶୀଘ୍ର ସୁସ୍ଥ ହୋଇ ଫେରିଆସନ୍ତୁ ବୋଲି କାମନା କରିଥିଲେ ।

## ଛତାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବିପତ୍ର

**ଡେରାବିଶ, ୨୧।୬(ସମିସ):** ଡେରାବିଶ ବ୍ଲକ୍ କାର୍ଯ୍ୟାଳୟଠାରୁ ୫ କିଲୋମିଟର ଦୂରତ୍ୱ ମଧ୍ୟରେ ରାଜପଥ କଡ଼ରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତାବ ଆସିଛି । ଏହି ପ୍ରସ୍ତାବ ଅନୁଯାୟୀ ଡେରାବିଶ ବ୍ଲକ୍‌ର ଜନସାଧାରଣ ଚାଟରାଚକଡ଼ା ପଞ୍ଚାୟତର ଛତାଠାରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଡେରାବିଶ ତହସିଲଦାରଙ୍କୁ ଦାବିପତ୍ର କରିଛନ୍ତି । ଏ ସମ୍ପର୍କରେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତା ଛତାଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇଛି ।

ଡେରାବିଶ ବ୍ଲକ୍ ଅନ୍ତର୍ଗତ ୨୬ଟି ପଞ୍ଚାୟତର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ଚାଟରାଚକଡ଼ା ପଞ୍ଚାୟତର ଛତା ଅଞ୍ଚଳ ବ୍ଲକର ଏକ ପ୍ରମୁଖ ସ୍ଥାନ ହୋଇଥିବାବେଳେ ଏହି ସ୍ଥାନରେ ଡେରାବିଶ ତହସିଲ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମୁଖ୍ୟ ପଶୁ ଚିକିତ୍ସାଳୟ ଥିବାରୁ ବ୍ଲକ୍‌ର ୧୮୨ ରାଜସ୍ୱ ଗ୍ରାମର ଲୋକେ ବିଭିନ୍ନ ଜମିଜମା କାର୍ଯ୍ୟ, ମନୁଷ୍ୟ ଓ ପଶୁଙ୍କ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଅଞ୍ଚଳକୁ ଆସିଥା'ନ୍ତି । ଏଥିସହିତ କେନ୍ଦ୍ରାପଡ଼ା ପଲିଟେକନିକ୍ କଲେଜ, ଡେରାବିଶ ମହିଳା ମହାବିଦ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ଓ ଜିଲ୍ଲା ବାହାରୁ ଶହଶହ ଛାତ୍ରଛାତ୍ରୀ ପଢ଼ିଥା'ନ୍ତି । ତେଣୁ ଏହି ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଗଲେ ବିଭିନ୍ନ ଅଞ୍ଚଳରୁ ବସ୍ ଏହି ଷ୍ଟାଣ୍ଡକୁ ଆସିବା ଯୋଗୁଁ ଲୋକ ଓ ଛାତ୍ରଛାତ୍ରୀ ସହଜରେ ଉପରୋକ୍ତ କାର୍ଯ୍ୟାଳୟରେ ପହଞ୍ଚିପାରିବେ । ଅନ୍ୟପକ୍ଷରେ ଏହି ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅବଶ୍ୟକ ହେଉଥିବା ୧ ଏକର ସରକାରୀ ଜାଗା ରାସ୍ତା କଡ଼କୁ ଲାଗି ରହିଛି । ଏହି ସ୍ଥାନରେ ହଳଦୀବସନ୍ତ ଗ୍ରାମର ଖାତା ନଂ୧୪୬, ପ୍ଲଟ ନଂ-୨୭୬ରେ ୯୫ ଡିସିମିଲ ଗୋଚର ଜମି ରହିଛି । ଏଥିସହିତ ଏହି ସ୍ଥାନକୁ ଲାଗି ପ୍ଲଟ ନଂ୨୭୭ରେ ୮୭ ଡେସିମିଲ ଗୋଚର ଜମି ରହିଛି । ତେଣୁ ଏହି ସରକାରୀ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ, କୁରୁଜଙ୍ଗା ସରପଞ୍ଚ ମାନସି ସାମଲ, ପୂର୍ବତନ ଅଧକ୍ଷ ସରୋଜ ସାହୁ, କୃତ୍ତିବାସ ଦାସ, ମମତା ଦାଶ, ଅନନ୍ତ କର, ଅକ୍ଷୟ ତ୍ରିପାଠୀ, ଭରତ ସିଂ, ମଦନ ମହାନ୍ତି, ଆଦିକନ୍ଦ ବଳ, ଗୋବିନ୍ଦ ବାରିକ, ହେମଲତା ରାଉତ, ରତ୍ନମଞ୍ଜରୀ ଦାଶ, କମଳ ମହାନ୍ତିଙ୍କ ସମେତ ବ୍ଲକ୍ ଅଞ୍ଚଳର ହଜାର ହଜାର ଜନସାଧାରଣ ଦାବି କରିଛନ୍ତି ।

## ଫାଇନାନ୍ସ କମ୍ପାନୀ ପରିଚାଳକଙ୍କ ଆତ୍ମହତ୍ୟା

**ରାଜନଗର, ୨୧।୬(ସମିସ):** ରାଜନଗର ବ୍ଲକ ଡାଙ୍ଗମାଳଠାରେ ଥିବା ମ୍ୟାନଗ୍ରୁଭ ପିଟା ହୋମ ଷ୍ଟେରେ ଫାଇନାନ୍ସ କମ୍ପାନୀ ପରିଚାଳକ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ । ଡାଙ୍ଗମାଳ ପଞ୍ଚାୟତ ବରାଡିଆଠାରେ ଭାରତ ଫାଇନାନ୍ସ କମ୍ପାନୀର ଶାଖା କାର୍ଯ୍ୟାଳୟ ରହିଛି । ଏହି କାର୍ଯ୍ୟାଳୟରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଦାପୁର ଗ୍ରାମର ସୁରେନ୍ଦ୍ର ସାହୁଙ୍କ ପୁଅ ଶୁଭମ ସଂଗ୍ରାମ ସାହୁ (୨୬) ଶାଖା ପରିଚାଳକ ଭାବେ କାମ କରନ୍ତି । ଗତ ୨/୪ ଦିନ ଧରି ଶାଖାରେ ଯାଞ୍ଚ ଚାଲିଥିଲା । ଗତକାଲି ରାତିରେ ଶୁଭମ ଭାରତ ଫାଇନାନ୍ସ ଶାଖା କାର୍ଯ୍ୟାଳୟରେ ରାତିରେ ଥିଲେ । ଆଜି ସକାଳେ ଉଠି ସେ ଭଡ଼ା ନେଇ ରହୁଥିବା ଡାଙ୍ଗମାଳସ୍ଥ ମ୍ୟାନଗ୍ରୁଭ ପିଟା ହୋମ ଷ୍ଟେରେ ପହଞ୍ଚିଥିଲେ । ଦିନ ପ୍ରାୟ ୯ ଘଟିକା ସମୟରେ ସେ ତାଙ୍କ କର୍ମଚାରୀଙ୍କ ଫୋନ ନ ଉଠାଇବାରୁ ଝରକା ବାଟେ ସେ ଫ୍ୟାନରେ ଏକ ଓନି ଯୋଗେ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା । ଗେଷ୍ଟ ହାଉସର ମାଲିକ ସଙ୍ଗେ ସଙ୍ଗେ ଏ ନେଇ ତାଳଚୁଆ ସାମୁଦ୍ରିକ ଥାନା ଓ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ପରିବାର ଲୋକେ ପହଞ୍ଚି ତାଳଚୁଆ ସାମୁଦ୍ରିକ ଥାନାରେ ଏତଲା ଦେଇଥିଲେ । ପରିବାର ଲୋକଙ୍କ ଉପସ୍ଥିତିରେ ରାଜନଗର ଅତିରିକ୍ତ ତହସିଲଦାର, ତାଳଚୁଆ ସାମୁଦ୍ରିକ ଥାନା ପୁଲିସ, ସାଇଣ୍ଟିଫିକ ଟିମ ଗେଷ୍ଟ ହାଉସର କବାଟ ତାଡ଼ି ଫ୍ୟାନରେ ଝୁଲୁଥିବା ଶୁଭମଙ୍କ ମୃତଦେହ ତଳକୁ ଓହ୍ଲାଇଥିଲେ । ମୃତଦେହ ବ୍ୟବଛେଦ ପାଇଁ ପଠାଯାଇଛି । ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କୁ ପଚାରିବାରୁ ଆମେ ଭିତରପଟୁ ଦିଆଯାଇଥିବା କବାଟ ତାଡି ମୃତଦେହ ଜବତ କରିଛୁ । ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡିବ ବୋଲି କହିଛନ୍ତି ।

## ବଡ଼ମୂଳବସନ୍ତ ପଞ୍ଚାୟତରେ ଆମ ଗାଁରେ ତହସିଲ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ,୨୧।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗ୍ରାମରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ରାଜସ୍ୱ ପରିଦର୍ଶକ ଜାନକୀ ପଣ୍ଡା, ଆରପି ସୁଧାଂଶୁ ମହାନ୍ତି, ବଡ଼ମୂଳବସନ୍ତ ସର୍କଲ ରାଜସ୍ୱ ନିରୀକ୍ଷକ ସନ୍ଧ୍ୟାରାଣୀ ବରାଳ, ସୂର୍ଯ୍ୟକାନ୍ତ ବେହେରା, ଲାଲୁ ବିକ୍ରମ ଚୌଧୁରୀ, ସୟଦ ମହମଦ ପ୍ରମୁଖ ଯୋଗଦେଇ ସରଳ ରାଜସ୍ୱ ସେବା, ଜବରଦଖଲ ଉଚ୍ଛେଦ, ଖଜଣା ଆଦାୟ ଓ ବିଭିନ୍ନ ସାର୍ଟିଫିକେଟ ପାଇବା କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ସ୍ମୃତିମୟୀ ମଳିକ, ପୂର୍ବତନ ସମିତି ସଭ୍ୟ କଳ୍ପତରୁ ଦାସ, ପିଇଓ ସୁରେନ୍ଦ୍ର ଦାସ, ଏଡିଇଓ ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ସମାଜସେବୀ ଦେବାନନ୍ଦ ଜେନା, ସୁବ୍ରତ ସ୍ୱାଇଁ, ପ୍ରଫୁଲ ପ୍ରଧାନ, ବଡ଼ମୂଳବସନ୍ତ ପୋଷ୍ଟାଲ ବିପିଏମ ସୌମ୍ୟା ସଙ୍ଗୀତା ପରିଡା, ଏମବିକେ, ଏସଏଚ୍‌ଜି ଗ୍ରୁପ ସଦସ୍ୟା, ସମସ୍ତ ସିଆରପି ଓ ଜନସାଧାରଣ ଯୋଗ ଦେଇଥିଲେ ।

## ସିଂହଗାଁ, ଦିହୁଡିପୁର ଓ ନୀଳକଣ୍ଠପୁର ପଞ୍ଚାୟତରେ ବିକାଶ ରଥ ପରିକ୍ରମା



**ପଟ୍ଟାମୁଣ୍ଡାଇ,୨୧।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ସିଂହଗାଁ ପଞ୍ଚାୟତରେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଗଣେଶ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ଜିପିଡିଓ ରଞ୍ଜିତ ପରିଡା, ପିଇଓ ସର୍ବେଶ୍ୱର ବରାଳ, ପିଏଚଇଓ ସ୍ନେହଲତା ମହାନ୍ତି, ସ୍ୱାସ୍ଥ୍ୟ ପରିଦର୍ଶକ ନୃସିଂହ ଦାସ, ବିଏସଏସଓ ସୁଧାଂଶୁ ପ୍ରଧାନ, ଏଏନଏମ ଶୁଭଶ୍ରୀ ସିଂ, ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ସିପି ପ୍ରିୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ରାସନ, ଅନ୍ତ୍ୟୋଦୟ, ଭତ୍ତା, ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ । ସେହିପରି ଦିହୁଡିପୁର ପଞ୍ଚାୟତରେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ନରେଶ ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ଜିପିଡିଓ ରଂଜିତ ପରିଡା, ପିଇଓ ଅଲେଖ ପ୍ରଧାନ, ପିଏଚଇଓ ସ୍ନେହଲତା ମହାନ୍ତି, ସିଏଚଓ ଶିଖା ସାଗରିକା ଦାସ ପ୍ରମୁଖ ସରକାରୀ ଅଧିକାରୀ ଯୋଗଦେଇ ରାସନ, ଅନ୍ତ୍ୟୋଦୟ ଓ ଭତ୍ତା, ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ । ନୀଳକଣ୍ଠପୁର ପଞ୍ଚାୟତରେ ବିକାଶ ରଥ ପରିକ୍ରମା କରିଛି । ଏବିଡିଓ ସନ୍ତୋଷ ମନ୍ତ୍ରୀ, ସିଡିପିଓ ଲକ୍ଷ୍ମୀମଣି ସିଂ, ଜିପିଡିଓ ରଂଜିତ ପରିଡା, ପିଏଚଇଓ ସ୍ନେହଲତା ମହାନ୍ତି, ସିଏଚଓ ମଧୁସ୍ମିତା ନାଥ, ସ୍ୱାସ୍ଥ୍ୟ ପରିଦର୍ଶକ ନୃସିଂହ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଅଳପୁଆରେ ଖୋଲିବ ଏଚଡିଏଫ୍‌ସି ଏଟିଏମ୍

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୧।୬ (ସମିସ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳ ଅଳପୁଆ ବଜାର ତଳାପଡିଆଠାରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଏଟିଏମ ଖୋଲାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ଫଳରେ ନଗଦ ଟଙ୍କା ଉଠାଣ କରାଯାଇପାରିବ । ଯଦ୍ୱାରା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ସମେତ ଯାଜପୁର ଓ ଆଳି ଅଞ୍ଚଳର ଲୋକେ ବିଶେଷ ଭାବେ ଉପକୃତ ହେବେ । ଏଥିପ୍ରତି ଜାତୀୟକରଣ ବ୍ୟାଙ୍କ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଅଳପୁଆ ତଳାପଡିଆଠାରେ ଏଟିଏମ ଖୋଲାଯାଇ ପାରୁ ନ ଥିଲା । ଏଠାରେ ସପ୍ତାହରେ ଦୁଇଥର ହାଟ ଚାଲେ ଓ ହାରାହାରି ୧୦ ହଜାର ଲୋକ ଏଟିଏମର ସୁବିଧା ପାଇପାରିବେ । ନିକଟରେ ଏଚଡିଏଫସି ବ୍ୟାଙ୍କ ପେଣ୍ଠପାଳ ଶାଖା ପ୍ରବନ୍ଧକଙ୍କୁ ଅଞ୍ଚଳବାସୀ ଭେଟି ଏ ସମ୍ପର୍କରେ ଦାବି କରିଥିଲେ । ଶାଖା ପ୍ରବନ୍ଧକ ରାଜା ରଞ୍ଜିତ ପଣ୍ଡା ଓ ସହପ୍ରବନ୍ଧକ ବିକାଶ ଜେନା ତଳାପଡ଼ିଆରେ ପହଞ୍ଚି ସମସ୍ତ ଦିଗକୁ ଆଖି ଆଗରେ ରଖି ତର୍ଜମା କରିବା ପରେ ଏଟିଏମ ଖୋଲାଯିବା ନେଇ ସବୁଜ ସଂକେତ ଦେଇଥିଲେ । ଏଟିଏମ୍ ଖୋଲାଯିବା ପାଇଁ ଉଦ୍ଦିଷ୍ଟ ଗୃହ ପରିଦର୍ଶନ କରି ଉପସ୍ଥିତ ଜନସାଧାରଣଙ୍କୁ ଏଟିଏମ ଖୋଲିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଥିବାରୁ ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି ।

## କତକୁଲା ଗ୍ରାମରେ ସିଲେଇ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ



**ପାରାଦୀପ/କୁଜଙ୍ଗ, ୨୧।୬(ସମିସ):** ଇଣ୍ଡିଆନ ଅଏଲ ଆଦାନୀ ଭେଞ୍ଚର ଲିମିଟେଡ଼ ସହାୟତାରେ ପାରାଦୀପଗଡ଼ ପଞ୍ଚାୟତର କତକୁଲା ଗ୍ରାମରେ ଏକ ସିଲେଇ ଶିକ୍ଷା ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । କମ୍ପାନୀ ସିଇଓ ରେଜିଥ୍ ଭାସ୍କର, ଟର୍ମିନାଲ ମ୍ୟାନେଜର ଏନ୍.ଭି. ସୁବ୍ରମଣ୍ୟମ, ମାନବ ସମ୍ବଳ ଅଧିକାରୀ ସତ୍ୟରଞ୍ଜନ ଦାସ, ନିରାପତ୍ତା ମୁଖ୍ୟ ପ୍ରୀତିରଞ୍ଜନ ବେହେରା, ଅର୍ଥ ବିଭାଗର ଅଜିତ ଦାସ ଓ ସରପଞ୍ଚ ସସ୍ମିତା ବେହେରା, ଆଇନଜୀବୀ ସଞ୍ଜୟ ବେହେରା, ଚନ୍ଦ୍ରଶେଖର ଚୌଧୁରୀ ପ୍ରମୁଖ ଯୋଗଦେଇ ସିଲେଇ ଶିକ୍ଷା ତାଲିମ୍ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ତାଲିମ୍ କେନ୍ଦ୍ରରେ ପ୍ରାଥମିକ ପର୍ଯ୍ୟାୟରେ ୩୫ ଜଣ ଛାତ୍ରୀଙ୍କୁ ତାଲିମ୍ ଦିଆଯିବ ଓ ତାଲିମ ସମ୍ପୂର୍ଣ୍ଣ ହେବା ପରେ ପ୍ରତ୍ୟେକଙ୍କୁ ସିଲେଇ ମେସିନ୍ ପ୍ରଦାନ କରାଯିବ । ମହିଳା ଆତ୍ମନିର୍ଭରଶୀଳ ହେବାକୁ ଉକ୍ତ କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଯୋଜନା ମାଧ୍ୟମରେ ଏପରି ଜନହିତକର କାର୍ଯ୍ୟକ୍ରମ ସାମିଲ କରାଯାଇଥିବା ସିଇଓ ରେଜିଥ ଭାସ୍କର ପ୍ରକାଶ କରିଛନ୍ତି । ୨୦୧୨ରେ ପାରାଦୀପ ତୈଳ ବିଶୋଧନାଗାର ସହାୟତାରେ ତତ୍କାଳୀନ ସରପଞ୍ଚ ଶ୍ରୀମତୀ ବେହେରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏପରି ସିଲେଇ ଶିକ୍ଷା ତାଲିମ୍ କେନ୍ଦ୍ର କରି ମହିଳାଙ୍କୁ ତାଲିମ ଦେଇ ୨୨୦ଟି ସିଲେଇ ମେସିନ୍ ପ୍ରଦାନ କରିଥିଲେ ।

## ପାଣି ଆସିବା ପୂର୍ବରୁ କେନାଲ ସଫା କରାଯିବାକୁ ଚାଷୀଙ୍କ ଦାବି

**ପଞ୍ଚୁପାଣ୍ଡବ,୨୧।୬(ସମିସ):** ଡେରାବିଶ ତହସିଲ ଅଧୀନରେ ଥିବା ବିଭିନ୍ନ କେନାଲରେ ଧାନ ଚାଷ ପାଇଁ ଆଉ କିଛିଦିନ ପରେ ପାଣି ଆସିବ । ଆଗକୁ ଚାଷ ପାଇଁ କେନାଲରେ ପାଣି ଆସିବା ପୂର୍ବରୁ କେନାଲ ସଫା କରିବା ପାଇଁ ଚାଷୀ ଦାବି କରିଛନ୍ତି । ପ୍ରତିବର୍ଷ ଜଳ ସମ୍ପଦ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ପାଣି ଆସିଲା ପରେ ସଫା କରାଯାଉଥିବା ଦେଖିବାକୁ ମିଳିଥିଲା । ଠିକ୍ ଚାଷୀଙ୍କ ଚାଷବେଳେ କେନାଲ ସଫା କରିବା ଓ ସେ ସମୟରେ କେଉଁଠି ଘଳିଆ ମାରିବା ସହ ବନ୍ଧ ଭାଙ୍ଗିବା ପ୍ରଶାସନର ଖାମଖିଆଲି ନୀତିକୁ ଚାଷୀ ବିରୋଧ କରିଛନ୍ତି । ପଟ୍ଟାମୁଣ୍ଡାଇ କେନାଲରେ ଥିବା ବିଭିନ୍ନ ଶାଖା କେନାଲରେ ପ୍ରତିବର୍ଷ ଘଳିଆ ହେବାରୁ ଚାଷ ସମୟରେ ପାଣି ବନ୍ଦ କରାଯାଇ କେନାଲର ମରାମତି କରାଯାଉଥିବାବେଳେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।



ପାଣି ଆସିଲା ପରେ ଯେଉଁ ଠିକାଦାର କାମ କରିବା ପାଇଁ ନିୟୋଜିତ ହେଉଛନ୍ତି, ସେମାନେ ନିମ୍ନମାନର କାମ କରି ସରକାରଙ୍କ ଟଙ୍କା ହରିଲୁଟ କରୁଛନ୍ତି । ଏବେ କେନାଲ ଗଛ ଲତାରେ ଲୁଚିବାକୁ ଲାଗିଲାଣି । ଶୀଘ୍ର ଏହାର ତଦନ୍ତ କରାଯାଇ ପାଣି ଆସିବା ପୂର୍ବରୁ କେନାଲ ସଫା କରିବା ପାଇଁ ରମେଶ ଗାହାଣ, ବୃନ୍ଦାବନ ମଣ୍ଡଳ, ଶୈଳନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ଦାସ, ପୁରସ୍ତମ ମଲିକ, ଅନାଦି ବେହୁରା, ଗୌରାଙ୍ଗ ମହାରଣା, ଉପେନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି ।

## ବନ୍ଦ ଘରୁ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**ଜଗତସିଂହପୁର,୨୧।୬(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପାଣିସାଳିଆ ଗ୍ରାମର ହେମନ୍ତ ମହାନ୍ତିଙ୍କ ଘରେ ଭଡ଼ାରେ ରହୁଥିବା ଚନ୍ଦ୍ରମଣି ପରିଡ଼ା ନାମକ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତଦେହ ବନ୍ଦ ଘରୁ ଉଦ୍ଧାର କରାଯାଇଛି । ଦୁଇଦିନ ଧରି ଚନ୍ଦ୍ରମଣି ରହୁଥିବା ଘର ଭିତରପଟୁ ବନ୍ଦ ଥିଲା । ଆଜି ସକାଳେ ଘର ମାଲିକ ହେମନ୍ତ ମହାନ୍ତି କବାଟ ବାଡ଼େଇବାରୁ କିଛି ଉତ୍ତର ଆସିନଥିଲା । ପରେ ଶ୍ରୀ ମହାନ୍ତି ଫୋନ କରିଥିଲେ ମଧ୍ୟ ଫୋନ ରିସିଭ ହୋଇ ନ ଥିଲା । ଘର ଭିତରୁ ଦୁର୍ଗନ୍ଧ ବାହାରୁ ଥିବାରୁ ଶ୍ରୀ ମହାନ୍ତି ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ଚନ୍ଦ୍ରମଣିଙ୍କ ଗଳିତ ଦେହ ପଡିଥିବା ଦେଖିଥିଲା । ଶବକୁ ଜବତ କରି କଟକ ପଠାଇଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ଶ୍ରୀ ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଚନ୍ଦ୍ରମଣିଙ୍କ ଘର ଭଦ୍ରକ ଜିଲ୍ଲାର ନାଇକାଣିଡିହ ଗ୍ରାମରେ ହୋଇଥିବାବେଳେ ସେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସାଁପୁର ମଜୁରାଇରେ ବିବାହ କରିଥିଲେ । ସେନା ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଶଶୁର ଘର ନିକଟରେ ଘର କରି ପରିବାର ସହିତ ରହୁଥିଲେ । ପତ୍ନୀ କାଦୁଅପଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟାପିକା ଅଛନ୍ତି । ୨୦୨୨ ଅଗଷ୍ଟ ମାସରେ ନିଶାସକ୍ତ ଅବସ୍ଥାରେ ଚନ୍ଦ୍ରମଣି ନିଜ ବନ୍ଧୁକରୁ ଗୁଳି ଚଳାଇଥିଲେ ଓ ଏଥିରେ ଦୁଇଜଣ ଆହତ ହୋଇଥିଲେ । ଏହି ଘଟଣାରେ ତାଙ୍କୁ ପୁଲିସ ଗିରଫ୍ କରିଥିଲା । ଜାମିନିରେ ଆସିବା ପରେ ପତ୍ନୀଙ୍କ ସହିତ ମତାନ୍ତର କାରଣରୁ ଜଗତସିଂହପୁରରେ ଭଡ଼ାରେ ରହୁଥିଲେ । ଗତ ମେ ମାସରେ ସେ ଘର ପରିବର୍ତ୍ତନ କରି ହେମନ୍ତ ମହାନ୍ତିଙ୍କ ଘରେ ରହୁଥିଲେ । କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ତୃତୀୟ ଜିଲ୍ଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ

# ଆବାସ, ଫସଲ ବୀମା, ପାନୀୟଜଳ ଉପରେ ଆଲୋଚନା

**କେନ୍ଦ୍ରାପଡ଼ା,୨୧।୬(ସମିସ):**


ତୃତୀୟ ଜିଲ୍ଲା ସମନ୍ୱୟ ଓ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ଯୋଗ




ଦେଇଥିଲେ । ପ୍ରଥମେ ଗତ ଦିଶା ବୈଠକର କାର୍ଯ୍ୟାନୁଷ୍ଠାନ ଉପରେ ସାଂସଦ ସମୀକ୍ଷା କରିଥିଲେ । ପରେ ଚଳିତ ବୈଠକର ଏଜେଣ୍ଡା ଅନୁସାରେ ବୈଠକରେ ଆଲୋଚନା ହୋଇଥିଲା । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଧାନ ସଂଗ୍ରହ, ମଣ୍ଡିର ଭିତ୍ତିଭୂମି ବିକାଶ, ସମଗ୍ର ଶିକ୍ଷା ଅଭିଯାନ, ଶୀତଳଭଣ୍ଡାର ଇତ୍ୟାଦି ସମ୍ପର୍କରେ ସାଂସଦ ସମୀକ୍ଷା କରିଥିଲେ । ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ରାଶି ବୃଦ୍ଧି, ବିଭିନ୍ନ ପ୍ରକଳ୍ପର ବକେୟା ରାଶି ପ୍ରଦାନ, ପାନୀୟ ଜଳ, ଅସାଧୁ ଆକାରରେ ଅନବରତ ନଦୀରୁ ବାଲି ଉଠାଣ ବିରୋଧରେ ଚଢ଼ଉ ନିମନ୍ତେ ନିର୍ବାଚିତ ପ୍ରତିନିଧି ଦୃଷ୍ଟି ଆକର୍ଷଣ କରିଥିଲେ । ଏହାଛଡା ଜାତୀୟ ରାଜପଥର ଡ୍ରେନେଜ ବ୍ୟବସ୍ଥାକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ବୈଠକରେ ସମସ୍ତ ବ୍ଲକ୍‌ର ନିର୍ବାଚିତ ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଉପସ୍ଥିତ ଥିଲେ । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ ବିଭାଗୀୟ ଅଧିକାରୀ କାର୍ଯ୍ୟ କିପରି ସଠିକ ଭାବେ କରିବେ, ସେଥିନିମନ୍ତେ ସାଂସଦ ଜିଲ୍ଲାପାଳଙ୍କୁ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଯାଦବ ମହାସଭାର ପ୍ରସ୍ତୁତି ବୈଠକ

**ଏରସମା,୨୧।୬(ସମିସ):** ଅଖିଳ ଭାରତ ଯାଦବ ମହାସଭା ଓ ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବିହାରର ଚମ୍ପାରଣରୁ ଆରମ୍ଭ ହୋଇ ସମଗ୍ର ଭାରତ ପରିକ୍ରମା କରୁଥିବା ରେଜେଙ୍ଗଲା ମାଟି କଳସ ଯାତ୍ରା ଆସନ୍ତା ୨୫ ତାରିଖ ବୁଧବାର ଦିନ ଜଗତସିଂହପୁର ଜିଲ୍ଲାରେ ପରିକ୍ରମା କରାଯିବ । ଏହି ସହିଦ ମାଟି କଳସ ଯାତ୍ରାକୁ ସ୍ୱାଗତ କରିବା ପାଇଁ ଏରସମା ବ୍ଲକ୍ ଯାଦବ ମହାସଭା ଓ ଗୋଠ ପରିଚାଳନା କମିଟି, ଭୁଆଁସାହି, ଦେଇକା ଓ ଧୋବେଇ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଭୁଆଁସାହିସ୍ଥ ରାଧାମାଧବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିକ୍ଷାବିତ୍ ଅକ୍ଷୟ ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ । ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ପ୍ରସନ୍ନ ବେହେରା, ରାଜ୍ୟ ଯୁଗ୍ମସମ୍ପାଦକ କାର୍ତ୍ତିକ ବେହେରା, ଜିଲ୍ଲା ସଂଗଠକ ରବିନାରାୟଣ ସେନାପତି, ଆଇନଜୀବୀ ପ୍ରଭାତ ବହିରା, ଅରୁଣ ବେହେରା, ଅନନ୍ତ ଦେବାଶିଷ ଦାସ, ଦିଲ୍ଲୀପ ଦାସ, ସଚିତ୍ର ଦାସ, ପରେଶ ଦାସ, ସୂର୍ଯ୍ୟକାନ୍ତ ପରିଡ଼ା, ସୁଶୀଲ ଦାସ, କୈଳାସ ପଲାଇ, ସୁରେନ୍ଦ୍ର ପରିଡ଼ା, ଗୋପୀନାଥ ବେହେରା, କରୁଣାକର ଦାସ ପ୍ରମୁଖ ଯୋଗଦେଇ ୧୯୬୨ ଚୀନ-ଭାରତ ଯୁଦ୍ଧରେ ସହିଦ ହୋଇଥିବା ୧୨୦ ଜଣ ଭାରତୀୟ ସୈନିକ ସମସ୍ତେ ଅହିର ଯାଦବ ୩୦୦୦ରୁ ଅଧିକ ଚୀନ ସୈନିକଙ୍କ ସାମ୍ନା କରିବା ସହିତ



ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ରେଜେଙ୍ଗଲା ପର୍ବତ ପଚ୍ଛକୁ ସଫଳତାର ସହିତ ରକ୍ଷା କରିଥିଲେ । ଏହି ସ୍ମୃତିକୁ ଉଜ୍ଜୀବିତ୍ କରିବା ପାଇଁ ରେଜେଙ୍ଗଲା ମାଟିରୁ ସହିଦ କଳସ ଶୋଭାଯାତ୍ରା ଆରମ୍ଭ କରାଯାଇଛି । କୁଜଙ୍ଗରୁ ସ୍ୱାଗତ କରିବା ପରେ ଏକ ବାଇକ୍ ଶୋଭାଯାତ୍ରା ଚଟୁଆ, ପଞ୍ଜାବୀ ଛକ, ଅନ୍ଧାରୀ ଛକ, ଜପା ଛକ, ଏରସମା ବ୍ଲକ୍ ଛକ, ଇବ୍ରିସିଂ, ଚମ୍ପାହାଟ ଡିହସାହି, ସୋମପୁର ବଜାର ପରିକ୍ରମା କରାଯିବା ପରେ ବାଲିକୁଦା ଓ ଜଗତସିଂହପୁର ଜିଲ୍ଲା ଅଞ୍ଚଳ ପରିକ୍ରମା କରିବ ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

## ବ୍ରଜନାଥପୁର ପଞ୍ଚାୟତ

ତାଳଚେରସଦର,୨୧।୬(ସମିସ): ତାଳଚେର ବ୍ଲକ ବ୍ରଜନାଥପୁର ପଞ୍ଚାୟତରେ ସରପଞ୍ଚ ନରେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଗୋଡ଼ିବନ୍ଧଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଦେଉଳବେଡ଼ା ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଯୋଗଗୁରୁ କାଳନ୍ଦୀ ସାହୁ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ



ଯୋଗାଭ୍ୟାସ ସହ ଏହାର ଉପକାରିତା ସମ୍ପର୍କରେ କହିଥିଲେ। ବିଜେପି ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଆର୍‌ଏସ୍‌ଏସ୍‌ର ନଗର ସଂଘ ଚାଳକ ପ୍ରମୋଦ କୁମାର କୁଣ୍ଡୁ, କାର୍ଯ୍ୟବାହ ସୂର୍ଯ୍ୟକାନ୍ତ ମହାନ୍ତି, ମଣ୍ଡଳ ସଭାପତି ଅଜୟ କୁମାର ସାହୁ, ଚୈତନ୍ୟ ପ୍ରଧାନ, କାର୍ତ୍ତିକେଶ୍ୱର ସାହୁଙ୍କ ସମେତ ପଞ୍ଚାୟତର ଏମବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ରସ୍ପ ଶତାଧିକ ଜନସାଧାରଣ ଯୋଗଦେଇଥିଲେ।

## କିଶୋରନଗର ବ୍ଲକ୍ ପ୍ରଶାସନ



କିଶୋରନଗର: କିଶୋରନଗର ବ୍ଲକ୍‌ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଧଉରାପାଲିସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁନୀଲ ଦଳାଇ ଓ ସହକାରୀ ଶିକ୍ଷକ ଚିନ୍ମୟ ଧୁରୁଆ ଯୋଗ ପ୍ରଶିକ୍ଷକ ଭାବେ ଯୋଗଦେଇ ଯୋଗ ପରିଚାଳନା କରିଥିଲେ। ଏଥିରେ କିଶୋରନଗର ବ୍ଲକ୍ କର୍ମଚାରୀ ତଥା ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଯୋଗ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ, ଏବିଡିଓ ଦିଲୀପ କୁମାର ପ୍ରଧାନ, ସିଡିପିଓ ଆରତୀ ସିଂହ, କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ପ୍ରମୁଖ ଯୋଗଦେଇ ଯୋଗର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ ଉପରେ ଆଧାରିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସଫଳତା ହାସଲ କରିଥିବା କିଶୋରନଗର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସଞ୍ଚୟିତା ସାହୁ, ସୂଚୀସ୍ମିତା ବିଶ୍ୱାଳ, ସ୍ୱସ୍ତିକା ସାହୁ, ଆଦର୍ଶ ବଡ଼ମାଳୀ, ଦୀପମଜ୍ୟୋତି ଦାଶ ଓ ଶାଶ୍ୱତ କୁମାର ପ୍ରଧାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିପିଓ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳ ଜିଲ୍ଲା ଆଇନସେବା ପ୍ରାଧିକରଣ



ଅନୁଗୋଳ: ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଅଦାଲତ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ଭିଜିଲାନ୍ସ ଜଜ ରାଜଲକ୍ଷ୍ମୀ ପଟ୍ଟନାୟକ, ପରିବାର ଅଦାଲତର ବିଚାରପତି ଚୌଧୁରୀ ପ୍ରବୀର କୁମାର, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହୃଷୀକେଶ ଆଚାର୍ଯ୍ୟ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୁକୁମାର ମହାପାତ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ବରିଷ୍ଠ ଦେୱାନୀ ବିଚାରପତି ସୋମ୍ୟରଞ୍ଜନ ନାୟକ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆରଏଲଟିଭି) ଲୋପାମୁଦ୍ରା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆର୍ଯ୍ୟ ଐଶ୍ୱର୍ଯ୍ୟା ଆଚାର୍ଯ୍ୟ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସରିତା ମହାରଣା, ଋତୁଶ୍ରୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଅରବିନ୍ଦ ସାହୁ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।

## ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର




ଅନୁଗୋଳ: ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ଅନୁଗୋଳ ପ୍ଲାଣ୍ଟ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କୁ ନେଇ ଜିନ୍ଦଲ ନଗରଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଜେଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା, ଷ୍ଟିଲ୍ ଜୋନର ସଭାପତି ଅତୁଲ ଦୁବେ, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ମାର୍ଗଦର୍ଶନରେ ଯୋଗାଭ୍ୟାସ କରାଯାଇଥିଲା। ଏହି ଅବସରରେ ପଙ୍କଜ ମଲହାନ କହିଲେ, ସ୍ୱାମୀ ସତ୍ୟବିନ୍ଦୁ ଜୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଯୋଗ ଶିବିର ବର୍ତ୍ତମାନ ଆମର ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଇଛି। ପ୍ରତିଦିନ ଯୋଗାଭ୍ୟାସ କରି ଆମେ କେବଳ ଆମ ଶରୀର ଏବଂ ମନକୁ ଶକ୍ତଶାଳୀ କରୁନାହୁଁ ବରଂ ଏକ ସନ୍ତୁଳିତ ଓ ସୁସ୍ଥ ବିଶ୍ୱ ଗଠନରେ ମଧ୍ୟ ଯୋଗଦାନ ଦେଉଛୁ ବୋଲି ସେ କହିଥିଲେ। ନିୟମିତ ଯୋଗାଭ୍ୟାସ ପାଇଁ ସମସ୍ତେ ପ୍ରତିବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ଜେଏସ୍‌ପି ଦ୍ୱାରା ପରିଚାଳିତ ଓପି ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ଜିନ୍ଦଲ ଆଶା, ଜନଜୀବିକା କେନ୍ଦ୍ର, ଶ୍ରମବୀର ପ୍ୟାଲେସ ଏବଂ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜୀବିକା କେନ୍ଦ୍ରରେ ଔଷଧୀୟ ଚାରାରୋପଣ କରାଯାଇଥିଲା।

## ବଇଣ୍ଡା ଜନତା ମହାବିଦ୍ୟାଳୟ



ବଇଣ୍ଡା: କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ଯୋଗଦେଇ ଯୋଗ ଦ୍ୱାରା ଶରୀର ସୁସ୍ଥ ରହେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ଦାସ, ଅସିତ କୁମାର ଜେନା, କାଳିଆ ସେଠୀ, ସୁମିତ୍ରା ସ୍ୱାଇଁ, ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇଥିଲେ। ଯୋଗଗୁରୁ ଚନ୍ଦନ ଶର୍ମା ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଜାତୀୟ ସେବା ଯୋଜନାର ପୋଗ୍ରାମ ଅଫିସର ଲିପୁ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବଇଣ୍ଡା ମେଡିକାଲରେ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ ଯୋଗର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ବଇଣ୍ଡା ଶିଶୁ ମନ୍ଦିରରେ ଯୋଗଗୁରୁ ଭାସ୍କର ସାହୁ ଯୋଗାଭ୍ୟାସ କରାଇଥିଲେ।

## କଣିହାଁ ବ୍ଲକ ଅଞ୍ଚଳ



କଣିହାଁ: କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଯୋଗ ଦିବସ ପାଳିତ ହୋଇଛି। ରେଙ୍ଗାଳି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ରେଙ୍ଗାଳି ହାତୀଆଦଣ୍ଡା ପ୍ରାଥମିକ ବିଦ୍ୟାଳୟ, ଶିଶୁମନ୍ଦିର, ଉଚ୍ଚ ବିଦ୍ୟାଳୟ, ପବିତ୍ରମୋହନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଯୋଗ କରିଥିଲେ। ବରିଷ୍ଠ ବିଜେପି ନେତା ନୃସିଂହ ବରାଳ, ଧୃବଚରଣ ଧୀର, ତରୁଣ ସାହ, ସୁମନ୍ତ ପ୍ରଧାନ, ହରେକୃଷ୍ଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ବିଜିଗୋଳ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ଏନଟିପିସି ଦୀପଶିଖା ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ତ୍ରିପାଠୀ, ସ୍ୱାମୀନାରାୟଣ ନନ୍ଦ, ଆର୍‌ଏସ୍‌ଏସ୍ କଣିହାଁ ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀଧର ବିଶ୍ୱାଳ, ସଦସ୍ୟ ପବିତ୍ର ମୋହନ ସାହୁ, ଅଶୋକ ସାହୁ, ଭୁବନ ବେହେରାଙ୍କ ସମେତ ବ୍ଲକ୍‌ର ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ଲାଇନ ବିଭାଗ କର୍ମଚାରୀ, ଦୀପଶିଖା ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଯୋଗଗୁରୁ ବିଚିତ୍ରାନନ୍ଦ ସାହୁ ଏବଂ ସୁଶୀଲ ସାହୁ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ।

ପବିତ୍ରନଗର ମିନି ଷ୍ଟାଡିୟମରେ ବରିଷ୍ଠ ବିଜେପି ନେତା ପ୍ରହ୍ଲାଦ ସାମଲଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟ, ପବିତ୍ରନଗର ସରସ୍ୱତୀ ଶିଶୁ ମନ୍ଦିର ସମେତ ବିଭିନ୍ନ ବିଦ୍ୟାଳୟ, କଲେଜ ଓ ସଂଗଠନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଛି।

## ଢେଙ୍କାନାଳ ଜିଲ୍ଲା ପ୍ରଶାସନ

ଢେଙ୍କାନାଳ: ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମହିମା ଯୋଗ ଓ ୱେଲନେସ୍ ଟ୍ରଷ୍ଟର ପ୍ରଶିକ୍ଷକ ଅଶ୍ୱିନୀ



କୁମାର ପତି, ମୋନାଲିସା ସାହୁ, ମିନତି ମହାରାଜ, ଚିନ୍ତାମଣି ନାଥ, ବିଭୂତି ଭୂଷଣ ସାହୁ ଓ ଚିନ୍ତାମଣି ମହାନ୍ତି ଯୋଗାଭ୍ୟାସ କରାଇଥିଲେ।

## ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର



ଢେଙ୍କାନାଳ: ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତି ସଭାପତି ଅନୁକୂଳ ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଯୋଗର ଉପକାରିତା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଦୁର୍ଗାଚରଣ ରାଉତ, ବରିଷ୍ଠ ଆଚାର୍ଯ୍ୟ ଗଗନ ବିହାରୀ ନାୟକ, ମୋନାଲିସା ପଟ୍ଟନାୟକ, ସସ୍ମିତା ସାହୁ, କ୍ଷୀରାବ୍ଧି ମହାପାତ୍ର, ରଶ୍ମିତା ବେହେରା, ଅଶାନ୍ତି ସାହୁ, ସତ୍ୟପ୍ରିୟା ପୃଷ୍ଟି, ନିର୍ମଳ ଗୁରୁଜୀ, ପ୍ରମୋଦ ଗୁରୁଜୀ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟା ମନ୍ଦିରର ସହ ଯୋଗାଚାର୍ଯ୍ୟ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପରଜଙ୍ଗ ମହାବିଦ୍ୟାଳୟ

ପରଜଙ୍ଗ: ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଅତିଥି ଭାବେ ପରଜଙ୍ଗ ଗ୍ରାମର ଗିରୀଶ ଚନ୍ଦ୍ର ରାଉତ ଯୋଗଦେଇ ଯୋଗାଭ୍ୟାସ ଦ୍ୱାରା ସେ ସୁସ୍ଥ ନିରାମୟ ଜୀବନ ଅତିବାହିତ କରୁଥିବା ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ତଥା ଯୋଗଗୁରୁ ସଚ୍ଚିଦାନନ୍ଦ ପ୍ରଧାନ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗିରୀଶ ଚନ୍ଦ୍ର ରାଉତ ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ପରେ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା।

## ହିନ୍ଦୋଳ ମହାବିଦ୍ୟାଳୟ

ହିନ୍ଦୋଳ/ଖଜୁରିଆକଟା: ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ରୂପେ ଡ. ସରୋଜ କୁମାର ସାହୁ ଯୋଗଦେଇ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅକ୍ଷୟ କୁମାର ପାତ୍ର ଡ. ସାହୁଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପତି ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏନ୍‌ସିସିର ହିନ୍ଦୋଳ ମହାବିଦ୍ୟାଳୟ ଶାଖା ମୁଖ୍ୟ କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗଁଦିଆ ବ୍ଲକ ପ୍ରଶାସନ

ଗଁଦିଆ: ଗଁଦିଆ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ବିଡିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର, ବାର ଆସୋସିଏସନ ସଭାପତି ପ୍ରଦୀପ କୁମାର ସାହୁ, ପ୍ରେସକ୍ଲବ ସଭାପତି ମହେନ୍ଦ୍ର ସାହୁ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସଭ୍ୟ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆର୍ଟ ଅଫ ଲିଭିଂ ଯୋଗଗୁରୁ ଅଭିମନ୍ୟୁ ଦାସ, କୃଷ୍ଣଚନ୍ଦ୍ର ସାହୁ, ମଦନ ମୋହନ ଦାଶ ପ୍ରମୁଖ ଯୋଗାଭ୍ୟାସ କରାଇଥିଲେ।

## କାମାକ୍ଷାନଗର ଉପଖଣ୍ଡ ପ୍ରଶାସନ



କାମାକ୍ଷାନଗର: ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଡିଟୋରିଅମ ପରିଷରରେ କାମାକ୍ଷାନଗର ଏନ୍‌ଏସି ଓ ପଞ୍ଚାୟତ ସମିତି ପକ୍ଷରୁ ଉପଖଣ୍ଡସ୍ତରୀୟ ଯୋଗ ଦିବସ ପାଳିତ ହୋଇଛି। ଉପଜିଲ୍ଲାପାଳ ଦୀନମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗଦ୍ୱାରା ଶରୀର, ମନ ଓ ଆତ୍ମାର ସଞ୍ଚମତା ରହିଥାଏ ବୋଲି କହିଥିଲେ। ବିଧାୟକ ଶତ୍ରୁଘ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସ୍ଥ ଜୀବନ ପାଇଁ ଯୋଗ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, ଓକିଲ ସଂଘ ସଭାପତି ରଞ୍ଜନ କୁମାର ସାହୁ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ, ବିଡିଓ ପ୍ରଭୁକଲ୍ୟାଣ ଦାସ, ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଅର୍ଚ୍ଚନା ଗୌଡ଼, ଯୋଗ ସମିତି ଜିଲ୍ଲା ପ୍ରଭାରୀ ରବିନାରାୟଣ ସାହୁ, ମେଜର ପ୍ରଭାତ ଦାସ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ



ଢେଙ୍କାନାଳ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ମହାବିଦ୍ୟାଳୟ ପରିସର ନୂତନ ପାଠାଗାରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଡ. ନିର୍ଲିପ୍ତା ସ୍ୱାଇଁ , ଏନଏସଏସ୍ ସ୍ୱେଚ୍ଛାସେବୀ ଲିଟୁ ଦେହୁରୀ ଓ ସଙ୍ଗୀତା ସାହୁ ସଂଯୋଜନା କରିଥିଲେ। ଇତିହାସ ବିଭାଗ ସହକାରୀ ଅଧ୍ୟାପକ ତଥା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ଉଇଲସନ୍ ଭତ୍ରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହୁ ଯୋଗର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଯୋଗ ପ୍ରଶିକ୍ଷିକା ରଶ୍ମି ଦାସ ଯୋଗାଭ୍ୟାସ କରାଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମଞ୍ଜୁଲିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସିମିନଈ ଡିଗ୍ରୀ ମହାବିଦ୍ୟାଳୟ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଈ ଆଞ୍ଚଳିକ ଡ୍ରିଗୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଜାତୀୟ ସେବା ଯୋଜନା ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଜିତ କୁମାର ସାମଲ ସଭାପତିତ୍ୱ କରି ଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯୋଗଗୁରୁ ବାବୁଲା କୁମାର ସାହୁ ଯୋଗାଭ୍ୟାସ କରାଇଥିଲେ। କ୍ରୀଡ଼ା ଶିକ୍ଷକ ଅନିଲ କୁମାର ପଣ୍ଡା, ଅଧ୍ୟାପିକ ସୁରେନ୍ଦ୍ର କୁମାର ପରିଡ଼ା, ଅଧ୍ୟାପିକା ଅନିତା ଦାସ, ପ୍ରଜ୍ଞା ପରମିତା, ଅନିମା ଦାସ, ପଲ୍ଲିଶ୍ରୀ ମିଶ୍ର, ପରମିତା ନାୟକ, ରଶ୍ମିତା ବେହେରା, ଶଶଧର ସାହୁ, ଅନ୍ତର୍ଯ୍ୟାମୀ ବେହେରା, ସଚ୍ଚିଦାନନ୍ଦ ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ।

# ରେଜାଙ୍ଗଲା ସହିଦଙ୍କ ସ୍ମୃତିରେ କଳସ ଶୋଭାଯାତ୍ରା

ଅନୁଗୋଳ,୨୧।୬(ସମିସ):

ରେଜାଙ୍ଗଲା ସହିଦଙ୍କ ସ୍ମୃତିରେ ସର୍ବଭାରତୀୟ ଯାଦବ ମହାସଭା ପକ୍ଷରୁ ଦେଶବ୍ୟାପୀ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ଅନୁଗୋଳ ଟାଉନ ହଲରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ବଅଁରପାଳରେ ପହଞ୍ଚିବା ପରେ ଅନୁଗୋଳ ଯାଦବ ମହାସଭା ପକ୍ଷରୁ ଏହାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ଶୋଭାଯାତ୍ରା ଅନୁଗୋଳ ମାଉସୀମା' ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ସହିଦ କଳସକୁ ନାମ ସଂକୀର୍ତ୍ତନ ମଧ୍ୟରେ ନିଆଯାଇ ନଗର ପରିକ୍ରମା କରିବା ପରେ



ଟାଉନ ହଲରେ ପହଞ୍ଚିଥିଲା। ଅନୁଗୋଳ ଯାଦବ ମହାସଭା ସଭାପତି ନୀଳମଣି ରାଉତଙ୍କ ସଭାପତିତ୍ୱରେ ସେଠାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ଯାଦବ ମହାସଭା କର୍ମକର୍ତ୍ତାମାନେ ରେଜାଙ୍ଗଲା ସହିଦମାନଙ୍କ ବିଷୟରେ ବର୍ଣ୍ଣନା କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ, ୧୯୬୨ ଯୁଦ୍ଧରେ ଭାରତ-ଚୀନ ସୀମାନ୍ତ ରେଜାଙ୍ଗଲା ଘାଟିରେ ଉଭୟ ଦେଶର ସୈନିକଙ୍କ ମଧ୍ୟରେ ଘମାଘୋଟ ହୋଇଥିଲା। ଏଥିରେ ଭାରତର ୧୨୦ ସୈନ୍ୟ ଚୀନର ପ୍ରାୟ ୫ ହଜାର ସୈନ୍ୟଙ୍କ ମୁକାବିଲା କରି ୧୧୪ ଜଣ ସହିଦ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଯାଦବ ସମ୍ପ୍ରଦାୟର ସୈନିକ ଥିଲେ। ସେହି ସହିଦଙ୍କ ସ୍ମୃତିରେ ଅଖିଳ ଭାରତୀୟ ଯାଦବ ମହାସଭା ପକ୍ଷରୁ ଦେଶବ୍ୟାପୀ କଳସ ଶୋଭାଯାତ୍ରା ଆୟୋଜନ କରାଯାଉଛି।

## ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କତା

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ମୌସୁମୀ ଦ୍ରୁତଗତିରେ ଉତ୍ତର ଭାରତରେ ବ୍ୟାପୀବାରେ ଲାଗିଛି। ଶୁକ୍ରବାର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର କିଛି ସ୍ଥାନରେ ମୌସୁମୀ ପହଞ୍ଚିଛି। ସାରା ଦେଶରେ ମୌସୁମୀ ତା'ର ଏଣ୍ଟ୍ରି ମାରିସାରିଛି। ଏବେ କେବଳ ଦିଲ୍ଲୀ, ହାରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବରେ ମୌସୁମୀ ପହଞ୍ଚିବା ବାକି ରହିଛି। ରାଜସ୍ଥାନର ୫୦ ପ୍ରତିଶତ ସ୍ଥାନରେ ମୌସୁମୀ ପହଞ୍ଚି ସାରିଛି। ଦେଶର ୨୨ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଅଗାମୀ ଗୋଟିଏ ଦିନ ମଧ୍ୟରେ ହିମାଚଳ, ଉତ୍ତରାଖଣ୍ଡ, ଗୁଜରାଟ, ବିହାର, ଆସାମ, ମେଘାଳୟ, ହାରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କୋଙ୍କଣ- ଗୋଆରେ ବର୍ଷା ହେବାର ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜସ୍ଥାନ, ପଞ୍ଜାବ, ତେଲଙ୍ଗାନା, ଝାଡଖଣ୍ଡ, ଛତିଶଗଡ଼, ଓଡ଼ିଶା, କର୍ଣ୍ଣାଟକ ଉପକୂଳବର୍ତ୍ତୀ ସ୍ଥାନ, ବେଙ୍ଗଲ, ସିକିମ, କେରଳ ଓ ମଧ୍ୟ ପ୍ରଦେଶ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କହିଛି।

## ଶାହରୁଖଙ୍କ ବାସଭବନରେ ଫରେଷ୍ଟ ବିଭାଗର ଯାଞ୍ଚ୍

ମୁମ୍ବାଇ, ୨୧।୬(ଏଜେନ୍ସି): ସ୍ଥାନୀୟ ବାନ୍ଦ୍ରାର ବ୍ୟାଣ୍ଡଷ୍ଟାଣ୍ଡ ଅଞ୍ଚଳରେ ଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ବଙ୍ଗଳା 'ମନ୍ନତ'ରେ ବ୍ରିହାନମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ (ବିଏମ୍‌ସି) ଓ ଫରେଷ୍ଟ ବିଭାଗ ଯାଞ୍ଚ୍ କରିଛି। କୋଷ୍ଟାଲ ରେଗୁଲେସନ ଜୋନ (ସିଆରଜେଡ୍) ନିୟମର ଉଲ୍ଲଂଘନ ହୋଇଥିବା ନେଇ ଶୁକ୍ରବାର ଏହି ଯାଞ୍ଚ୍ ହୋଇଛି। ବିନା ଅନୁମତିରେ ଏହି ବଙ୍ଗଳାରେ କୌଣସି ନିର୍ମାଣ କାର୍ଯ୍ୟ ହୋଇଛି କି ନା ସେ ନେଇ ଯାଞ୍ଚ କରାଯାଇଥିଲା ବୋଲି ବିଏମ୍‌ସି ଓ ଫରେଷ୍ଟ ବିଭାଗରେ ଅଧିକାରୀମାନେ କହିଛନ୍ତି। ୨୭, ୦୦୦ ବର୍ଗଫୁଟ୍ ଏରିଆରେ ଥିବା ଏହି ବଙ୍ଗଳାରେ ପୁନର୍ଗଠନ କାର୍ଯ୍ୟ ଚାଲୁ ରହିଛି। ୬ ମହଲା ବିଶିଷ୍ଟ ଏହି ବଙ୍ଗଳାରେ ଦୁଇ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରେ ଆଉ ଦୁଇଟି ମହଲା ସାମିଲ କରାଯିବାର ଯୋଜନା ରହିଛି। ଏଥିପାଇଁ ଶାହାରୁଖଙ୍କ ସମେତ ପତ୍ନୀ ଗୌରୀ ଓ ୩ ସନ୍ତାନ ଆର୍ଯ୍ୟନ, ସୁହାନା, ଅବରାମ ଅସ୍ଥାୟୀ ଭାବେ ମନ୍ନତଠାରୁ ୧୦ ମିନିଟ ଦୂର ଖାରରେ ଏକ ଡୁପ୍ଲେକ୍ସରେ ରହୁଛନ୍ତି। ଶାହରୁଖ ଏହି ବଙ୍ଗଳାକୁ ୨୦୦୧ରେ କ୍ରୟ କରିଥିଲେ। ତେବେ ୧୯୧୪ରୁ ମନ୍ନତର ଏକ ଐତିହାସିକ ପରମ୍ପରା ରହିଆସିଛି।

## ଚଳନ୍ତା ଟ୍ରେନ୍‌ରେ ଯୁବକକୁ ପିଟିପିଟି ହତ୍ୟା

ବାଗପତ, ୨୧।୬(ଏଜେନ୍ସି): ୟୁପିରେ ବାଗପତରେ ଚଳନ୍ତା ଟ୍ରେନ୍‌ରେ ଜଣେ ଯୁବକକୁ ପିଟି ପିଟି ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। ଯୁବକ ଜଣକ ସାହରାନପୁର- ଦିଲ୍ଲୀ ପାସେଞ୍ଜର ଟ୍ରେନ୍‌ରେ ବାଗପତ ଆସୁଥିଲେ। ଫଖରପୁର ଷ୍ଟେସନ ନିକଟରେ ସିଟ୍‌ରେ ବସିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ୧୫ରୁ ୨୦ଜଣ ଲୋକ ସାଥି ହୋଇ ଯୁବକଙ୍କୁ ଗୋଇଠା, ମୁଥ ମାରିବା ସହ ବେଲ୍ଟରେ ପିଟିଥିଲେ। ବାଗପତଠାରୁ ୧୦ କିମି ଦୂରରେ ଥିବା ଖେକଡ଼ା ଷ୍ଟେସନରେ ଟ୍ରେନ ରହିବା ପରେ ଅଭିଯୁକ୍ତମାନେ ଓହ୍ଲାଇ ପଳାଇଯାଇଥିଲେ। ଟ୍ରେନ୍‌ରେ ଯାଉଥିବା ଯୁବକଙ୍କ ଜଣେ ବନ୍ଧୁ ଜିଆରପି ଓ ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କ ନାମ ହେଉଛି ଦୀପକ ଓ ସେ ଦିଲ୍ଲୀରେ ଚାକିରି କରୁଥିଲେ। ସେ ଦିଲ୍ଲୀ ବାଗପତସ୍ଥିତ ନିଜ ଘରକୁ ଯାଉଥିଲେ। ଶୁକ୍ରବାର ଏହି ଘଟଣା ଘଟିଥିଲେ ମଧ୍ୟ ଶନିବାର ଏହାର ଭିଡିଓ ସାମ୍ନାକୁ ଆସିଛି।

## ବେଲୁନ୍ ଦୁର୍ଘଟଣାରେ ୮ ମୃତ

ସାଓପାଓଲୋ, ୨୧।୬(ଏଜେନ୍ସି): ବ୍ରାଜିଲ୍‌ରେ ହଟ୍ ଏୟାର ବେଲୁନ୍ ଦୁର୍ଘଟଣାରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆକାଶରେ ଉଡୁଥିବା ବେଳେ ଏହି ବେଲୁନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହି ବେଲୁନରେ ସେତେବେଳେ ୨୧ଜଣ ଲୋକ ଥିଲେ। ଏମାନଙ୍କ ମଧ୍ୟରୁ ୮ ଜଣ ମୃତ୍ୟୁବରଣ କରିଛନ୍ତି। ନିଆଁ ଲାଗିବା ପରେ ବେଲୁଟି ସିଧା ତଳକୁ ଖସି ମାଟିରେ ପଡ଼ିଯାଇଥିଲା।

# ଇରାନରେ ଭୂକମ୍ପ ନା ବିସ୍ଫୋରଣ?

ତେଲ ଆଭିଭ, ୨୧।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତିର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଯୁଦ୍ଧ ବନ୍ଦ ପାଇଁ ଜେନେଭାରେ ୟୁରୋପୀୟ ଦେଶଗୁଡିକ କରିଥିବା ବୈଠକରେ କୌଣସି ଠୋସ୍ ଫଳାଫଳ ବାହାରି ପାରି ନ ଥିବାବେଳେ ଦୁଇ ରାଷ୍ଟ୍ର ପରସ୍ପର ବିରୋଧରେ ଆକ୍ରମଣକୁ ଜୋରଦାର କରିଛନ୍ତି। ଏପରି ସମୟରେ ଇରାନରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ଦ୍ୱାରା ଏହି ଭୂକମ୍ପ ଆସିଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବୃଦ୍ଧି ପାଇଛି ବୋଲି କୁହାଯାଉଛି।

ଯୁଦ୍ଧର ନବମ ଦିନରେ ତେଲ ଆଭିଭ ସମେତ ଅନେକ ସହର ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ବର୍ଷା କରିଥିବାବେଳେ ଇସ୍ରାଏଲ ସେନା (ଆଇଡିଏଫ) ଏହାର ଜବାବରେ ପରମାଣୁ ଠିକଣାକୁ ନିଶାଣ କରିଛି। ଆଜି ସକାଳେ ଆଇଡିଏଫ୍‌ର ୫୦ରୁ ଅଧିକ ଲଢୁଆ ବିମାନ ଇରାନର ଇସ୍‌ଫାହନ ପରମାଣୁ ପ୍ରତିଷ୍ଠାନରେ ବୋମା ମାଡ଼ କରିଛି। ତେବେ ଏହି ଆକ୍ରମଣ ପରେ କୌଣସି ରାସାୟନିକ ଲିକ୍ କିମ୍ବା ବିକିରଣ ହୋଇଥିବାର ସୂଚନା ମିଳିନାହିଁ। ଇରାନର ପରମାଣୁ କାର୍ଯ୍ୟକ୍ରମରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାରେ ୟୁରାନିୟମ ଠୁଳ କରି ରଖାଯାଉଛି। ନ୍ୟୁକ୍ଲିୟର ଫୁଏଲ ଫାବ୍ରିକେସନ ପ୍ଲାଣ୍ଟ ମଧ୍ୟ ରହିଛି। ପରମାଣୁ ଠିକଣାରେ ଆକ୍ରମଣ ସହିତ ଇରାନର ଆଉ ଜଣେ ପରମାଣୁ ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କରିଛି। ଶୁକ୍ରବାର ତେହରାନର ଏକ ଆପାର୍ଟମେଣ୍ଟକୁ ନିଶାଣ କରି ଆଇଡିଏଫ ସୁଇସାଇଡ ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ବୈଜ୍ଞାନିକ ଇସାର ତବାତବାଇ-କମସେହ ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଛି। ଏପର୍ଯ୍ୟନ୍ତ ଇରାନର ୧୧ ପରମାଣୁ

- ଇରାନ ପରମାଣୁ ପରୀକ୍ଷା କରିଥିବା ନେଇ ଚର୍ଚ୍ଚା ବଢ଼ିଲା
- ତିନି ଉତ୍ତରାଧିକାରୀଙ୍କୁ ମନୋନୀତ କଲେ ଖାମନେଇ

ବୈଜ୍ଞାନିକଙ୍କୁ ଇସ୍ରାଏଲ ହତ୍ୟା କଲାଣି। ସେହିପରି ଆଜି ଇରାନ ସେନାର ୩ କମାଣ୍ଡର ଏବଂ ୪ ଯବାନଙ୍କୁ ହତ୍ୟା କରିଥିବା ଇସ୍ରାଏଲ ଦାବି କରିଛି।

ଆକ୍ରମଣ ଦ୍ୱାରା ଇରାନର ପରମାଣୁ କାର୍ଯ୍ୟକ୍ରମ ୩ ବର୍ଷ ପଛକୁ ପଳାଇଛି ବୋଲି ଇସ୍ରାଏଲ ଦାବି କରୁଛି। ମାତ୍ର ଏପରି ସମୟରେ ଇରାନର ସେମନାନ୍ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଶୁକ୍ରବାର ରାତିରେ ହୋଇଥିବା ୫.୧ ତୀବ୍ରତାର ଏହି ଭୂକମ୍ପର କେନ୍ଦ୍ର ୧୦ କିମି ଗଭୀରତାରେ ଥିଲା ବୋଲି କୁହାଯାଉଛି। ଇରାନ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାରୁ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା ବୋଲି ଚର୍ଚ୍ଚା ହେଉଛି। କାରଣ ଇରାନର ସେମନାନ ସ୍ପେସ୍ ସେଣ୍ଟର ଏବଂ ସେମନାନ ମିସାଇଲ କମ୍ପ୍ଲେକ୍ସ ଥିବା ସହର ନିକଟରେ ଏହି ଭୂକମ୍ପ ହୋଇଛି। ଇରାନ



ସେନା ଦ୍ୱାରା ଏହା ପରିଚାଳିତ ହେଉଛି। ଏହାକୁ ଲାଗି ଫରଦୋ ଏବଂ ନତାଞ୍ଜ ପରମାଣୁ କେନ୍ଦ୍ର ମଧ୍ୟ ରହିଛି। ୟୁରୋପ ଶାନ୍ତି ଆଲୋଚନା ପ୍ରୟାସ ଜାରି ରଖିଥିବାବେଳେ ପରମାଣୁ କାର୍ଯ୍ୟକ୍ରମ ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଏପରି ସମୟରେ ହୋଇଥିବା ଭୂକମ୍ପକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତା ବଢ଼ିବ ବୋଲି କୁହାଯାଉଛି। କିଛି ବିଶେଷଜ୍ଞ ମଧ୍ୟ ପରମାଣୁ ପରୀକ୍ଷଣ ଆଶଙ୍କା କରିଛନ୍ତି। ଭୂତଳରେ ପରମାଣୁ ଅସ୍ତ୍ରର ବିସ୍ଫୋରଣ ଯୋଗୁଁ ସୃଷ୍ଟି ହୋଇଥିବା 'ଟେକ୍‌ଟୋନିକ ଷ୍ଟ୍ରେସ୍' ପାଇଁ ଭୂକମ୍ପ ଆସିଥିବ ବୋଲି ବିଶେଷଜ୍ଞ କହୁଛନ୍ତି। ଆଉ କିଛି ରିପୋର୍ଟରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଭୂକମ୍ପ ଆସିଥିଲା ବୋଲି କୁହାଯାଉଛି। ଏହା ମଧ୍ୟରେ ଆମେରିକାର ୬ଟି ବି-୨ ଷ୍ଟିଲ୍‌ଥ ବମ୍ବର ମିସୋରିର ନୌସେନା ଘାଟୀରୁ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା ମାଇକ୍ରୋନେସିଆ ଦ୍ୱୀପର ଗୁଆମକୁ ଉଡ଼ାଣ ଭରିଛି। ଏହି ଲଢୁଆ ବିମାନ ବଙ୍କର ବଷ୍ଟର ବୋମା ନେଇ ଯାଉଥିବା କୁହାଯାଉଛି। ପୂର୍ବରୁ ଏହି ବୋମା ଇସ୍ରାଏଲ ମାଗିଥିଲା। ତେଣୁ ଏହା ଇସ୍ରାଏଲକୁ ଦିଆଯାଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଇରାନ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିଜ ଉତ୍ତରାଧିକାରୀ ପାଇଁ ୩ ଜଣଙ୍କୁ ମନୋନୀତ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଖାମନେଇଙ୍କ ପୁଅ ମୋଜତବାର ନାମ ନାହିଁ। ପୂର୍ବରୁ ଖାମନେଇଙ୍କ ପୁଅ ହିଁ ତାଙ୍କ ଉତ୍ତରାଧିକାରୀ ହୋଇବେ ବୋଲି କୁହାଯାଉଥିଲା।

## ଇରାନ୍‌ରୁ ଫେରିଲେଣି ୮୨୭ ଭାରତୀୟ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଭାରତ ସରକାରଙ୍କ ଅପରେସନ ସିନ୍ଧୁ ଜରିଆରେ ମୋଟ ଉପରେ ୮୨୭ ଜଣ ଭାରତ ଫେରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ୨୯୦ ଜଣ ଭାରତୀୟ ନାଗରିକ ସ୍ୱଦେଶ ଫେରିଛନ୍ତି। ସେହିପରି ଶନିବାର ସଂଧ୍ୟା ୪ଟା ୩୦ରେ ଆଉ ୩୧୦ ଜଣ ଭାରତୀୟ ନାଗରିକ ଦିଲ୍ଲୀରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କଶ୍ମୀରର ଛାତ୍ର। ଏହାକୁ ବାଦ୍ ଦେଲେ ଆଉକିଛି ନାଗରିକ ଦିଲ୍ଲୀ, ହାରିୟାଣା, କର୍ଣ୍ଣାଟକ ଓ ପଶ୍ଚିମବଙ୍ଗର ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ ମୋଟ୍ ୮୨୭ଜଣ ଭାରତୀୟ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଶୁକ୍ରବାର ରାତିରେ ଦୁଇଟି ପର୍ଯ୍ୟାୟରେ ୪୦୭ ଭାରତୀୟ ଫେରିଛନ୍ତି। ରାତି ୧୦.୩୦ରେ ୧୯୦ ଜଣ କଶ୍ମୀର ଛାତ୍ର ସମେତ ୨୯୦ ନାଗରିକ ଫେରିଥିଲେ। ସେହିପରି ରାତି ୩ଟା ଆସି ପହଞ୍ଚିଥିବା ବିମାନରେ ୧୧୭ ଜଣ ଭାରତ ଫେରିଥିଲେ। ଏହାପୂର୍ବରୁ ଜୁନ୍ ୧୯ ରେ ୧୧୦ ଜଣ ଛାତ୍ର ଆର୍ମେନିଆ ଓ ଦୋହା ବାଟ ଦେଇ ଭାରତ ପହଞ୍ଚିଥିଲେ। ଶନିବାର ସନ୍ଧ୍ୟାରେ ଆଉଏକ ବିମାନ କିଛି ଭାରତୀୟଙ୍କୁ ଆଣିବାର କାର୍ଯ୍ୟକ୍ରମ ରହିଛି। ଇରାନରୁ ଦିଲ୍ଲୀ ପହଞ୍ଚିବା ପରେ ଏହି ଯାତ୍ରୀମାନେ 'ବନ୍ଦେ ମାତରମ' ଓ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଇଥିଲେ ଓ କିଛି ଲୋକ ବେଶ୍ ଭାବପ୍ରବଣ ହୋଇ ପଡ଼ିଥିଲେ। ସେମାନଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଆଉ କେତେକ ଲୋକ ମାଟିକୁ ମୁଣ୍ଡିଆ ମାରିଥିଲେ। ଭାରତରେ ପହଞ୍ଚିବା ପରେ ଆମକୁ ଶାନ୍ତି ମିଳିଛି ବୋଲି ଏମାନେ ଏଠାରେ ପହଞ୍ଚିବା ପରେ କହିଛନ୍ତି।

## ଇସ୍ରାଏଲ୍ ଆକ୍ରମଣକୁ ଭାରତ ନିନ୍ଦା କରୁ: ସୋନିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଓ ଏଥିରେ ଭାରତର ଭୂମିକା ନେଇ ମୁହଁ ଖୋଲିଛନ୍ତି। ଏହି ଯୁଦ୍ଧ ଶନିବାର ୯ମ ଦିନରେ ପହଞ୍ଚିଛି। ଇରାନ ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ସେ ଖୋଲାଖୋଲି ଭାବେ ନିନ୍ଦା କରିଛନ୍ତି। ଏକ ଦୈନିକ ଖବରକାଗଜରେ ସ୍ତମ୍ଭ ଲେଖି ସେ ଏ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।



ଇସ୍ରାଏଲ ନିଜେ ଏକ ପରମାଣୁ ଶକ୍ତି ଭାବେ ପ୍ରତିଷ୍ଠା ହାସଲ କରିଛି। କିନ୍ତୁ ପରମାଣୁ ଅସ୍ତ୍ର ତିଆରି କରିବା ଅଭିଯୋଗରେ ଇରାନ୍ ଉପରେ ଅନ୍ୟାୟ ଭାବେ ଆକ୍ରମଣ କରାଯାଉଛି। ଏହା ଇସ୍ରାଏଲ୍ ଦୋ ମୁହାଁ ନୀତିକୁ ସୂଚାଉଛି ବୋଲି ସେ କହିଛନ୍ତି। ପୁଣି ଇରାନ ଭାରତର ପୁରଣା ବନ୍ଧୁ। ଏବେ ଯୁଦ୍ଧ ଚାଲିଥିବା ବେଳେ ଭାରତର ନୀରବତା ଚିନ୍ତା ସୃଷ୍ଟି କରୁଛି। ଗାଜାରେ ଚାଲିଥିବା ଧ୍ୱଂସ ଓ ଇରାନ୍‌ରେ ହେଉଥିବା ଆକ୍ରମଣ ନେଇ ଭାରତ ତା'ର ଅଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ଏବେ ମଧ୍ୟ ବହୁତ ବିଳମ୍ବ ହୋଇନାହିଁ ଓ ଯଥେଷ୍ଟ ସମୟ ରହିଛି। ଭାରତ ଏ ନେଇ ଦୃଢ଼ ଭାବେ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରିବା ଉଚିତ। ଇରାନ ଏକାଧିକବାର ଭାରତକୁ ବିଭିନ୍ନ କ୍ଷେତ୍ରରେ ସମର୍ଥନ କରିଆସିଛି। ଗାଜାରେ ଏବେ ୫୫, ୦୦୦ରୁ ଅଧିକ ଲୋକ ପ୍ରାଣ ହରାଇସାରିଛନ୍ତି। ଏବେ ସେଠାରେ ଭୋକରେ ଲୋକ ମରିବା ଆରମ୍ଭ କଲେଣି। ତେଣୁ ଇରାନ ସମର୍ଥନରେ ଭାରତକୁ ଏବେ ଖୋଲାଖୋଲ ମନ୍ତବ୍ୟ ଦେବା ଉଚିତ ବୋଲି ସୋନିଆ ତାଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି।

ଇସ୍ରାଏଲ ଇରାନ ଉପରେ ଏକତରଫା ଓ ନିର୍ମମ ଭାବେ ଆକ୍ରମଣ କରିଛି। ଇସ୍ରାଏଲ ଇରାନର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରିଛି। ଏହା ବେଆଇନ ଓ ଆଞ୍ଚଳିକ ଶାନ୍ତିପ୍ରତି ବିପଦ ସୃଷ୍ଟି କରିଛି। ଇରାନ ଉପରେ ଚାଲିଥିବା ଆକ୍ରମଣକୁ କଂଗ୍ରେସ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱରେ ଇସ୍ରାଏଲ୍ କେବଳ ଆତଙ୍କ, ଅଶାନ୍ତି ବୃଦ୍ଧି କରିଛି ଓ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ପ୍ରତିଷ୍ଠା ନେଇ ତାଙ୍କ ପ୍ରତିବଦ୍ଧତାରୁ ଓହରିଯାଇଛନ୍ତି। ଏପରି ସ୍ଥଳେ ପଶ୍ଚିମ ଏସିଆରେ କିପରି ଶାନ୍ତି ପ୍ରତିଷ୍ଠା ହେବ ସେ ନେଇ କୁଟନୈତିକ ପ୍ରୟାସ ଭାରତ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି।

## ପୁଣି ନିର୍ବାଚନ କମିସନ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ମତଦାନ କେନ୍ଦ୍ରରେ ହେଉଥିବା ୱେବକାଷ୍ଟିଂର ସିସିଟିଭି ଫୁଟେଜକୁ ସାର୍ବଜନୀନ କରାଯିବ ନାହିଁ ବୋଲି ଭାରତର ନିର୍ବାଚନ କମିସନ (ଇସିଆଇ) ସ୍ପଷ୍ଟ କରିଦେଇଛନ୍ତି। ଏହାକୁ ସାର୍ବଜନୀନ କଲେ ଭୋଟରଙ୍କ ପ୍ରତି ବିପଦ ସୃଷ୍ଟି ହେବ। ଏହାଦ୍ୱାରା ଭୋଟର ଏବଂ ଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହଜ ହୋଇଯିବ। ଭୋଟ ଦେଉଥିବା ଏବଂ ନ ଦେଉଥିବା ବ୍ୟକ୍ତି ଉଭୟେ ଅସାମାଜିକଙ୍କ ଚାପ, ଭେଦଭାବ ଏବଂ ଧମକର ଶିକାର ହୋଇପାରନ୍ତି। ଏହା ସହିତ ସିସିଟିଭି ଫୁଟେଜ ସାର୍ବଜନୀନ କଲେ ଜନପ୍ରତିନିଧି ନିୟମରେ ଥିବା ବ୍ୟବସ୍ଥା ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମଧ୍ୟ ଉଲ୍ଲଙ୍ଘନ ହେବ। ତେବେ ଏହି ସବୁ ଭିଡିଓ ଅନ୍ତରୀଣ ପର୍ଯ୍ୟବେକ୍ଷଣ ପାଇଁ ଉଦ୍ଦିଷ୍ଟ ଥାଏ। କିନ୍ତୁ ନିର୍ବାଚନ ସମ୍ବନ୍ଧିତ ଶୁଣାଣି ସମୟରେ ଯଦି କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ଏହାକୁ ସେୟାର କରାଯିବ ବୋଲି ଇସିଆଇଙ୍କ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଜାଲିଆତି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିବା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଜବାବ ଦିଆଯାଇଛି।

ଉଦାହରଣ ଦେଇ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଯଦି କୌଣସି ରାଜନୈତିକ ଦଳକୁ ଏକ ବୁଥ୍‌ରେ କମ୍ ଭୋଟ ମିଳେ ତେବେ ସେହି ଦଳ ସିସିଟିଭି ଫୁଟେଜ ଆଧାରରେ କିଏ ଭୋଟ ଦେଇଛି ଏବଂ କିଏ ଦେଇନି ତାହା ସହଜରେ ଚିହ୍ନଟ କରିଦେବ। ଏହା ପରେ ଭୋଟ ଦେଇ ନ ଥିବା ଲୋକଙ୍କୁ ସମସ୍ୟାରେ ପକାଯାଇପାରେ। ଏହା ପୂର୍ବରୁ ଗତ ମାସରେ



- ମତଦାନ କେନ୍ଦ୍ରର ଫୁଟେଜ ସାର୍ବଜନୀନ କରିହେବନି: ନିର୍ବାଚନ କମିସନର
- ଯିଏ ଜବାବ ଦେବା କଥା ସିଏ ପ୍ରମାଣ ନଷ୍ଟ କରୁଛନ୍ତି : ରାହୁଲ

ନିର୍ବାଚନ ପ୍ରକ୍ରିୟାରେ ୪୫ ଦିନ ପରେ ୱେବକାଷ୍ଟିଂ ଏବଂ ଭିଡିଓ ଫୁଟେଜକୁ ନଷ୍ଟ କରିବା ପାଇଁ ଇସିଆଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହି ଅବଧି ଭିତରେ କେହି ଫଳାଫଳକୁ କୋର୍ଟରେ ବିରୋଧ କରିନାହାନ୍ତି ତେବେ ତାହାକୁ ନଷ୍ଟ କରିବାକୁ କହିଥିଲେ।

ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକା ମାଗିଲେ ମେସିନ-ରିଡାବୁଲ ଫର୍ମାଟ ଦେବନାହିଁ ବୋଲି କହୁଛନ୍ତି। ଆଇନ ବଦଳାଇ ସିସିଟିଭି ଫୁଟେଜକୁ ଛପାଇ ଦେଇଛନ୍ତି। ଏବେ ନିର୍ବାଚନର ଫଟୋ ଏବଂ ଭିଡିଓକୁ ବର୍ଷେ ନୁହେଁ, ବରଂ ୪୫ ଦିନରେ ନଷ୍ଟ କରିଦେବେ। ଯାହାଠାରୁ ଜବାବ ଚାହୁଁଥିଲୁ ସେ ପ୍ରମାଣ ନଷ୍ଟ କରୁଛନ୍ତି। ମ୍ୟାଚ୍ ଫିକ୍ସ ହୋଇଯାଇଛି ବୋଲି ସ୍ପଷ୍ଟ ଦେଖାଯାଉଛି। ଫିକ୍ସ ହୋଇଥିବା ନିର୍ବାଚନ ଗଣତନ୍ତ୍ର ପାଇଁ ବିପଦ। ଏହା ପରେ ନିର୍ବାଚନ କମିଶନଙ୍କ ଜବାବ ଆସିଥିଲା। ଏହାକୁ ଉତ୍ତର ଦେଇ ରାହୁଲ କହିଥିଲେ ଯେ ସାମ୍ବିଧାନିକ ସଂସ୍ଥା ଭାବେ ଗୁରୁତର ପ୍ରଶ୍ନର ଉତ୍ତର ଏଭଳି ଭାବେ ଦିଆଯାଏ ନାହିଁ। ଯଦି କିଛି ଲୁଚାଇବାକୁ ନାହିଁ ତେବେ ମୋ ପ୍ରଶ୍ନର ଉତ୍ତର ଦେଇ ପ୍ରମାଣ ରଖନ୍ତୁ ବୋଲି ରାହୁଲ କହିଥିଲେ।

## ଅଘଟଣରୁ ବର୍ତ୍ତିଲା ଆଉ ଏକ ଯାତ୍ରୀ ବିମାନ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପାଖାପାଖି ଗୋଟିଏ ସପ୍ତାହ ପରେ ଆଉଏକ ବିମାନର ପାଇଲଟ୍ ମେଡେ କଲ୍ କରିଛନ୍ତି। ଗୌହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନର ପାଇଲଟ୍ ଏହି ଇମର୍ଜେନ୍ସି କଲ୍ କରିଥିଲେ। ଜୁନ୍ ୧୯ରେ ଏହି ଘଟଣା ଘଟିଛି। ବିମାନରେ ଇନ୍ଧନ କମ୍ ଥିବା ଜାଣିପାରି ପାଇଲଟ ଏୟାର ଟ୍ରାଫ୍ କଣ୍ଟ୍ରୋଲ (ଏଟିସି)କୁ କଲ୍ କରିଥିଲେ। ବିମାନରେ ପାଇଲଟଙ୍କ ଜରୁରୀକାଳୀନ କଲ୍‌କୁ ମେଡେ କୁହାଯାଇଥାଏ।



- ସରିଗଲା ଇନ୍ଧନ, ପାଇଲଟ୍‌ଙ୍କ ମେଡେ କଲ୍
- ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ଫଳରେ ଏହି ବିମାନକୁ ତୁରନ୍ତ ବେଙ୍ଗାଲୁରୁ ଏୟାରପୋର୍ଟରେ ଅବତରଣ କରାଯାଇଥିଲା। ଗୌହାଟୀରୁ ଟେକ୍‌ଅଫ୍ କରିବା ପରେ ଏହି ବିମାନରେ ଇନ୍ଧନ ପର୍ଯ୍ୟାପ୍ତ ପରିମାଣର ନଥିଲା ବୋଲି ପାଇଲଟ୍ ଜାଣିବାକୁ ପାଇଥିଲେ। ଫଳରେ ବିମାନକୁ ଚେନ୍ନାଇ ବଦଳରେ ବେଙ୍ଗାଲୁରୁ ଯାଇଥିଲା। ଏହି ବିମାନରେ ୧୬୮ ଜଣ ଯାତ୍ରୀ ଥିଲେ। ବେଙ୍ଗାଲୁରୁ ବିମାନ ବନ୍ଦରରେ ଇନ୍ଧନ ଭରିବା ପରେ ଏହି ବିମାନ ଚେନ୍ନାଇ ଯାତ୍ରା କରିଥିଲା। ଏହି ପାଇଲଟ୍‌ଙ୍କୁ ବର୍ତ୍ତମାନ ପାଇଁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଉଲ୍ଲେଖଥାଉ କି, ମେଡେ ହେଉଛି ଏକ ଫ୍ରେଞ୍ଚ୍ ଶବ୍ଦ। ଏହାର ଅର୍ଥ ମୋତେ ବଞ୍ଚାଅ ବା ରକ୍ଷାକର।

## ଟ୍ରମ୍ପଙ୍କୁ ନୋବେଲ ପାଇଁ ପାକ୍ ଯୁକ୍ତି ପଛର ରହସ୍ୟ

ଇସଲାମାବାଦ, ୨୧।୬: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚଳିତ ବର୍ଷ ଲାଗି ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ଦାବି କରିଛି ପାକିସ୍ତାନ। ପାକିସ୍ତାନ ଏଭଳି ଦାବି କରୁଥିବାରୁ ଏହାର ସେନା ଅଧକ୍ଷ ଜେନେରାଲ ଅସିମ ମୁନିରଙ୍କୁ ହ୍ୱାଇଟ୍ ହାଉସ୍ ଡାକି ଟ୍ରମ୍ପ ମଧ୍ୟାହ୍ନ ଭୋଜନର ଆୟୋଜନ କରିବା ମଧ୍ୟ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମେ ଟ୍ରମ୍ପଙ୍କ ସପକ୍ଷରେ ଏଭଳି ଯୁକ୍ତି ରଖିଥିଲେ ଜେନେରାଲ ମୁନିର। ଏହାପରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମଧ୍ୟ ଯୁକ୍ତି କରିଛନ୍ତି। ଆଜି ପାକିସ୍ତାନ ସରକାର ଆଉ ଗୋଟିଏ ପାଦ ଆଗକୁ ଯାଇ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ଦିଆଯାଉ ବୋଲି ସୁପାରିସ କରିଛନ୍ତି।

ଏହାକୁ ନେଇ ପାକିସ୍ତାନ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାକିସ୍ତାନର ଅନେକ ପୂର୍ବତନ କୁଟନୀତିଜ୍ଞ ଏବଂ ସାମାଜିକ କର୍ମୀ ସରକାରଙ୍କର ଏଭଳି ଆଭିମୁଖ୍ୟର ତୀବ୍ର ସମାଲୋଚନା କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଗାଜାରେ ଇସ୍ରାଏଲ ଗଣହତ୍ୟା ଚଳାଇଛି ଏବଂ ଏହାକୁ ଟ୍ରମ୍ପ ଖୋଲାଖୋଲି ସମର୍ଥନ କରୁଛନ୍ତି। ପୂର୍ବରୁ ଗାଜା ନରସଂହାରକୁ ନିନ୍ଦା କରିଥିବା ପାକିସ୍ତାନ କିଭଳି ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୁକ୍ତି କରୁଛି। ପୁଣି ଇରାନ ଉପରେ ଇସ୍ରାଏଲର ଆକ୍ରମଣକୁ ମଧ୍ୟ ଟ୍ରମ୍ପ କେବଳ ସମର୍ଥନ କରୁନାହାନ୍ତି, ଇରାନ ଉପରେ ଆମେରିକା ଆକ୍ରମଣ କରିବ ବୋଲି କହୁଛନ୍ତି। ହିଂସା ଓ ନରସଂହାରରେ ବିଶ୍ୱାସ କରୁଥିବା ଜଣେ ରାଷ୍ଟ୍ର ନେତାଙ୍କୁ ନୋବେଲ ପୁରସ୍କାର ପାଇଁ ପାକିସ୍ତାନ ପ୍ରସ୍ତାବ ଦେବା ନିନ୍ଦନୀୟ ବୋଲି ସେମାନେ କହିଛନ୍ତି। ପୂର୍ବତନ କୂଟନୀତିଜ୍ଞ ତଥା ସାମାଜିକ କର୍ମୀ ମଲିହା ଲୋଧି ଏବଂ ସିନେଟର ଅଲ୍ଲମା ରଜା ନସିରଙ୍କ ସମେତ ଅନେକ ସାମାଜିକ କର୍ମୀ ଏଭଳି ମତ ପ୍ରକାଶ କରିଛନ୍ତି। ସେହିଭଳି ବିଶ୍ୱ ବିଦେଶ ନୀତି ବିଶେଷଜ୍ଞ



ଡେରେକ୍ ଗ୍ରସମ୍ୟାନ୍ କହିଛନ୍ତି ଯେ ବିଶ୍ୱ ଦରବାରରେ ପାକିସ୍ତାନର ଯାହା କିଛି ସମ୍ମାନ ଥିଲା, ତାହା ଏଭଳି ନୋବେଲ ଦାବି ଯୋଗୁଁ କ୍ଷୁଣ୍ଣ ହୋଇଛି।

ଅନ୍ୟପକ୍ଷରେ ପାକିସ୍ତାନ ସରକାରଙ୍କର ଯୁକ୍ତି ହେଉଛି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ମିଳିବା ଉଚିତ। ଟ୍ରମ୍ପ ମଧ୍ୟ ବାରମ୍ବାର କହି ଆସୁଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସେ ଅସ୍ତ୍ରବିରତି କରାଇଥିଲେ। କିନ୍ତୁ ସେ ଶ୍ରେୟ ନେବାକୁ ଚାହାନ୍ତି। ଅନ୍ୟପକ୍ଷରେ ଭାରତ ସରକାର କହିଆସୁଛନ୍ତି ଯେ ଅସ୍ତ୍ରବିରତିରେ ତାଙ୍କର କୌଣସି ଭୂମିକା ନାହିଁ। ପାକିସ୍ତାନୀ ସେନା ଅନୁରୋଧ କରିବାରୁ ଭାରତ ଅପେରସନ ସିନ୍ଦୂରକୁ ଅଟକାଇଛି। ତଥାପି ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଶ୍ରେୟ ନିଜ ଉପରକୁ ନେବା ଏବଂ ତାଙ୍କୁ ପାକିସ୍ତାନ ପ୍ରଶଂସା କରିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ କୁଟନୈତିକମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଅନେକ ବିଦେଶ ନୀତି ବିଶାରଦଙ୍କ ମତେରେ ପାକିସ୍ତାନର ଏଭଳି ଟ୍ରମ୍ପ ପ୍ରଶଂସା ପଛରେ ଭିନ୍ନ ଉଦ୍ଦେଶ୍ୟ ରହିଛି ଏବଂ ତାହା ହେଉଛି କଶ୍ମୀର ପ୍ରସଙ୍ଗ। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ପରେ ଟ୍ରମ୍ପ କହିଥିଲେ ଯେ କଶ୍ମୀର ବିବାଦର ସମାଧାନ କ୍ଷେତ୍ରରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ଟ୍ରମ୍ପଙ୍କ ଏହି ପ୍ରସ୍ତାବ କଶ୍ମୀର ବିବାଦକୁ ବିଶ୍ୱ ସ୍ତରକୁ ନେବାରେ ପାକିସ୍ତାନକୁ ଖୋରାକ ଯୋଗାଇଛି। ତେଣୁ ଭାରତକୁ ଅଡୁଆରେ ପକାଇବା ଲାଗି ପାକିସ୍ତାନ ଏହାକୁ ସୁବର୍ଣ୍ଣ ସୁଯୋଗ ବୋଲି ଧରିନେଇଛି। କେବଳ କଶ୍ମୀର ପ୍ରସଙ୍ଗକୁ ଜୀବନ୍ତ ରଖିବା ଲାଗି ଟ୍ରମ୍ପଙ୍କୁ ନୋବେଲ ପାଇଁ ସୁପାରିସ କରିବା ପଛରେ ଏହା ହେଉଛି ପାକିସ୍ତାନର ଅସଲି ଚାଲ ବୋଲି ସେମାନେ ମତ ଦେଇଛନ୍ତି।

## ଅହମଦାବାଦ୍ ଦୁର୍ଘଟଣା : ତିନି ଅଧିକାରୀଙ୍କୁ ହଟାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏକ କଡ଼ା ପଦକ୍ଷେପ ନେଇଛି। ଡିଜିସିଏ ଏୟାର ଇଣ୍ଡିଆର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଡିଜିସିଏ ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ ଚୂଡ଼ା ସିଂ, କ୍ରୁ ଶେଡଲିଂ କରୁଥିବା ଚିଫ୍ ମ୍ୟାନେଜର ପିଙ୍କି ମିତ୍ତଲ ଓ କ୍ରୁ ଶେଡ୍ଲିଂ ପ୍ଲାନିଂ କରୁଥିବା ପାୟଲ ଆରୋଡାଙ୍କୁ ଦାୟିତ୍ୱରୁ ହଟାଇଛି। ଆଭିଏସନ ସେଫ୍ଟି ପ୍ରୋଟୋକଲର ଗମ୍ଭୀର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ଡିଜିସିଏର ନିର୍ଦ୍ଦେଶକୁ ଯଥାଶୀଘ୍ର ଲାଗୁ କରାଯାଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏବେ କମ୍ପାନୀର ଚିଫ୍ ଅପରେସନାଲ ଅଧିକାରୀ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଇଣ୍ଟିଗ୍ରେଟେଡ ଅପରେସନ କଣ୍ଟ୍ରୋଲ ସେଣ୍ଟରର ଦାୟିତ୍ୱରେ ରହିବେ ବୋଲି କୁହାଯାଇଛି। ଶୁକ୍ରବାର ଏହି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ଜୁନ୍ ୧୨ରେ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିବା ଏଆଇ-୧୭୧ ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଫଳରେ ବିମାନ ଏକ ମେଡିକାଲ କଲେଜ ହଷ୍ଟେଲ୍ ଛାତରେ ମାଡ଼ ହୋଇଥିଲା। ଏଥିରେ ମୋଟ୍ ଉପରେ ୨୭୦ଜଣ ଲୋକ ପ୍ରାଣ ହରାଇଥିଲେ।

# ନଡ଼ିଆ ଷଢ଼େଇର କାରିଗର ଉଦ୍ୟୋଗୀ ମାରିଆ

ନଡ଼ିଆକୁ ଶୁଭ ଫଳ ବୋଲି କୁହାଯାଏ। ଏହାର ପ୍ରତ୍ୟେକ ଅଂଶର ଗୁରୁତ୍ୱ ରହିଛି। ସେହିପରି ନଡ଼ିଆ କତାରୁ ପାପୋଛ, ଘର ସାଜଉପକରଣ ଆଦି ପ୍ରସ୍ତୁତ କରାଯାଏ। ହେଲେ ଅଧିକାଂଶ ଲୋକେ ନଡ଼ିଆକୁ ବ୍ୟବହାର କରି ସାରିବା ପରେ ଏହାର ଷଢ଼େଇକୁ ଆବର୍ଜନା ତଥା ଅଦରକାରୀ କହି ଏଣେତେଣେ ଫୋପାଡ଼ି ଦିଅନ୍ତି, କିନ୍ତୁ ଏହି ଅଦରକାରୀ ଷଢ଼େଇକୁ ସଂଗ୍ରହ କରି ସେଥିରୁ ଭଳିକି ଭଳି ଘରକରଣା ଜିନିଷ ପ୍ରସ୍ତୁତ କରି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି, କେରଳର ମାରିଆ କୁରିୟାକୋସ। ସେ ଏହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାର ଦେଇଛନ୍ତି।






### ବ୍ୟବସାୟ ପ୍ରତି ଆଗ୍ରହ

ମାରିଆ କୁରିଆକୋସ କେରଳ ତ୍ରିଶୂରରେ ରୁହନ୍ତି। ସେ ୨୦୧୬ ମସିହାରେ ଅର୍ଥଶାସ୍ତ୍ରରେ ସ୍ନାତକ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ। ପାଠପଢ଼ା ପରେ ସେ ଏକ କର୍ପୋରେଟ୍ କମ୍ପାନୀରେ ଚାକିରି କରୁଥିଲେ; କିନ୍ତୁ ଚାକିରିରେ ତାଙ୍କୁ ସନ୍ତୋଷ ମିଳି ନ ଥିଲା। ସେ କିଛି ଭିନ୍ନ ତଥା ନୂଆ କରିବାକୁ ଚାହୁଁଥିଲେ। ଏଥିପାଇଁ ୨୦୧୯ ମସିହାରେ ଚାକିରି ଛାଡ଼ି ସେ ବ୍ୟବସାୟ କରିବାକୁ ଭାବିଥିଲେ। ଏ ନେଇ ବହୁ ଗବେଷଣା କରିଥିଲେ। ତ୍ରିଶୂରରେ ନଡ଼ିଆ ତେଲ ପ୍ରସ୍ତୁତ ହେଉଥିବା ମିଲ୍‌କୁ ସେ ବୁଲିବାକୁ ଯାଇଥିଲେ। ସେଠାରେ ନଡ଼ିଆରୁ ତେଲ ପ୍ରସ୍ତୁତ ପରେ ପଡ଼ି ରହୁଥିବା ଷଢ଼େଇକୁ ସେ ଦେଖିଥିଲେ। ସେହି ଷଢ଼େଇକୁ ଉପଯୋଗ କରି ସେଥିରୁ ଘରକରଣା ସହ ଘରସଜା ଉପକରଣ ତିଆରି କରିବାକୁ ସ୍ଥିର କରିଥିଲେ।

### ୨୦୧୯ ରେ ଆରମ୍ଭ 'ଥେଙ୍ଗା କୋକୋ'

ମଲୟାଲମରେ ଥେଙ୍ଗା ଶବ୍ଦର ଅର୍ଥ ନଡ଼ିଆ। ମାରିଆ କୁରିଆକୋସ ୨୦୧୯ ମସିହାରେ 'ଥେଙ୍ଗା କୋକୋ' ନାମରେ ଏକ ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ସେ ନଡ଼ିଆ ଷଢ଼େଇକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ପରବର୍ତ୍ତୀ ସମୟରେ ବହୁ ପରୀକ୍ଷା ନିରୀକ୍ଷା କରି ସେ ଷଢ଼େଇକୁ ଉପଯୋଗ କରି ରୋଷେଇ ସମାଗ୍ରୀ ଯଥା - କପ୍, ପିଠାଖଡ଼ିକା, ଡଙ୍କି, ଗିନା,ଥାଳି ଆଦି ପ୍ରସ୍ତୁତ କରିଥିଲେ। ଏଥିସହ ଗୃହ ସାଜପୋକରଣ ଫୁଲଦାନି, ଧୂପକାଠି ଦାନୀ, କଳସ, ମହମବତୀ, ଝୁମର୍ ଆଦି ଭଳିକି ଭଳି ଜିନିଷ ତିଆରି କରିଥିଲେ। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଏହି ଜିନିଷର ଚାହିଦା ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ସେ ଅନ୍ୟ ମହିଳାଙ୍କୁ ନିୟୋଜିତ କରି ସାମଗ୍ରୀ ପ୍ରସ୍ତୁତ କରିଥିଲେ।

### ପ୍ରାକୃତିକ ଜିନିଷରେ ତିଆରି


ମାରିଆ ନଡ଼ିଆ ଷଢ଼େଇରୁ ନିର୍ମିତ ଉତ୍ପାଦଗୁଡ଼ିକରେ କୌଣସି ରାସାୟନିକ ଜିନିଷ ବ୍ୟବହାର କରୁ ନ ଥିଲେ। ସେ କେବଳ ପ୍ରାକୃତିକ ପଦାର୍ଥ ବ୍ୟବହାର କରି ଏହି ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଷଢ଼େଇ ନିର୍ମିତ ଜିନିଷରେ ଚମକ ଆଣିବା ପାଇଁ ସେ ନଡ଼ିଆ ତେଲ ବ୍ୟବହାର କରିଥାନ୍ତି। ଏହାଦ୍ୱାରା ଜିନିଷ ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦିଶିଥାଏ। ସେ ପ୍ରଥମେ ଏହାକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲେ। ଦେଖୁ ଦେଖୁ ବ୍ୟବସାୟ ବୃଦ୍ଧି ହେଲା। ଏବେ ଥେଙ୍ଗା ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ପାଲଟିଛି।

### ବିଦେଶରେ ରହିଛି ଚାହିଦା

ନଡ଼ିଆ ଷଢ଼େଇରୁ ନିର୍ମିତ ଜିନିଷ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି। ସ୍ପେନ୍, ଡେନ୍‌ମାର୍କ, ଅଷ୍ଟ୍ରେଲିଆ, ବ୍ରିଟେନ୍ ଭଳି ଦେଶରେ ଏହି ବ୍ୟବସାୟ ଲୋକପ୍ରିୟ ହୋଇଛି। ଏବେ ଏହି କମ୍ପାନୀରେ ୪୦ରୁ ଅଧିକ ମହିଳା କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି।

# ଚଷମା ପିନ୍ଧୁଥିଲେ, ଏପରି କରନ୍ତୁ ମେକ୍‌ଅପ୍

ଅନେକ ମହିଳା ଆଖିକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ତଥା ଷ୍ଟାଇଲ୍ ପାଇଁ ଚଷମା ପିନ୍ଧିଥାନ୍ତି। ଅବଶ୍ୟ ଏହା ବ୍ୟକ୍ତିତ୍ୱକୁ ସୁନ୍ଦର କରିଥାଏ। ତେବେ ଚଷମା ପିନ୍ଧୁଥିବା ମହିଳାମାନେ ମେକ୍‌ଅପ୍ କରିବା ସମୟରେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।



### ଭ୍ରୂଲତା ପ୍ରତି ଧ୍ୟାନ ଦିଅନ୍ତୁ

ଭ୍ରୂଲତାରେ ପେନ୍‌ସିଲ୍ କିମ୍ବା ପାଉଡର୍ ଲଗାଇ ଏକ ଆକାର ଦିଅନ୍ତୁ। ଏହା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରି ଆଖିକୁ ଆକର୍ଷଣୀୟ କରିଥାଏ।

### ମ୍ୟାଟ୍ ଫାଉଣ୍ଡେସନ୍

ସାଧାରଣତଃ ଚଷମା ଲଗାଇଲେ ଏହା ନାକ ପାଖରେ ଅଟକି ଥାଏ। ଏହାଦ୍ୱାରା ଫାଉଣ୍ଡେସନ୍, କନ୍‌ସିଲର୍ ବାହାରି ଯିବାର ଆଶଙ୍କା ଥାଏ। ତେଣୁ ଏହାକୁ ରୋକିବା ପାଇଁ ହାଲୁକା ମ୍ୟାଟ୍ ଫାଉଣ୍ଡେସନ୍ ଲଗାଇପାରିବେ।

### ଆଖି ହାଇଲାଇଟ୍

ସେହିପରି ଚଷମା ଫ୍ରେମ୍ ଅନୁଯାୟୀ ଆଖି ମେକ୍‌ଅପ୍ କରିବା ଭଲ। ଫ୍ରେମ୍ ପତଳା ଥିଲେ ପତଳା ସେପ୍‌ରେ ଆଇ ଲାଇନର୍ ଲଗାନ୍ତୁ। ସେହିପରି ମୋଟା ଫ୍ରେମ୍ ଥିଲେ, ମୋଟା ଆଇଲାଇନର୍ ଲଗାଇପାରିବେ। ଏହା ଦ୍ୱାରା ଆଖି ବଡ଼ ଓ ସୁନ୍ଦର ଦିଶିଥାଏ।

### ବୋଲ୍ଡ ଲିପ୍‌ଷ୍ଟିକ୍

ଆଖି ମେକ୍‌ଅପ୍ କରିବାକୁ ଚାହୁଁ ନ ଥିଲେ, ଓଠରେ ବୋଲ୍ଡ ଲିପ୍‌ଷ୍ଟିକ୍ ଲଗାଇପାରିବେ। ଏହା ଦ୍ୱାରା ଲୁକ୍ ବାଲାନ୍ସ ହୋଇଥାଏ।

### ପ୍ରାଇମର୍ ସେଟିଙ୍ଗ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ପାଇଁ ଆଖି ପ୍ରାଇମର୍ ତଥା ସେଟିଙ୍ଗ ସ୍ପ୍ରେ ବ୍ୟବହାର କରିପାରିବେ।

# ଶୁଷ୍କ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୁଷ୍କ ତଥା ରୁକ୍ଷ ତ୍ୱଚାକୁ ସତେଜ କରିବା ପାଇଁ ମହିଳାମାନେ ଟୋନର୍ ଲଗାଇଥାନ୍ତି। କିନ୍ତୁ ବଜାରରେ ମିଳୁଥିବା ଟୋନର୍‌ରେ ବହୁ ରସାୟନିକ ଉପାଦାନ ରହିଥାଏ। ଏହା ତ୍ୱଚାକୁ କ୍ଷତି ପହଞ୍ଚାଇଥାଏ। ତେଣୁ ଚାହିଁଲେ ଘରେ ଥିବା ପ୍ରାକୃତିକ ଜିନିଷକୁ ଉପଯୋଗ କରି ଟୋନର୍ ପ୍ରସ୍ତୁତ କରିପାରିବେ। ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିବା ସହ ଚମକ ଆଣିଥାଏ। ଜାଣିବା ସେ ବିଷୟରେ...

### ଗୋଲାପ ଜଳ ଓ ଗ୍ଲିସେରିନ୍

ଗୋଲାପଜଳ ତ୍ୱଚାକୁ ଥଣ୍ଡା ରଖୁଥିବା ବେଳେ, ଗ୍ଲିସେରିନ୍ ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ। ତେଣୁ ଏହାକୁ ମିଶାଇ ଟୋନର୍ ପ୍ରସ୍ତୁତ କରିପାରିବେ। ଏଥିପାଇଁ ଗୋଟିଏ ପାତ୍ରରେ ତିନିଚାମଚ ଗୋଲାପଜଳ ଓ ଏକ ଚାମଚ ଗ୍ଲିସେରିନ୍ ମିଶାଇ ଏକ ବୋତଲରେ ରଖନ୍ତୁ। ଏହାକୁ ମୁହଁ ଧୋଇବା ପରେ ଲଗାନ୍ତୁ।

### କାକୁଡ଼ି – ଆଲୋଭେରା

କାକୁଡ଼ି, ଆଲୋଭେରା ତ୍ୱଚାକୁ ଥଣ୍ଡା ରଖିବା ସହ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ। ଏହି ଟୋନର ପ୍ରସ୍ତୁତ କରିବା ପାଇଁ ଫାଳେ କାକୁଡ଼ିକୁ ଗ୍ରେଟେଡ୍ କରି ସେଥିରେ ଦୁଇଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ। ଏହାକୁ ଫ୍ରିଜ୍‌ରେ ରଖି ତ୍ୱଚାରେ ଲଗାନ୍ତୁ।

### ଗ୍ରୀନ୍-ଟି ଓ ନିମ୍ବ ପତ୍ର

ଗ୍ରୀନ୍- ଟିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ସେହିପରି ନିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ। ତେଣୁ ଗୋଟିଏ ପାତ୍ରରେ ପାଣିଦେଇ ସେଥିରେ ଗ୍ରୀନ୍ ଟି ଓ ନିମ୍ବପତ୍ର ପକାଇ ଫୁଟାନ୍ତୁ। ଥଣ୍ଡା ହୋଇଯିବା ପରେ ଗୋଟିଏ ବୋତଲକୁ ଢାଳି ଦିଅନ୍ତୁ। ଏହାକୁ ପ୍ରତିଦିନ ତ୍ୱଚାରେ ଲଗାନ୍ତୁ।





# କକ୍‌ଟେଲ୍ ରିଙ୍ଗ୍


ମହିଳାମାନେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି। ସମୟନୁସାରେ ଏଥିରେ ଭିନ୍ନତା ଦେଖିବାକୁ ମିଳିଥାଏ। ସେହିପରି ଏବେ ଟ୍ରେଣ୍ଡରେ ରହିଛି କକ୍‌ଟେଲ୍ ରିଙ୍ଗ୍। ଏଥିରେ ଉଭୟ ଆଧୁନିକ ଓ ପାରମ୍ପରିକ ଟଚ୍ ରହିଛି। ଏବର ମହିଳାଙ୍କ ମଧ୍ୟରେ ଏହି ରିଙ୍ଗ୍‌ର ଖୁବ୍ ଚାହିଦା ରହିଛି। ଜାଣିବା ସେ ବିଷୟରେ...



- ବର୍ତ୍ତମାନ ସମୟରେ କକ୍‌ଟେଲ୍ ରିଙ୍ଗ୍ ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହା ବଜେଟ୍ ଅନୁସାରେ ଭିନ୍ନ ଡିଜାଇନର ମିଳିଥାଏ। ନିଜ ଲୁକ୍‌ରେ ସାମାନ୍ୟ ପରିବର୍ତ୍ତନ ଆଣିବାକୁ ଚାହୁଁଥିଲେ, ଏହି ରିଙ୍ଗ୍ ପିନ୍ଧିପାରିବେ।
- ସେହିପରି ରୟାଲ୍ କକ୍‌ଟେଲ୍ ରିଙ୍ଗ୍ ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ମାନିଥାଏ। ସେହିପରି କାଜୁଆଲ୍ ଆଉଟ୍‌ଫିଟ୍‌ରେ ଏହାକୁ କ୍ୟାରି କଲେ ଏକ ବୋଲ୍ଡ ଲୁକ୍ ମିଳିଥାଏ।
- ଟ୍ରାଇବାଲ୍ କକ୍‌ଟେଲ୍ ରିଙ୍ଗ୍‌କୁ ସମସ୍ତେ ପିନ୍ଧିପାରିବେ। କାଜୁଆଲ୍ ଲୁକ୍‌କୁ ଏହି ଡିଜାଇନ୍ ଭଲ ମାନିଥାଏ। ଅଫିସିଆଲ୍ ଲୁକ୍‌ରେ ନିଜକୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ।

# ଶରୀର ଦୁର୍ଗନ୍ଧ ହେଉଥିଲେ...

ବର୍ଷାଦିନେ ଆର୍ଦ୍ରତା ଯୋଗୁଁ ଝାଳ ଅଧିକ ବୋହିଥାଏ। ଫଳରେ ଦେହରୁ ଦୁର୍ଗନ୍ଧ ବାହାରେ। ତେବେ ଏହି ଝାଳ ଦୁର୍ଗନ୍ଧରୁ ରକ୍ଷା ପାଇବା ପାଇଁ କେତେକ ଘରୋଇ ଉପାୟକୁ ଆପଣାଇପାରିବେ।



- ଶରୀର ଦୁର୍ଗନ୍ଧ ଦୂର କରିବାର ସୁବଠୁ ଭଲ ଉପାୟ ହେଉଛି, ଗୋଲାପ ଜଳ। ଗୋଧାଇବା ପାଣିରେ ଗୋଲାପ ଜଳ ମିଶାନ୍ତୁ। ଏହା ଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହେବ।
- ଶରୀରର ଯେଉଁ ଅଂଶରୁ ଦୁର୍ଗନ୍ଧ ଆସୁଛି, ସେହି ସ୍ଥାନରେ ଆଳୁକୁ ବ୍ୟବହାର କରିପାରିବେ। ଆଳୁକୁ କାଟି ଶରୀର ଦୁର୍ଗନ୍ଧ ହେଉଥିବା ସ୍ଥାନରେ ଘଷିଲେ ସମସ୍ୟା ଦୂର ହୁଏ।
- ଗାଧୋଇବା ପାଣିରେ ଫିଟିକିରି ମିଶାଇପାରିବେ। ଏଥିରେ କିଛି ପୋଦିନା ପତ୍ର ମଧ୍ୟ ବାଟି ପକାଇପାରିବେ।
- ଗୋଲାପ ଜଳରେ ଟି-ଟ୍ରି ଅଏଲ୍ ମିଶାଇ କାଖରେ ଲଗାଇଲେ ଦୁର୍ଗନ୍ଧ ବାହାରି ନ ଥାଏ।
- ସେହିପରି ବେକିଂ ସୋଡାରେ ପାଣି ମିଶାଇ ସେଥିରେ ଲେମ୍ବୁ ରସ ମିଶାନ୍ତୁ। ଦଶ ମିନିଟ୍ ପର୍ଯ୍ୟନ୍ତ କାଖରେ ଲଗାଇ ଧୋଇ ଦିଅନ୍ତୁ। ଝାଳ ଦୁର୍ଗନ୍ଧ ଦୂର ହେବ।

# ଅର୍ଗାନିକ ହେୟାର୍ କଲର୍‌ର ଫାଇଦା



ଅଧିକାଂଶ ମହିଳା ବଜାରର ମିଳୁଥିବା ରଙ୍ଗକୁ ବ୍ୟବହାର କରି ହେୟାର୍ କଲର୍ କରିଥାନ୍ତି। ହେଲେ ଏଥିରେ ଅଧିକ ମାତ୍ରାରେ ଆମୋନିଆ, ପେରକ୍ସାଇଡ୍ ଭଳି ରସାୟନ ରହିଥାଏ। ଯାହା କେଶକୁ ଦୁର୍ବଳ ଓ ରୁକ୍ଷ କରିଥାଏ; କିନ୍ତୁ ପ୍ରାକୃତିକ ରଙ୍ଗରେ କୌଣସି ପ୍ରକାର ରସାୟନ ନଥାଏ। ଏହା କେଶକୁ ମଜଭୁତ କରି କେଶଝଡ଼ା ରୋକିଥାଏ।

- ପ୍ରାକୃତିକ ରଙ୍ଗରେ ଅଁଳା, ମେହେନ୍ଦୀ ଭଳି ତତ୍ତ୍ୱ ରହିଥାଏ। ଏହା କେଶକୁ ରଙ୍ଗିନ୍ କରିବା ସହ ପୋଷଣ ଦେଇଥାଏ। ଏହା ଦ୍ୱାରା କେଶ ମଜଭୂତ ରହିଥାଏ।
- ରସାୟନିକ ରଙ୍ଗ ଦ୍ୱାରା ଅନେକ ସମୟରେ କେଶମୂଳ କୁଣ୍ଡାଇ ହୋଇଥାଏ; କିନ୍ତୁ ପ୍ରାକୃତିକ ରଙ୍ଗ ନରମ ହୋଇଥାଏ। ଏହା କେଶମୂଳକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।
- ଏହା କହରା କେଶରେ ପ୍ରାକୃତିକ ଚମକ ଆଣିଥାଏ। ଏହା କେଶକୁ ଘନକଳା ଓ ମଜଭୂତ କରିଥାଏ।
- ପ୍ରାକୃତିକ ରଙ୍ଗ ସର୍ବଦା ପରିବେଶ ଅନୁକୂଳ ହୋଇଥାଏ। ତେଣୁ ଏହା କେଶକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ।

ମୋ ହାଣ୍ଡିଶାଳରୁ...

# ଅଣ୍ଡା କୋର୍‌ମା

### ଆବଶ୍ୟକ ସାମଗ୍ରୀ

ସିଝା ଅଣ୍ଡା - ଚାରୋଟି, କଟା ପିଆଜ - ଏକ କପ୍, ଅଦାରସୁଣ ପେଷ୍ଟ -ଏକ ଚାମଚ, କାଜୁ - ଚାରି, ପାଞ୍ଚଟି, ଦହି - ଅଧା କପ୍, ହଳଦୀ ଗୁଣ୍ଡ - ଏକ ଚାମଚ, ଲଙ୍କା ଗୁଣ୍ଡ - ଏକ ଚାମଚ, ଜିରା ଗୁଣ୍ଡ - ଏକ ଚାମଚ, ଧନିଆଗୁଣ୍ଡ- ଏକ ଚମଚା, ଗରମମସଲା- ଏକ ଚାମଚ, ଡାଲଚିନି - ଛୋଟ ଖଣ୍ଡେ, ଜିରା - ଅଳ୍ପ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ। ଏହାପରେ କଟା ପିଆଜ ଦେଇ ଭାଜନ୍ତୁ। ପିଆଜ ନାଲି ହୋଇଯିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଜାର୍‌ରେ ପିଆଜ, କାଜୁ, କଞ୍ଚାଲଙ୍କା, ଦହି ଦେଇ ବାଟନ୍ତୁ। ଏହାପରେ ଚୁଲାରେ କଡ଼େଇ ବସେଇ ତେଲ ଦେଇ ହଳଦୀ, ଲଙ୍କା ଗୁଣ୍ଡ ପକାଇ ସିଝାଅଣ୍ଡା ଭାଜନ୍ତୁ। ଭାଜି ହୋଇଯିବା ପରେ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ସେହି କଡ଼େଇରେ ଅଳ୍ପ ତେଲ ଦେଇ ଡାଲଚିନି, ଜିରା, ଅଦାରସୁଣ ପେଷ୍ଟ ପକାଇ ଲଙ୍କା, ହଳଦୀ, ଜିରା ଗୁଣ୍ଡ ପକାନ୍ତୁ। ଏହାପରେ ବାଟି ରଖିଥିବା ମସଲା ଦେଇ କଷନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ଆବଶ୍ୟକ ଅନୁସାରେ ଲୁଣ ମିଶାଇ କିଛି ସମୟ ଘୋଡ଼ାଇ ଦିଅନ୍ତୁ। ଏହାପରେ ଭଜା ଅଣ୍ଡା ଦେଇ ଅଳ୍ପ ସମୟ ଘୋଡ଼େଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା କୋର୍‌ମା'।





# କ୍ରୀଡ଼ା





■ ୯ ବର୍ଷରୁ କମ୍ ଜାତୀୟ ଚେସ୍

## ଓଡ଼ିଶାର ସାତ୍ତ୍ୱିକ ଚାମ୍ପିଅନ

**ଭୁବନେଶ୍ୱର, ୨୧।୬ (ସମିସ):** ଓଡ଼ିଶାର କୁନି ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗୁରୁଗ୍ରାମରେ ଅନୁଷ୍ଠିତ ୯ ବର୍ଷରୁ କମ୍ ଜାତୀୟ ଓପନ୍ ଚେସ୍ ପ୍ରତିଯୋଗିତାର ୩୮ତମ ସଂସ୍କରଣରେ ସାତ୍ତ୍ୱିକ ଟାଇଟଲ୍ ଜିତିଛନ୍ତି। ସେ ୧୦ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖନୀୟ କଥା ହେଉଛି, ସାତ୍ତ୍ୱିକ ଏଥିପୂର୍ବରୁ ୨୦୨୪ରେ ଇଟାଲୀରେ ଅନୁଷ୍ଠିତ ୮ ବର୍ଷରୁ କମ୍ ବିଶ୍ୱ ଚାମ୍ପିଅନସିପ୍‌ରେ ରୌପ୍ୟ ସଫଳତା ପାଇଥିଲେ। ବର୍ତ୍ତମାନ ତାଙ୍କର ରେଟିଂ ୧୮୭୫ ରହିଛି। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି ତାଙ୍କ ବାପା ସମ୍ବିତ ସ୍ୱାଇଁ, ମାଆ ସୋନମ ସ୍ୱାଇଁ ଓ ସାନ ଭାଇ ରିଦ୍ଧିକଙ୍କ ସମେତ ପରିବାରରେ ଖୁସିର ଲହରି ଖେଳିଯାଇଛି।



## ଭାରତୀୟ ପୁରୁଷ ଓ ମହିଳା ହକିର ପରାଜୟ ଧାରା ଜାରି

**ଅନ୍ତୱର୍ପ, ୨୧।୬ (ଏଜେନ୍ସି):** ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୟୁରୋପ୍ ଗସ୍ତରେ ପରାଜୟ ଧାରା ଜାରି ରଖିଛନ୍ତି। ଶନିବାର ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବେଲ୍‌ଜିୟମ ନିକଟରୁ ପରାଜୟର ସମ୍ମୁଖୀନ ହୋଇଥିଲେ। ୟୁରୋପ୍ ପର୍ଯ୍ୟାୟରେ ଭାରତୀୟ ପୁରୁଷ ଦଳର ଏହା କ୍ରମାଗତ ୭ମ ପରାଜୟ ଥିଲା। ସେହିଭଳି ମହିଳା ଦଳ କ୍ରମାଗତ ୫ଟି ମ୍ୟାଚରେ ହାରିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ବିଭାଗରେ ଶନିବାର ରାତିରେ ଭାରତ ୩-୬ ଗୋଲ୍‌ରେ ବେଲ୍‌ଜିୟମ ନିକଟରୁ ମ୍ୟାଚ୍ ହାରିଯାଇଥିଲା। ଭାରତ ପକ୍ଷରୁ ଅମିତ୍ ରୋହିଦାସ, ମନଦୀପ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଚଳିତ ପ୍ରୋ ଲିଗ୍‌ରେ ଭାରତର ଏହା ୧୫ତମ ମ୍ୟାଚରୁ ୧୦ମ ପରାଜୟ ଥିଲା। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ମଧ୍ୟ ୧-୫ ଗୋଲ୍‌ରେ ଶକ୍ତିଶାଳୀ ବେଲ୍‌ଜିୟମ ନିକଟରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଦୀପିକା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଚଳିତ ୟୁରୋପ ଲେଗ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ୫ମ ପରଜାୟ। ଏଥିପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ନିକଟରୁ ଦୁଇଥର ଲେଖାଏ ପରାସ୍ତ ହୋଇଥିଲା।

## କିଟ୍‌ରେ ଯୋଗଦିବସ ପାଳିତ



**ଭୁବନେଶ୍ୱର, ୨୧।୬ (ସମିସ):** ଏଗାରତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମେନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଯୋଗର ଉପକାରିତା ଉପରେ ମତ ରଖିଥିଲେ। ଏଥିସହ ନିରନ୍ତର ଯୋଗ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍‌ର ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ଯୋଗିକ ସାଇନ୍ସର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବରିଷ୍ଠ କର୍ମକର୍ତ୍ତା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସରଣଜିତ୍ ସିଂହ, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

ଲିଡ୍ସ ଟେଷ୍ଟ ୨ୟ ଦିନ

# ପନ୍ତଙ୍କ ଶତକ ସତ୍ତ୍ୱେ ଭାରତ ୪୭୧ରେ ସୀମିତ

**ଲିଡ୍ସ, ୨୧।୬ (ଏଜେନ୍ସି):**

ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦ୍ୱିତୀୟ ଦିବସରେ ୱିକେଟ୍‌କିପର ଋଷଭ ପନ୍ତ ଦମ୍‌ଦାର ଶତକୀୟ ପାଳି ଖେଳିବାରୁ ଭାରତର ସ୍କୋର ୪୫୦ ରନ ଅତିକ୍ରମ କରିଥିଲା। ଭାରତୀୟ ପାଳିରେ ଏହା ୩ୟ ଶତକ ଥିଲା। ପୂର୍ବରୁ ପ୍ରଥମ ଦିବସରେ ଅଧିନାୟକ ଶୁବମନ ଗିଲ୍ ଓ ଓପନର୍ ଯଶସ୍ୱୀ ଜୟସ୍ୱାଲ ରନର ଶତକୀୟ ପାଳି ଖେଳିଥିଲେ।

### ଓଲି ପୋପ୍‌ଙ୍କ ଶତକ

ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଇଂଲଣ୍ଡ ଶନିବାର ଷ୍ଟମ୍ପସ୍ ସୁଦ୍ଧା ୪୯ ଓଭରରେ ୩ ୱିକେଟ୍ ହରାଇ ୨୦୯ ରନ କରି ଦୃଢ଼ ଜବାବ ଦେଇଛି। ଓଲି ପୋପ୍ ୧୦୦ ଓ ହ୍ୟାରି ବ୍ରୁକ୍ କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ପାଳିର ପ୍ରଥମ ଓଭରରେ ଓପନର୍ ଜାକ୍ କ୍ରଲୀ ୪ ଏବଂ ପରେ ବେନ୍ ଡକେଟ ୬୨ ଓ ଜୋ ରୁଟ୍ ୨୮ ରନ କରି ଆଉଟ୍ ହୋଇଛନ୍ତି। ବୁମ୍‌ରାଙ୍କୁ ୩ଟି ଯାକ ୱିକେଟ୍ ମିଳିଛି। ଇଂଲଣ୍ଡ ଆହୁରି ୨୬୨ ରନ୍ ପଛରେ ରହିଛି।

### ୪୧ ରନରେ ଶେଷ ୭ ୱିକେଟ୍

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୫୯/୩ରୁ ଶନିବାର ଭାରତ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର୍ ଅଧିନାୟକ ଗିଲ୍ ୧୨୭ ଓ ପନ୍ତ ୬୫ ରନରୁ ଆଜି ସକାଳେ ସତର୍କତାର ସହ ବ୍ୟାଟିଂ କରିଥିଲେ। ତେବେ ଅଧିନାୟକ ଗିଲ୍ ନିଜ ସ୍କୋରରେ ଆଉ ୨୦ ରନ ଯୋଡ଼ି ସ୍ପିନର ସୋଏବ ବସିରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ୧୪୭ ରନର ପାଳିରେ ସେ ୧୯ ଚୌକା ଓ ଗୋଟିଏ ଛକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ପନ୍ତଙ୍କ ସହ ୪ର୍ଥ ୱିକେଟ୍‌ରେ ଗିଲ୍ ୨୦୯ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା କରୁନ ନାୟାର ସମ୍ପୂର୍ଣ୍ଣ ନିରାଶ କରିଥିଲେ। ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଟେଷ୍ଟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା କରୁନ ଖାତା ଖୋଲିବା ପୂର୍ବରୁ ବେନ୍ ଷ୍ଟୋକ୍‌ଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ପରେ ପରେ ପନ୍ତ ମଧ୍ୟ ୧୩୪ ରନ କରି



ଚାରୋଟି ଲେଖାଏଁ ୱିକେଟ୍ ନେଇଥିବା ଇଂଲଣ୍ଡର ଜୋଶ ଟଙ୍ଗ୍ ଓ ବେନ୍ ଷ୍ଟୋକ୍

ଦ୍ରୁତ ବୋଲର ଜୋଶ ଟଙ୍ଗ୍‌ଙ୍କ ପ୍ରଥମ ଶିକାର ବନିଥିଲେ। ପନ୍ତ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ୬ ଛକା ମାରିଥିଲେ। ଏହାପରେ ଭାରତୀୟ ନିମ୍ନକ୍ରମର ବ୍ୟାଟିଂ ବିଫଳତା ଯୋଗୁ ଦଳ ୪୭୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୧୧, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ୧ ରନ ଲେଖାଏ କରିଥିବାବେଳେ ବୁମ୍‌ରା ଖାତା ଖୋଲିପାରି ନ ଥିଲେ। ମହମ୍ମଦ ସିରାଜ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଷ୍ଟୋକ୍ ଓ ଟଙ୍ଗ ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏକଦା ୪୩୦ ରନରେ ୩ ୱିକେଟ୍ ହରାଇଥିବା ଭାରତ ପରବର୍ତ୍ତୀ ୪୧ ରନରେ ଶେଷ ୭ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇଥିଲା। ଫଳରେ ୫୦୦ ରନ ଅତିକ୍ରମ କରିବାର ସୁଯୋଗକୁ ଦଳ ହାତଛଡ଼ା କରିଥିଲା। ସେହିଭଳି ଟେଷ୍ଟ ମ୍ୟାଚର ଗୋଟିଏ ପାଳିରେ ୩ଟି ଶତକ ସହ ସର୍ବନିମ୍ନ ଦଳୀୟ ସ୍କୋର କରିବାରେ ଏହା ଏକ ଅଲୋଡ଼ା ରେକର୍ଡ ହୋଇଛି। ପୂର୍ବରୁ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୩ଜଣ ବ୍ୟାଟର୍‌ଙ୍କ ଶତକ ସତ୍ତ୍ୱେ ୪୭୫ ରନରେ ସୀମିତ ରହିଥିଲା।

### ୧୪୮ ବର୍ଷ ଟେଷ୍ଟ ଇତିହାସରେ ପ୍ରଥମ

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ପାଳିରେ ଭାରତ ୪୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଭାରତୀୟ ପାଳିରେ ୩ଟି ଶତକ ଦେଖିବାକୁ ମିଳିଥିଲା। ଅଧିନାୟକ ଗିଲ୍ ସର୍ବାଧିକ ୧୪୭ ରନ କରିଥିବାବେଳେ ଉପ-ଅଧିନାୟକ ଋଷଭ ପନ୍ତ ୧୩୪ ରନର ପାଳି ଖେଳିଥିଲେ। ସେହିଭଳି ଓପନର୍ ଯଶସ୍ୱୀ ଜୟସ୍ୱାଲ ମଧ୍ୟ ୧୦୧ ରନ କରିଥିଲେ। ତେବେ ଟେଷ୍ଟ କ୍ରିକେଟ୍‌ର ୧୪୮ ବର୍ଷ ଇତିହାସରେ ପ୍ରଥମଥର ଲାଗି ଏକବିରଳ ଘଟଣା ଦେଖିବାକୁ ମିଳିଛି। ଟେଷ୍ଟ କ୍ରିକେଟ୍‌ରେ ପ୍ରଥମଥର ଲାଗି ଅଧିନାୟକ ଓ ଉପ-ଅଧିନାୟକ ଭାବେ ପଦାର୍ପଣ କରି ପ୍ରଥମ ପାଳିରେ ଶତକ ହାସଲ କରିବାରେ ଉଭୟ ଗିଲ୍ ଓ ପନ୍ତ ପ୍ରଥମ ଅଧିନାୟକ ଓ ଉପ-ଅଧିନାୟକ ଯୋଡ଼ି ହୋଇଛନ୍ତି। ଗିଲ୍ ଓ ପନ୍ତ ପ୍ରଥମଥର ଲାଗି ଯଥାକ୍ରମେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଓ ଉପ-ଅଧିନାୟକ ଭାର ଏହି ଟେଷ୍ଟରେ ସମ୍ଭାଳିଛନ୍ତି।

### ଶତକରେ ଧୋନିଙ୍କୁ ଟପିଲେ ଋଷଭ



ଶତକୀୟ ପାଳି ଅବସରରେ ଭାରତୀୟ ୱିକେଟ୍‌କିପର ଋଷଭ ପନ୍ତ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ପନ୍ତଙ୍କ ଏହା ୭ମ ଶତକ ଥିଲା। ଏଥିସହ ଭାରତୀୟ ୱିକେଟ୍‌କିପର ଭାବେ ଟେଷ୍ଟରେ ସର୍ବାଧିକ ଶତକ ଅର୍ଜନ କରିବାର ପନ୍ତ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ପଛରେ ପକାଇଦେଇଛନ୍ତି। ଧୋନି ୯୦ ଟେଷ୍ଟ ଖେଳି ୬ ଶତକ ଓ ୩୩ ଅର୍ଦ୍ଧଶତକ ହାସଲ କରିଥିଲେ। ପନ୍ତ କିନ୍ତୁ ନିଜର ୪୪ତମ ଟେଷ୍ଟ ମ୍ୟାଚରେ ୭ମ ଶତକ ଅର୍ଜନ କରିଛନ୍ତି। ଏଥିସହ ସେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ଭାରତୀୟ ୱିକେଟ୍‌କିପର ହୋଇଛନ୍ତି। ଏହି ତାଲିକାରେ ପନ୍ତ ଓ ଧୋନିଙ୍କ ପଛକୁ ଋଦ୍ଧିମାନ ଶାହ (୩ଟି ଶତକ) ୩ୟ ସ୍ଥାନରେ ରହିଛନ୍ତି। ବିଶ୍ୱରେ ଟେଷ୍ଟରେ ସର୍ବାଧିକ ଶତକ ହାସଲକାରୀ ୱିକେଟ୍‌କିପର ଭାବେ ଅଷ୍ଟ୍ରେଲିଆର ଆଦାମ ଗିଲ୍‌ଖ୍ରୀଷ୍ଟ ଶୀର୍ଷରେ ରହିଛନ୍ତି। ସେ ୧୭ଟି ଟେଷ୍ଟ ଶତକ ହାସଲ କରିଥିଲେ। ଆଣ୍ଡି ଫ୍ଲାୱାର (୧୨), ଲିସ୍ ଆମିସ୍ (୮), ଏବି ଡି ଭିଲର୍ସ (୬), ମ୍ୟାଟ୍ ପ୍ରାୟର (୭), କୁମାର ସାଙ୍ଗାକାରା (୭), ବିଜେ ୱାଟଲିଂ (୭) ଓ ପନ୍ତ (୭) ତାଲିକାରେ ପଛକୁ ସ୍ଥାନ ପାଇଛନ୍ତି।

## ଜୁନ ୨୩ରେ ଆଇଓସି ପାଳନ କରିବ ‘ଲେଟ୍ସ ମୁଭ୍’

**ଭୁବନେଶ୍ୱର, ୨୧।୬ (ସମିସ):** ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଓ ରିଲାଏନ୍ସ ଫାଉଣ୍ଡେସନ ସହ ସହଭାଗୀତାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ବିଶ୍ୱସ୍ତରୀୟ ଅଭିଯାନ ‘ଲେଟ୍ସ ମୁଭ’ ଜୁନ ୨୩ରେ ଭାରତରେ ପାଳିତ ହେବ। ଏହି ଦିନ ଅଲିମ୍ପିକ ଦିବସ ପଡୁଥିବାବେଳେ ଲେଟ୍ସ ମୁଭର ନୂତନ ସଂସ୍କରଣ ‘ଲେଟ୍ସ ମୁଭ +୧’ ସାରା ଦେଶରେ ପାଳନ କରାଯିବ। ସାରା




ଦେଶର ଲୋକମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ବୃଦ୍ଧି ପାଇଁ କ୍ରୀଡ଼ାର ଶକ୍ତିକୁ ଅନୁଭବ କରିବା ଏବର୍ଷର ବିଷୟବସ୍ତୁ ରହିଛି। ଅଲିମ୍ପିକ ମୂଲ୍ୟବୋଧର ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଅଂଶ ଭାବରେ ସାରା ଦେଶର ସ୍କୁଲଗୁଡ଼ିକୁ ଏହି ଆନ୍ଦୋଳନରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି। ୧୪୫୦ ସ୍କୁଲର ପିଲା ଏଥିରେ ଭାଗନେଇ ଅଲିମ୍ପିଆନ ତଥା ପ୍ରସିଦ୍ଧ ତୀରନ୍ଦାଜ ଅତନୁ ଦାସ ଓ ଦୀପିକା କୁମାରୀଙ୍କ ସହ ଭାବବିନିମୟ କରିବାର ସୁଯୋଗ ପାଇବେ। ସେହିଭଳି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ରହିଥିବା ଓଡ଼ିଶା, ଆସାମ, ଚଣ୍ଡିଗଡ଼ରେ ଏଥର ୧୨ ନିୟୁତରୁ ଊର୍ଦ୍ଧ୍ୱ ସ୍କୁଲ ପିଲା ଭାଗନେବେ ବୋଲି ଆଶା କରାଯାଉଛି। ଏହି ଅବସରରେ ୨୦୦୮ ବେଜିଂ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା କହିଛନ୍ତି, ‘ଚଣ୍ଡିଗଡ଼, ଓଡ଼ିଶା ଓ ଆସାମରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଭାରତରେ ପ୍ରଥମଥର ‘ଲେଟ୍ସ ମୁଭ’ ଅଭିଯାନ ମାଧ୍ୟମରେ ଆମେ ଲକ୍ଷ୍ୟ ରଖିଛୁ କ୍ରୀଡ଼ା ଜରିଆରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା, ଉନ୍ନତି ଓ ସଶକ୍ତ କରିପାରିବୁ।

## ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ନୀରଜଙ୍କ ବାଜିମାତ୍

### ୮୮.୧୬ମିଟର ସହ ବର୍ଷର ପ୍ରଥମ ମେଜର୍ ଟାଇଟଲ୍

**ପ୍ୟାରିସ୍, ୨୧।୬ (ଏଜେନ୍ସି):** ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ବାଜି ମାରିଛନ୍ତି। ୨୭ ବର୍ଷୀୟ ନୀରଜ ପ୍ରଥମ ରାଉଣ୍ଡରେ ୮୮.୧୬ ମିଟର ଜାଭେଲିନ୍ ଫିଙ୍ଗି ବିଜୟ ସୁନିଶ୍ଚିତ କରିଥିଲେ। ସେ ଜର୍ମାନୀର ଜିଲିଆନ ୱେବରଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ୱେବେର ୮୭.୮୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଜାଭେଲିନ ଥ୍ରୋ ପ୍ରତିଯୋଗିତାରେ ବ୍ରାଜିଲର ଲୁଇଜ୍ ମୌରିସିଓ ଡି ସିଲ୍‌ଭା ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ମେ ୧୬ରେ ଅନୁଷ୍ଠିତ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟରରେ ପ୍ରଥମଥର ପାଇଁ ୯୦ମି ପାର କରିଥିଲେ। ଏଥିରେ ସେ ୯୦.୨୩ ମିଟର ଥ୍ରୋ କରିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୱେବର ୯୧.୦୬ ମିଟର ଥ୍ରୋ କରି ପ୍ରଥମ ସ୍ଥାନରେ ରହିଥିଲେ। ଏବେ ପ୍ୟାରିସରେ ୱେବରଙ୍କଠାରୁ ନୀରଜ ମଧୁର ପ୍ରତିଶୋଧ ନେଇଛନ୍ତି। ଏଥିସହ ସେ ଚଳିତ ବର୍ଷ ପ୍ରଥମଥର ପାଇଁ କୌଣସି ମେଜର ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପୁଣି ଗତ ଦୁଇବର୍ଷ ମଧ୍ୟରେ ନୀରଜ ପ୍ରଥମଥର ପାଇଁ ଡାଏମଣ୍ଡ ଲିଗ୍‌ରେ ବିଜୟ ହାସଲ କରିଛନ୍ତି।




### ୩ଟି ପ୍ରୟାସ ଫାଉଲ ଥିଲା

ପ୍ୟାରିସ୍‌ରେ ୬ଟି ଥ୍ରୋରୁ ନୀରଜଙ୍କ ୩ଟି ଫାଉଲ୍ ଥିଲା। ସେ ପ୍ରଥମ ଥ୍ରୋରେ ହିଁ ୮୮.୧୬ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ୮୫.୧୦ ମିଟର ଥ୍ରୋ କରିଥିଲେ। ଏହାପରେ ତୃତୀୟ, ଚତୁର୍ଥ ଓ ୫ମ ରାଉଣ୍ଡ ଥ୍ରୋ ଫାଉଲ ଥିଲା। ଅନ୍ତିମ ତଥା ଷଷ୍ଠ ପ୍ରୟାସରେ ସେ ୮୨.୮୯ ମିଟର ଥ୍ରୋ କରିଥିଲେ। ଡାଇମଣ୍ଡ ଲିଗ୍‌ରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ୨୦୨୨ରେ ସେ ଚାମ୍ପିଅନ, ୨୦୨୩ ଓ ୨୦୨୪ରେ ରନର୍ସଅପ୍ ହୋଇଥିଲେ। ବେଙ୍ଗାଲୁରୁରେ ଜୁଲାଇ ୫ରେ ଆୟୋଜନ ହେବାକୁ ଯାଉଥିବା ନୀରଜ ଚୋପ୍ରା କ୍ଲାସିକ୍ ଭାଲେଲିନ୍ ଥ୍ରୋରେ ସେ ଅଂଶଗ୍ରହଣ କରିବେ।

ଗଲ୍‌ରେ ସାଣ୍ଟୋଙ୍କ ଦ୍ୱିତୀୟ ଶତକ

# ମାଥ୍ୟୁସଙ୍କ ବିଦାୟୀ ଟେଷ୍ଟ ଅମୀମାଂସିତ

**ଗଲ୍, ୨୧।୬ (ଏଜେନ୍ସି):**

ଗଲ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ରହିଛି। ଟସ୍ ଜିତି ବାଂଲାଦେଶ ପ୍ରଥମ ଇନିଂସରେ ୧୫୩. ୪ ଓଭରରେ ୪୯୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୩୧.୨ ଓଭରରେ ୪୮୫ ରନକରି ଆଉଟ ହୋଇ ୧୦ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ପଞ୍ଚମ ଦିବସରେ ୮୭ ଓଭରରେ ୬ ୱିକେଟ ହରାଇ ୨୮୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୨୯୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ମ୍ୟାଚ୍ ଶେଷ ହେବା ବେଳକୁ ୩୨ ଓଭରରେ ୪ ୱିକେଟ ହରାଇ ୭୨ ରନ ସଂଗ୍ରହ କରିଥିଲା। କାମିନ୍ଦୁ ମେଣ୍ଡିସ୍ ଓ ଅଧିନାୟକ ଧନଞ୍ଜୟ ଡିସିଲ୍‌ଭା ୧୨ ଲେଖାଏ ରନ୍ କରି ଅପରାଜିତ ରହିଥିଲେ। ଓପନର ପ୍ରଥୁମ ନିଶାଙ୍କା ୨୪ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବାଂଲାଦେଶର ତାଇଜୁଲ ଇସ୍‌ଲାମ ୩ ୱିକେଟ ନେଇଥିଲେ। ବର୍ଷା ଯୋଗୁ ୫ମ ଦିବସର ଖେଳ ବାଧାପ୍ରାପ୍ତ ହୋଇଥଲା। ପ୍ରଥମ ଇନିଂସରେ ୧୪୮ ଓ ଦ୍ୱିତୀୟରେ ଅପରାଜିତ ୧୨୫ ରନର ଶତକୀୟ ପାଳି ଖେଳିଥିବା ବାଂଲାଦେଶ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସିରିଜ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆସନ୍ତା ୨୫ ତାରିଖରୁ କଲମ୍ବୋରେ ଆରମ୍ଭ ହେବ। ଏହାପରେ ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ଟି-୨୦ ସିରିଜ ଖେଳାଯିବ।






ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଏହି ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ହେବ ବୋଲି ୩୮ ବର୍ଷୀୟ ମାଥ୍ୟୁସ ପୂର୍ବରୁ ଘୋଷଣା କରିଥିଲେ। ଶନିବାର ସେ ଶ୍ରୀଲଙ୍କାର ୨ୟ ପାଳିରେ ୪୫ ବଲ୍ ସାମ୍ନା କରି ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ବିଦାୟୀ ପାଳିରେ ନିରାଶ କରିଥିଲେ ମଧ୍ୟ ମାଥ୍ୟୁସ ପ୍ୟାଭିଲିୟନ ଫେରିବାବେଳେ ଘରୋଇ ଦର୍ଶକଙ୍କ ସାମ୍ନାରେ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ସମୟରେ ଫିଲ୍ଡରେ ଥିବା ବାଂଲାଦେଶ ଖେଳାଳିମାନେ ମାଥ୍ୟୁସଙ୍କ ନିକଟରୁ ଆସି ତାଙ୍କ ସହ ହାତ ମିଳାଇ ବିଦାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗଲ୍ ଷ୍ଟାଡିୟମରେ ହିଁ ୨୦୦୯ରେ ପାକିସ୍ତାନ ବିପକ୍ଷରେ ଖେଳି ମାଥ୍ୟୁସ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ୧୧୮ ଟେଷ୍ଟ ମ୍ୟାଚ୍ ଖେଳି ସେ ୪୪.୪୦ ହାରରେ ୮୨୧୪ ରନ କରିଛନ୍ତି। ଯେଉଁଥିରେ ୧୬ ଶତକ ଓ ୪୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ସେ ଟେଷ୍ଟରେ ମଧ୍ୟ ୩୩ ୱିକେଟ୍ ନେଇଛନ୍ତି।

■ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

## ଭୁବନେଶ୍ୱର-ଏ ଓ କଟକ-ଏ ଫାଇନାଲ ଆଜି

**କଟକ, ୨୧।୬ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭୁବନେଶ୍ୱର-ଏ ଓ କଟକ-ଏ ପ୍ରବେଶ କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ରବିବାର ଫାଇନାଲ ମୁକାବିଲା ହେବ। ଶନିବାର ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ଼ ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର-ଏ ୬ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଦଳ ୧୨୧ ରନରେ ଅଲଆଉଟ ହୋଇଥିଲା। ଶ୍ରେୟାଂଶୁ ପଟ୍ଟନାୟକ ସର୍ବାଧିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ଓମ ବେହେରାଙ୍କୁ ୬ଟି ୱିକେଟ ମିଳିଥିଲା। ତେବେ ୧୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ସୁନ୍ଦରଗଡ଼ ୨୨.୨ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ୬୫ ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ଖେଳ ଆରମ୍ଭ ହୋଇ ନପାରିବା ଯୋଗୁଁ ଡିଏଲଏସ୍ ପଦ୍ଧତିରେ ଭୁବନେଶ୍ୱର-ଏକୁ ବିଜୟୀ ଘୋଷିତ କରାଯାଇଛି।



ଓମ ବେହେରା



ପ୍ରଜ୍ଞା କୁମାର ପତ୍ରି

୧୫ ରନ ବ୍ୟୟ କରି ୩ ୱିକେଟ ସଫଳତା ପାଇଥିବା ବିଜୟୀ ଦଳର ପ୍ରଜ୍ଞା କୁମାର ପତ୍ରିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ଓ ଭୁବନେଶ୍ୱର-ବି ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବା ବେଳେ ନକଆଉଟ ପର୍ଯ୍ୟାୟ ପଏଣ୍ଟ ଆଧାରରେ କଟକ-ଏ’କୁ ବିଜୟୀ ଘୋଷିତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS